
TESS India

# ମୁଖ୍ୟ ସମ୍ବଳ





ଭାରତରେ ବିଦ୍ୟାଳୟ ଭିତ୍ତିକ
ସହାୟତା ମାଧ୍ୟମରେ ଶିକ୍ଷକ ଶିକ୍ଷା

www.TESS-India.edu.in

The Open University

UKaid from the British people

cc BY SA
http://creativecommons.org/licenses/

*ଭାରତରେ ବିଦ୍ୟାଳୟ ଭିତ୍ତିକ ସହଯୋଗ ମାଧ୍ୟମରେ ଶିକ୍ଷକ ଶିକ୍ଷା (ଟେସ-ଇଣ୍ଡିଆ) କାର୍ଯ୍ୟକ୍ରମ ଶିକ୍ଷକମାନଙ୍କୁ 'ମୁକ୍ତ ଶୈକ୍ଷିକ ସଂବଳ' ମାଧ୍ୟମରେ ଶିକ୍ଷାର୍ଥୀ କୈନ୍ଦ୍ରିକ, ସହଭାଗୀ ଶିକ୍ଷାପଦ୍ଧତିଗୁଡ଼ିକର ବିକାଶ କରିବାରେ ସହାୟତା ଦେବା ସହ ଭାରତରେ ଥିବା ପ୍ରାରମ୍ଭିକ ଓ ମାଧ୍ୟମିକ ଶିକ୍ଷକମାନଙ୍କ ଶ୍ରେଣୀଗୃହରେ କାର୍ଯ୍ୟଧାରା ଅଭିବୃଦ୍ଧି ପାଇଁ ଲକ୍ଷ୍ୟ ରଖିଛି । ଟେସ୍-ଇଣ୍ଡିଆର ଏହି 'ମୁକ୍ତ ଶୈକ୍ଷିକ ସଂବଳ' ଶିକ୍ଷକମାନଙ୍କ ପାଇଁ ବିଦ୍ୟାଳୟ ପାଠ୍ୟପୁସ୍ତକର ଏକ ସହଯୋଗୀ ଅଟେ । ଏଗୁଡ଼ିକ, ଅନ୍ୟ ଶିକ୍ଷକମାନେ ପ୍ରସଙ୍ଗଟିକୁ କିପରି ପଢ଼ାଇଛନ୍ତି ତାହା ପ୍ରଦର୍ଶନ କରିବା ସହ ଶ୍ରେଣୀଗୃହରେ ଶିକ୍ଷାର୍ଥୀମାନଙ୍କ ସହ ପ୍ରାକ୍ ପରୀକ୍ଷଣ ପାଇଁ ଶିକ୍ଷଣକାର୍ଯ୍ୟମାନ ଯୋଗାଇ ଦେଇଥାଏ । ଏହା ବ୍ୟତିତ ଶିକ୍ଷକମାନଙ୍କୁ ସେମାନଙ୍କ ପାଠ ଯୋଜନା ଏବଂ ବିଷୟଗତ ଜ୍ଞାନର ଅଭିବୃଦ୍ଧି ପାଇଁ ଏହା ସଂଯୋଗ ସ୍ଥାପନ କରେ ।*

*ଟେସ୍-ଇଣ୍ଡିଆର 'ମୁକ୍ତ ଶୈକ୍ଷିକ ସଂବଳ'ଗୁଡ଼ିକ ଭାରତୀୟ ପାଠ୍ୟ ଖସଡ଼ା ଓ ପରିପେକ୍ଷୀ ଅନୁଯାୟୀ ଉଭୟ ଭାରତୀୟ ଓ ଆର୍ନ୍ତଜାତୀୟ ଲେଖକମାନଙ୍କ ସହଭାଗୀତାରେ ପ୍ରସ୍ତୁତ । ଏହା ଉଭୟ ଅନ୍‌ଲାଇନ ଓ ମୁଦ୍ରିତ ଭାବେ ବ୍ୟବହାର ପାଇଁ ଇଣ୍ଟରନେଟ୍ (http://www.tess-india.edu.in/)ରେ ଉପଲବ୍ଧ । 'ମୁକ୍ତ ଶୈକ୍ଷିକ ସଂବଳ'ଗୁଡ଼ିକ ବିଭିନ୍ନ ଭାଷାରେ ଅନୁବାଦ କରାଯାଇ ଉପଲବ୍ଧ କରାଯାଇଛି ଓ ଟେସ୍-ଇଣ୍ଡିଆର କାର୍ଯ୍ୟକ୍ରମ ଚାଲୁଥିବା ଭାରତୀୟ ରାଜ୍ୟଗୁଡ଼ିକ ପାଇଁ ଉପଯୁକ୍ତ ଅଟେ । ଏହାର ବ୍ୟବହାରକାରୀମାନଙ୍କୁ ସ୍ଥାନୀୟ ପ୍ରାସଙ୍ଗିକତା ଓ ଆବଶ୍ୟକତାକୁ ଭରଣା କରିବା ନିମିତ୍ତ ସ୍ଥାନୀୟକରଣ କରି ଗ୍ରହଣ କରିବାକୁ ଆମନ୍ତ୍ରିତ କରାଯାଇଛି । ଟେସ୍-ଇଣ୍ଡିଆ ଭାରତ ଓ ଯୁକ୍ତରାଜ୍ୟ ସରକାରଙ୍କ ମିଳିତ କାର୍ଯ୍ୟକ୍ରମର ଏକ ଅଂଶ ଓ ଯୁକ୍ତରାଜ୍ୟ ର ମୁକ୍ତ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ।*

### ଭିଡ଼ିଓ ସମ୍ବଳ ସମୂହ

*ଏହି ଏକକରେ କେତେକ କାର୍ଯ୍ୟମାନ ସଙ୍କେତ ସହ ସମ୍ମିଳିତ କରାଯାଇଛି । ଟେସ-ଇଣ୍ଡିଆର 'ଭିଡ଼ିଓ ସମ୍ବଳ ସମୂହ' ଶିକ୍ଷା ତତ୍ତ୍ୱ ଆଧାରିତ । ଏଥିରେ ଥିବା ଭିଡ଼ିଓଗୁଡ଼ିକ ନିର୍ଦ୍ଦିଷ୍ଟ ବିଷୟ ପାଇଁ ଭାରତୀୟ ଶ୍ରେଣୀଗୃହ ପରିପ୍ରେକ୍ଷୀରେ ପଢ଼ାଇବାର କୌଶଳଗୁଡ଼ିକୁ ସଚିତ୍ର ବର୍ଣ୍ଣନା କରିଛି। ଆମେ ଆଶାକରୁ ଯେ ଏଗୁଡ଼ିକ ଆପଣମାନଙ୍କୁ ଅନୁରୂପ କାର୍ଯ୍ୟଧାରାଗୁଡ଼ିକର ପରୀକ୍ଷଣ ନିମିତ୍ତ ଅନୁପ୍ରେରିତ କରିବ । ଏହିସବୁ ଆପଣଙ୍କ ଦ୍ୱାରା କରାଯାଉଥିବା ପାଠ୍ୟପୁସ୍ତକ ଆଧାରିତ କାର୍ଯ୍ୟଗୁଡ଼ିକର ଅଭିଜ୍ଞତା ବୃଦ୍ଧି କରିବା ନିମିତ୍ତ ଅଭିପ୍ରେରିତ। ଟେସ୍-ଇଣ୍ଡିଆ ଭିଡ଼ିଓ ସମ୍ବଳ ସମୂହ ଅନ୍‌ଲାଇନ୍‌ରେ http://www.tess-india.edu.in/) ଉପଲବ୍ଧ ଓ ଡାଉନ୍‌ଲୋଡ୍ କରାଯାଇପାରିବ। ଆପଣମାନେ ଏହି ଭିଡ଼ିଓଗୁଡ଼ିକୁ ସି.ଡ଼ି. ବା ମେମୋରୀ କାର୍ଡ଼ ମାଧ୍ୟମରେ ବ୍ୟବହାର କରି ପାରିବେ ।*

*ଓଡ଼ିଆ ସଂକଳନ ୧.୦ ମୁଖ୍ୟ ସମ୍ବଳ ୦୫ ଓଡ଼ିଆ ଭାଷାନ୍ତର ସହାୟତା : ଭାରତ ଜ୍ଞାନ ବିଜ୍ଞାନ ସମିତି : ଓଡିଶା*

*ଏହି ସଂକଳନଟି 'ଟେସ୍ ଇଣ୍ଡିଆର ମୁକ୍ତ ଶିକ୍ଷା ସମ୍ବଳ'ର ମୁଖ୍ୟ ସମ୍ବଳ ସଂକଳନର ଏକ ଭାଗ ଅଟେ। ମୂଳ ଇଂରାଜୀ ଲେଖାର ଓଡ଼ିଆ ଭାଷାନ୍ତର ଡକ୍ଟର ମୋହିତ ମୋହନ ମହାନ୍ତି କରିଛନ୍ତି। ଏହି ସଂକଳନରେ ବ୍ୟବହୃତ ହୋଇଥିବା ତୃତୀୟ ପକ୍ଷ ସାଧନ ବ୍ୟତୀତ ଅନ୍ୟ ସମସ୍ତ ସମ୍ବଳ/ଲେଖ http://creativecommons.org /licenses/by-sa/3.0/ରେ ମୁକ୍ତ ବ୍ୟବହାର ପାଇଁ ଉପଲବ୍ଧ ଅଟେ।*

# ବିଷୟସୂଚୀ

୧. ପ୍ରଗତି ଓ କାର୍ଯ୍ୟ ସଂପାଦନର ମୂଲ୍ୟ ନିର୍ଦ୍ଧାରଣ କରିବା
୨. ତଦାରଖ କରିବା ଓ ପ୍ରତିପୁଷ୍ଟି ଦେବା
୩. ଗଳ୍ପକଥନ, ଗୀତ, ଭୂମିକା ଅଭିନୟ, ନାଟକ
୪. ସ୍ଥାନୀୟ ସମ୍ବଳ ବ୍ୟବହାର କରିବା
୫. ଯୋଡ଼ିକାର୍ଯ୍ୟର ବ୍ୟବହାର
୬. ଦଳଗତ କାର୍ଯ୍ୟର ବ୍ୟବହାର
୭. ପାଠ ଯୋଜନା ପ୍ରସ୍ତୁତି
୮. ଚିନ୍ତନର ବିକାଶ ପାଇଁ 'ପ୍ରଶ୍ନ ପଚାରିବା' ବ୍ୟବହାର କରିବା
୯. ଶିକ୍ଷଣ ପାଇଁ କଥାବାର୍ତ୍ତା
୧୦. ସମସ୍ତଙ୍କ ସମ୍ପୃକ୍ତି
୧୧. NCF/ NCFTEର ଶିକ୍ଷାଦାନ ଆବଶ୍ୟକତା

## ସମ୍ବଳ 1 : ପ୍ରଗତି ଓ କାର୍ଯ୍ୟ ସଂପାଦନର ମୂଲ୍ୟ ନିର୍ଦ୍ଧାରଣ କରିବା

ଶିକ୍ଷାର୍ଥୀର ଶିକ୍ଷଣର ମୂଲ୍ୟ ନିର୍ଦ୍ଧାରଣର ଦୁଇଟି ଉଦ୍ଦେଶ୍ୟ ଥାଏ:

- **ସମାପ୍ତିସୂଚକ ମୂଲ୍ୟ ନିର୍ଦ୍ଧାରଣ :** ଏଥିରେ ଶିକ୍ଷାର୍ଥୀ କ'ଣ ଶିଖିଛି ତାହା ସଂପର୍କରେ ବିଚାର କରିଥାଏ। ଏହା ପରୀକ୍ଷଣ ମାଧ୍ୟମରେ କରାଯାଇଥାଏ ଓ ଫଳାଫଳକୁ ଗ୍ରେଡ୍‌ରେ ସୂଚାଇଯାଇଥାଏ ଏବଂ ପରୀକ୍ଷଣରେ ଥିବା ପ୍ରଶ୍ନଗୁଡ଼ିକ ଶିକ୍ଷାର୍ଥୀର ଯୋଗ୍ୟତା ସଂପର୍କରେ କହିଥାଏ। ଏହା ମଧ୍ୟ ଶିକ୍ଷାର୍ଥୀର ଫଳାଫଳର ବିବରଣୀ ଦେବାରେ ସହାୟକ ହୋଇଥାଏ।
- **ଗଠନମୂଳକ ମୂଲ୍ୟ ନିର୍ଦ୍ଧାରଣ** (ବା ଶିକ୍ଷଣ ପାଇଁ ମୂଲ୍ୟନିର୍ଦ୍ଧାରଣ) ହେଉଛି ସଂପୂର୍ଣ୍ଣ ଭିନ୍ନ। ଏହା ସ୍ୱଭାବରେ ଅନୌପଚାରିକ ଓ ନିଦାନାତ୍ମକ। ଶିକ୍ଷକମାନେ ଏହାକୁ ଶିକ୍ଷାଦାନ ପ୍ରକ୍ରିୟାର ଅଂଶ ଭାବେ ବ୍ୟବହାର କରନ୍ତି । ଉଦାହରଣସ୍ୱରୂପ, ଶିକ୍ଷାର୍ଥୀମାନେ କିଛି ବୁଝିଛନ୍ତି କି ନାହିଁ ଜାଣିବା ପାଇଁ ଶିକ୍ଷକ ପ୍ରଶ୍ନ ପଚାରନ୍ତି । ଏହାର ଫଳାଫଳକୁ ପରବର୍ତ୍ତୀ ଶିକ୍ଷଣ ଅଭିଜ୍ଞତାର ପରିବର୍ତ୍ତନ ପାଇଁ ବ୍ୟବହୃତ କରାଯାଏ । ତଦାରଖ କରିବା ଓ ମତାମତ ପ୍ରଦାନ କରିବା ଗଠନମୂଳକ ମୂଲ୍ୟ ନିର୍ଦ୍ଧାରଣର ଅଂଶ ଅଟେ।

ଗଠନମୂଳକ ମୂଲ୍ୟ ନିର୍ଦ୍ଧାରଣ ଶିକ୍ଷଣ ଅଭିବୃଦ୍ଧି ଘଟାଏ, କାରଣ ଏଥିରେ ଅଧିକାଂଶ ଶିକ୍ଷାର୍ଥୀ ଶିଖିବା ପାଇଁ ନିମ୍ନ ସବୁ ଜାଣିବା ଦରକାର:


- ସେମାନଙ୍କଠାରୁ ଯାହା ଶିଖିବା ଆଶା କରାଯାଏ ତାହା ବୁଝିବେ।
- ଶିକ୍ଷଣରେ ସେମାନଙ୍କର ବର୍ତ୍ତମାନର ସ୍ଥିତି ଜାଣିବେ ।
- ସେମାନେ କିଭଳି ଅଗ୍ରଗତି କରିପାରିବେ ବୁଝିବେ (କ'ଣ ଓ କିପରି ଅଧ୍ୟୟନ କରିବାକୁ ହେବ)।
- କେତେବେଳେ ସେମାନେ ଲକ୍ଷ୍ୟ ବା ପ୍ରତ୍ୟାଶିତ ଫଳାଫଳ ହାସଲ କରିପାରିଲେ ତାହା ଜାଣିବେ ।

ଜଣେ ଶିକ୍ଷକ ଭାବରେ ପ୍ରତି ପାଠରେ ଉପରୋକ୍ତ ଚାରିଗୋଟି କଥାକୁ ଯଦି ଆପଣ ଗୁରୁତ୍ୱ ଦେବେ ତେବେ ଶିକ୍ଷାର୍ଥୀଙ୍କଠାରେ ସର୍ବୋତ୍ତମ ଫଳାଫଳ ପାଇପାରିବେ । ଏହିପରି ଶିକ୍ଷାଦାନ ପୂର୍ବରୁ, ଶିକ୍ଷାଦାନ ଚାଲିଥିଲାବେଳେ ଓ ଶିକ୍ଷାଦାନ ପରେ ମଧ୍ୟ ମୂଲ୍ୟାୟନ କରାଯାଇପାରିବ।

- **ଶିକ୍ଷାଦାନ ପୂର୍ବରୁ** : ଶିକ୍ଷାଦାନ ଆରମ୍ଭ ପୂର୍ବରୁ ମୂଲ୍ୟ ନିର୍ଦ୍ଧାରଣ କରାଯିବା ଦ୍ୱାରା ଶିକ୍ଷାର୍ଥୀ କ'ଣ ସବୁ ଜାଣନ୍ତି ଓ କ'ଣ କରିପାରିବ ତାହା ଜାଣିବାରେ ଆପଣଙ୍କୁ ସହାୟକ ହେବ । ଏହା ଶିକ୍ଷାର୍ଥୀର ଜ୍ଞାନର ମୂଳ ଆଧାର (base line) ସ୍ଥିର କରିଥାଏ ଓ ଆପଣଙ୍କୁ ଶିକ୍ଷାଦାନର ଯୋଜନା ପ୍ରସ୍ତୁତ କରିବା ପାଇଁ ଏକ ନିର୍ଦ୍ଦିଷ୍ଟ ଆରମ୍ଭ ବିନ୍ଦୁ (starting point) ଦେଇଥାଏ। ଶିକ୍ଷାର୍ଥୀ କ'ଣ ଜାଣନ୍ତି ତାହା ବୁଝିବା ଦ୍ୱାରା ତାକୁ ପୁନଃ ଶିକ୍ଷା ଦେବାର ସମ୍ଭାବ୍ୟତା ହ୍ରାସ ପାଇଥାଏ।
- **ଶିକ୍ଷାଦାନ ସମୟରେ :**ଶିକ୍ଷାଦାନ ସମୟରେ ମୂଲ୍ୟନିର୍ଦ୍ଧାରଣ କରାଯିବା ଦ୍ୱାରା ଶିକ୍ଷାର୍ଥୀମାନେ ଶିଖୁଛନ୍ତି କି ନାହିଁ କିମ୍ବା ଅଗ୍ରଗତି କରୁଛନ୍ତି କି ନାହିଁ ତାହା ଜାଣି ହୁଏ । ଏହା ଆପଣଙ୍କୁ ଆପଣଙ୍କର ଶିକ୍ଷାଦାନ ପଦ୍ଧତି, ସମ୍ବଳ ଓ ଶିକ୍ଷଣକାର୍ଯ୍ୟରେ ସମଯୋଜନ (adjustment)କରିବାରେ ସାହାଯ୍ୟ କରିପାରିବ । ଶିକ୍ଷାର୍ଥୀମାନେ ଇପ୍‌ସିତ ଲକ୍ଷ୍ୟ ଆଡ଼କୁ କିପରି ଅଗ୍ରସର ହେଉଛନ୍ତି ଓ ଆପଣଙ୍କର ଶିକ୍ଷାଦାନ କେତେ ଫଳପ୍ରଦ ତାହା ବୁଝିବାରେ ଏହା ଆପଣଙ୍କୁ ସାହାଯ୍ୟ କରିବ ।
- **ଶିକ୍ଷାଦାନ ପରେ :** ଶିକ୍ଷାଦାନ ପରେ କରାଯାଉଥିବା ମୂଲ୍ୟାୟନ ଶିକ୍ଷାର୍ଥୀ କ'ଣ ଶିଖିଲା ତାହା ନିଶ୍ଚିତ କରାଏ। କିଏ ଶିଖି ସାରିଛି ଓ କିଏ ଶିଖିବା ପାଇଁ ଅଧିକ ସହାୟତା ଆବଶ୍ୟକ କରୁଛି ତାହା ମଧ୍ୟ ଏହି ମୂଲ୍ୟାୟନରୁ ଜଣାପଡ଼ିଥାଏ । ଏହା ମଧ୍ୟ ଆପଣଙ୍କୁ ଶିକ୍ଷାଦାନ ଲକ୍ଷ୍ୟର ଫଳପ୍ରଦତାର ମୂଲ୍ୟାୟନ କରିବାରେ ସାହାଯ୍ୟ କରିବ ।

**ଶିକ୍ଷାଦାନ ପୂର୍ବରୁ :ଆପଣଙ୍କର ଶିକ୍ଷାର୍ଥୀମାନେ କ'ଣ ଶିଖିବେ ତାହା ନିଶ୍ଚିତ ହୁଅନ୍ତୁ।**

ଯେତେବେଳେ ଶିକ୍ଷାର୍ଥୀମାନେ ଗୋଟିଏ ପାଠ ବା ଏକାଧିକ ପାଠରୁ ନିଶ୍ଚିତ ଶିଖିବେ ବୋଲି ଆପଣ ନିଷ୍ପତ୍ତି ନେଉଛନ୍ତି, ସେମାନଙ୍କ ସହିତ ଏ ସଂପର୍କରେ ଆଲୋଚନା କରିବା ଆବଶ୍ୟକ। ଆପଣ ସେମାନଙ୍କୁ କ'ଣ କ'ଣ କରିବା ଚାହୁଁଛନ୍ତି ଓ ସେଥିରୁ ଶିକ୍ଷାର୍ଥୀମାନେ କ'ଣ ଶିଖିବା ଆପଣ ଆଶା କରୁଛନ୍ତି – ଏ ଦୁଇଟି ମଧ୍ୟରେ ଆପଣ ପ୍ରଭେଦ ଜାଣିବା ଆବଶ୍ୟକ। ସେମାନଙ୍କୁ ଗୋଟିଏ ମୁକ୍ତ ଉତ୍ତରମୂଳକ ପ୍ରଶ୍ନ ପଚାରନ୍ତୁ ଯେଉଁଥିରୁ ସେମାନେ କ'ଣ ବୁଝିଛନ୍ତି ତାହା ମୂଲ୍ୟାୟନ କରିବା ପାଇଁ ଆପଣଙ୍କୁ ସୁଯୋଗ ଦେବ। ଉଦାହରଣସ୍ୱରୂପ:




ଶିକ୍ଷାର୍ଥୀମାନେ ଉତ୍ତର ଦେବା ପୂର୍ବରୁ ସେମାନଙ୍କୁ ଚିନ୍ତା କରିବା ପାଇଁ କିଛି ସମୟ ଦିଅନ୍ତୁ କିମ୍ବା ସେମାନଙ୍କୁ କ୍ଷୁଦ୍ର ଦଳରେ ବା ଯୋଡ଼ିରେ ଉତ୍ତର ସଂପର୍କରେ କୁହନ୍ତୁ। ସେମାନେ ଯେତେବେଳେ ଆପଣଙ୍କୁ ଉତ୍ତର କହିବେ, ସେମାନଙ୍କ ଧାରଣାଗୁଡ଼ିକୁ ବୁଝିଛନ୍ତି କି ନାହିଁ ଆପଣ ଜାଣିପାରିବେ ଏବଂ ସେମାନେ ଆଉ କ'ଣ ଶିଖିବା ଆବଶ୍ୟକ ଆପଣ ମଧ୍ୟ ବୁଝିପାରିବେ।

## ଶିକ୍ଷାଦାନ ପୂର୍ବରୁ: ଶିକ୍ଷଣରେ ଶିକ୍ଷାର୍ଥୀମାନେ କେଉଁଠି ଅଛନ୍ତି ତାହା ଜାଣିବା

ଆପଣଙ୍କ ଶିକ୍ଷାର୍ଥୀଙ୍କୁ ଶିକ୍ଷଣ ଅଗ୍ରଗତିରେ ସାହାଯ୍ୟ କରିବା ନିମନ୍ତେ ଉଭୟ ଶିକ୍ଷକ ଓ ଶିକ୍ଷାର୍ଥୀ ଜାଣିବା ଦରକାର ଯେ ଶିକ୍ଷାର୍ଥୀମାନେ ଜ୍ଞାନ ଓ ବୋଧରେ କେଉଁଠାରେ ଅଛନ୍ତି। ନିର୍ଦ୍ଧାରିତ ଶିକ୍ଷଣ ଫଳାଫଳ ବା ଲକ୍ଷ୍ୟକୁ ଥରେ ଆପଣ ଆଲୋଚନା କରିବା ପାଇଁ ଆପଣ ନିମ୍ନ କାର୍ଯ୍ୟ କରିବା ଆବଶ୍ୟକ :

- ଶିକ୍ଷାର୍ଥୀମାନଙ୍କୁ ଯୋଡ଼ି(pair)ରେ କାମ କରିବାକୁ କୁହନ୍ତୁ। ଏକ ନିର୍ଦ୍ଦିଷ୍ଟ ପ୍ରସଙ୍ଗ (ଆଲୋଚ୍ୟ ବିଷୟ)ରେ ଶିକ୍ଷାର୍ଥୀମାନେ ଯାହା ଜାଣିଛନ୍ତି ତା'ର ତାଲିକା କରିବେ ବା ମାନସ ଚିତ୍ରଣ(mind map)ପ୍ରସ୍ତୁତ କରିବେ। ଏହା କରିବା ପାଇଁ ସେମାନଙ୍କୁ ପର୍ଯ୍ୟାପ୍ତ ସମୟ ଦିଅନ୍ତୁ କିନ୍ତୁ ବହୁତ ଅଧିକ ସମୟ ନୁହେଁ। ଏହା ପରେ ଆପଣ ମାନସ ଚିତ୍ରଣକୁ ବା ତାଲିକାକୁ ସମୀକ୍ଷା କରିପାରିବେ।
- କଳାପଟାରେ ଗୁରୁତ୍ୱପୂର୍ଣ୍ଣ ଶବ୍ଦଗୁଡ଼ିକୁ ଲେଖି ଦିଅନ୍ତୁ ଏବଂ ପ୍ରତ୍ୟେକ ଶବ୍ଦ ବିଷୟରେ ସେମାନେ କ'ଣ ଜାଣିଛନ୍ତି ତାହା ସ୍ୱେଚ୍ଛାକୃତଭାବେ କହିବାକୁ କୁହନ୍ତୁ। ଶ୍ରେଣୀର ଅନ୍ୟ ଶିକ୍ଷାର୍ଥୀଙ୍କୁ କୁହନ୍ତୁ, ଯଦି ସେମାନେ ସେହି ଶବ୍ଦକୁ ବୁଝିଛନ୍ତି ତେବେ ସେମାନଙ୍କର ବୁଢ଼ା ଆଙ୍ଗୁଳିକୁ ଉପରକୁ ଉଠାଇବେ, ଯଦି ସେମାନେ ଆଦୌ ବୁଝିନାହାନ୍ତି ବା ସାମାନ୍ୟ ବୁଝିଛନ୍ତି ତେବେ ବୁଢ଼ା ଆଙ୍ଗୁଳିକୁ ତଳକୁ କରିବେ। ଯଦି ସେମାନେ କିଛି ବୁଝିଛନ୍ତି ତେବେ ବୃଦ୍ଧାଙ୍ଗୁଳିକୁ ଭୂସମାନ୍ତର କରି ଦେଖାଇବେ।

କେଉଁଠାରୁ ଆରମ୍ଭ କରିବାକୁ ହେବ ଜାଣିଲେ ଆପଣଙ୍କ ଶିକ୍ଷାର୍ଥୀଙ୍କ ପାଇଁ ଏକ ପ୍ରାସଙ୍ଗିକ ଓ ଗଠନାତ୍ମକ ପାଠ ଯୋଜନା ପ୍ରସ୍ତୁତ କରିପାରିବ । ଆପଣଙ୍କ ଶିକ୍ଷାର୍ଥୀମାନେ କେତେ ଭଲଭାବରେ ଶିକ୍ଷା ଗ୍ରହଣ କରୁଛନ୍ତି ତାହା ସେମାନେ ନିଜେ ମୂଲ୍ୟାୟନ କରିବାକୁ ସମର୍ଥ ହେବା ଆବଶ୍ୟକ –ଏହା ଆପଣଙ୍କୁ ଓ ଶିକ୍ଷାର୍ଥୀମାନଙ୍କୁ ଜାଣିବା ଆବଶ୍ୟକ ଯେ, ସେମାନେ କ'ଣ ଶିଖିବାକୁ ଯାଉଛନ୍ତି। ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କର ଶିକ୍ଷଣର ଦାୟିତ୍ୱ ନେବା ପାଇଁ ସୁଯୋଗ ଦେବା ଦ୍ୱାରା ସେମାନଙ୍କୁ ଜୀବନବ୍ୟାପୀ ଶିକ୍ଷାର୍ଥୀ ହେବାରେ ସାହାଯ୍ୟ କରିପାରିବ।

## ଶିକ୍ଷାଦାନ ସମୟରେ : ଶିକ୍ଷଣରେ ଶିକ୍ଷାର୍ଥୀଙ୍କ ଅଗ୍ରଗତିକୁ ନିଶ୍ଚିତ କରିବା

ଆପଣ ଯେତେବେଳେ ଶିକ୍ଷାର୍ଥୀମାନଙ୍କ ସହିତ ସେମାନଙ୍କର ସାଂପ୍ରତିକ ଅଗ୍ରଗତି ସଂପର୍କରେ ଆଲୋଚନା କରୁଛନ୍ତି, ଏହା ନିଶ୍ଚିତ କରନ୍ତୁ ଯେ ସେମାନେ ଆପଣଙ୍କ ଦ୍ୱାରା ଦିଆଯାଉଥିବା ମତାମତକୁ ଦରକାରୀ ଓ ଗଠନାତ୍ମକ ବୋଲି ବିଚାର କରୁଛନ୍ତି। ଏହିପରି କରନ୍ତୁ:

- ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କର ସାମର୍ଥ୍ୟ ଜାଣିବା ଓ ସେମାନେ କିପରି ଅଧିକତର ଉନ୍ନତି କରିବେ ତାହା ଜାଣିବାରେ ସାହାଯ୍ୟ କରନ୍ତୁ।
- ଅଧିକ ଅଭିବୃଦ୍ଧି ନିମନ୍ତେ ସେମାନଙ୍କ ପାଇଁ ଯାହା ଦରକାର ସେ ସଂପର୍କରେ ସ୍ୱଷ୍ଟ ହୁଅନ୍ତୁ।
- ସେମାନେ କିପରି ଶିକ୍ଷଣରେ ଉନ୍ନତି କରିବେ, ସେମାନଙ୍କର ବୋଧକୁ ନିୟନ୍ତ୍ରଣ କରିବେ ଓ ଆପଣଙ୍କ ଉପଦେଶକୁ ବ୍ୟବହାର କରିବାକୁ ସମର୍ଥ ହେବେ ସେଥିପାଇଁ ସକାରାତ୍ମକ ହୁଅନ୍ତୁ।

ଶିକ୍ଷାର୍ଥୀମାନେ ସେମାନଙ୍କର ଶିକ୍ଷଣରେ ଅଗ୍ରଗତି କରିବା ପାଇଁ ଆପଣ ସେମାନଙ୍କୁ ସୁଯୋଗ ଦେବା ଦରକାର। ଅର୍ଥାତ୍, ଆପଣଙ୍କ ପାଠ ଯୋଜନାରେ ପରିବର୍ତ୍ତନ କରିବା ଦରକାର ଯେପରି ସେମାନଙ୍କର ବର୍ତ୍ତମାନର ଶିକ୍ଷଣ ସ୍ଥିତି ଓ ସେମାନେ କ'ଣ ଶିଖିବା ଆବଶ୍ୟକ ମଧ୍ୟରେ ଥିବା ପାର୍ଥକ୍ୟକୁ କମ୍ କରାଯାଇପାରିବ। ଏଥିପାଇଁ ଆପଣଙ୍କୁ ନିମ୍ନମତେ କରିବାକୁ ହେବ–

- ସେମାନେ ଆଗରୁ ଜାଣିଛନ୍ତି ବୋଲି ଆପଣ ଭାବୁଥିବା କେତେକ କାର୍ଯ୍ୟକୁ ଯାଆନ୍ତୁ।
- ଆବଶ୍ୟକତା ଅନୁଯାୟୀ ଦଳଗଠନ କରି ଦଳକୁ ପୃଥକ କାର୍ଯ୍ୟ ଦିଅନ୍ତୁ।
- ପାର୍ଥକ୍ୟ(gap)କୁ ପୂରଣ କରିବା ପାଇଁ ଶିକ୍ଷାର୍ଥୀମାନେ କେଉଁ ସମ୍ବଳ ଆବଶ୍ୟକ କରୁଛନ୍ତି ତାହା ସ୍ଥିର କରିବା ପାଇଁ ସେମାନଙ୍କୁ ଉତ୍ସାହିତ କରନ୍ତୁ।
- ଅତି ସୁବିଧାରୁ କଷ୍ଟ (lowentry- high ceiling) କାର୍ଯ୍ୟର ବ୍ୟବହାର କରନ୍ତୁ ଯେପରି ସମସ୍ତ ଶିକ୍ଷାର୍ଥୀ ଶିକ୍ଷଣ ଅଗ୍ରଗତି କରିପାରିବେ- ଏଗୁଡ଼ିକ ଏପରି ପ୍ରସ୍ତୁତ ହୋଇଥାଏ ଯେଉଁଥିରେ ସମସ୍ତ ଶିକ୍ଷାର୍ଥୀ କାର୍ଯ୍ୟ ଆରମ୍ଭ କରିପାରିବେ। କିନ୍ତୁ ଦକ୍ଷ ଶିକ୍ଷାର୍ଥୀମାନଙ୍କ ନିମନ୍ତେ କାର୍ଯ୍ୟ କରିବାର ସୀମିତତା ନ ଥାଏ ଏବଂ ସେମାନେ ଶିକ୍ଷଣକୁ ଅଗ୍ରଗତି କରିଥାଆନ୍ତି।

ଶିକ୍ଷାଦାନର ଗତିକୁ କମାଇ ଦେବା ଦ୍ୱାରା, ଅନେକ ସମୟରେ ଆପଣ ଶିକ୍ଷଣର ଗତିକୁ ବଢ଼ାଇ ପାରିବେ କାରଣ ଏହା ଦ୍ୱାରା ଆପଣ ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କ ଅଗ୍ରଗତି ନିମନ୍ତେ ଚିନ୍ତା କରିବା ଓ ବୁଝିବା ପାଇଁ ସମୟ ଦେଇଥା'ନ୍ତି ଓ ଏହା ସେମାନଙ୍କର ଆତ୍ମବିଶ୍ୱାସ ବୃଦ୍ଧି କରିଥାଏ। ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କ କାର୍ଯ୍ୟ ସଂପର୍କରେ କଥାବାର୍ତ୍ତା କରିବାକୁ ଅନୁମତି ଦିଆଗଲେ ସେମାନେ ତାଙ୍କ ଶିକ୍ଷଣରେ କେଉଁଠାରେ ସମସ୍ୟା ରହୁଛି ତାହା ଉପରେ ଚିନ୍ତନ କରିପାରିବେ ଏବଂ ନିଜେ ନିଜକୁ ମୂଲ୍ୟାୟନ କରିବା ପାଇଁ ଆପଣ ସେମାନଙ୍କୁ ବାଟ ବତାଇ ପାରିବେ।

### ଶିକ୍ଷାଦାନ ପରେ : ତଥ୍ୟ ସଂଗ୍ରହ କରି ତା'ର ବ୍ୟାଖ୍ୟାକରିବା ଓ ପରବର୍ତ୍ତୀ ଯୋଜନା ପ୍ରସ୍ତୁତ କରିବା

ଯେତେବେଳେ ଶ୍ରେଣୀରେ ଶିକ୍ଷାଦାନ-ଶିକ୍ଷଣ ସଂଗଠିତ ହେଉଥାଏ ଏବଂ ପରେ ଶ୍ରେଣୀକାର୍ଯ୍ୟ କିମ୍ବା ଗୃହକାର୍ଯ୍ୟ ନିର୍ଦ୍ଧାରଣ କରିବାବେଳେ ନିମ୍ନଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ :

- ଆପଣଙ୍କ ଶିକ୍ଷାର୍ଥୀମାନେ କେତେ ଭଲ ଭାବରେ କାର୍ଯ୍ୟ କରୁଛନ୍ତି ତାହା ଜାଣିବା
- ପରବର୍ତ୍ତୀ ପାଠ ଯୋଜନା ପାଇଁ ତାହାକୁ ବ୍ୟବହାର କରିବା
- ଶିକ୍ଷାର୍ଥୀମାନଙ୍କୁ ସେ ସଂପର୍କରେ ପ୍ରତିପୁଷ୍ଟି(feedback)ଦେବା

ମୂଲ୍ୟ ନିର୍ଦ୍ଧାରଣର ଚାରିଗୋଟି ମୁଖ୍ୟ ଅବସ୍ଥା ସଂପର୍କରେ ନିମ୍ନରେ ଆଲୋଚନା କରାଯାଇଛି :

## ସୂଚନା ବା ତଥ୍ୟ ସଂଗ୍ରହ କରିବା

ପ୍ରତ୍ୟେକ ଶିକ୍ଷାର୍ଥୀ ଶ୍ରେଣୀଗୃହରେ ଓ ବାହାରେ ତାର ନିଜସ୍ୱ ବେଗରେ ଓ ଢ଼ଙ୍ଗରେ ଶିଖିଥାଏ । ତେଣୁ ଶିକ୍ଷାର୍ଥୀଙ୍କୁ ମୂଲ୍ୟନିର୍ଦ୍ଧାରଣ କରିବାବେଳେ ଆପଣଙ୍କୁ ଦୁଇଟି କାମ କରିବାର ଆବଶ୍ୟକ :

- ବିଭିନ୍ନ ଉତ୍ସରୁ ତଥ୍ୟ ସଂଗ୍ରହ କରନ୍ତୁ – ଆପଣଙ୍କ ନିଜ ଅଭିଜ୍ଞତାରୁ, ଶିକ୍ଷାର୍ଥୀ ଠାରୁ, ଅନ୍ୟ ଶିକ୍ଷାର୍ଥୀଙ୍କ ଠାରୁ, ଅନ୍ୟ ଶିକ୍ଷକଙ୍କ ଠାରୁ, ପିତାମାତା ଓ ଗୋଷ୍ଠୀର ସଦସ୍ୟଙ୍କ ଠାରୁ।
- ବ୍ୟକ୍ତିଗତ ଭାବରେ, ଯୋଡ଼ିରେ ଓ ଦଳରେ ଶିକ୍ଷାର୍ଥୀର ମୂଲ୍ୟନିର୍ଦ୍ଧାରଣ କରନ୍ତୁ ଏବଂ ସ୍ୱ-ମୂଲ୍ୟନିର୍ଦ୍ଧାରଣକୁ ପ୍ରୋତ୍ସାହିତ କରନ୍ତୁ । ଯେହେତୁ ଗୋଟିଏ ପଦ୍ଧତି ଆପଣଙ୍କ ଆବଶ୍ୟକ କରୁଥିବା ସମସ୍ତ ତଥ୍ୟ ପ୍ରଦାନ କରିବାକୁ ଅସମର୍ଥ, ଏକାଧିକ ପଦ୍ଧତିର ପ୍ରୟୋଗ ଗୁରୁତ୍ୱପୂର୍ଣ। ଶିକ୍ଷାର୍ଥୀର ଶିକ୍ଷଣ ଓ ଅଗ୍ରଗତି ସଂପର୍କରେ ତଥ୍ୟ ସଂଗ୍ରହ କରିବା ନିମନ୍ତେ ବିଭିନ୍ନ ଉପାୟ ଅବଲମ୍ବନ କରାଯାଇପାରେ। ଯେପରି- ପର୍ଯ୍ୟବେକ୍ଷଣ କରିବା, ଶିକ୍ଷାର୍ଥୀଙ୍କୁ ଶୁଣିବା, ପାଠ ସଂପର୍କରେ ଆଲୋଚନା କରିବା, ଲିଖିତ କାର୍ଯ୍ୟ ଓ ଗୃହ କାର୍ଯ୍ୟକୁ ସମୀକ୍ଷା କରିବା ଇତ୍ୟାଦି।

## ଲିପିବଦ୍ଧକରଣ

ଭାରତରେ ପ୍ରାୟ ସମସ୍ତ ବିଦ୍ୟାଳୟରେ ଶିକ୍ଷାର୍ଥୀ ପ୍ରଗତି ଫର୍ଦ୍ଦ(report card)କୁ ସାଧାରଣଭାବେ ଲିପିବଦ୍ଧ ପାଇଁ ବ୍ୟବହାର କରାଯାଇଥାଏ, କିନ୍ତୁ ଏଥିରେ ଆପଣ ଶିକ୍ଷାର୍ଥୀର ଶିକ୍ଷଣ ବା ବ୍ୟବହାରର ସମସ୍ତ ଦିଗକୁ ଲିପିବଦ୍ଧ କରିପାରନ୍ତି ନାହିଁ। ଏହା କରିବା ପାଇଁ କେତେକ ସରଳ ଉପାୟ ନିମ୍ନରେ ବର୍ଣ୍ଣନା କରାଯାଇଛି।

- ଶିକ୍ଷଣ- ଶିକ୍ଷାଦାନ ଚାଲିଥିବା ସମୟରେ ଆପଣ ଯାହା ପର୍ଯ୍ୟବେକ୍ଷଣ କରୁଛନ୍ତି ତାହାକୁ ଡ଼ାଏରୀ / ଖାତା / ବିବରଣ ଖାତାରେ ଲେଖି ରଖନ୍ତୁ (ଲିଖିତ କାର୍ଯ୍ୟ, ଚିତ୍ର, ହସ୍ତ କର୍ମ, ପ୍ରକଳ୍ପ ଚିତ୍ର, କବିତା ଇତ୍ୟାଦି)।
- ଶିକ୍ଷାର୍ଥୀର କାର୍ଯ୍ୟର ନମୁନାକୁ ତା'ର ପୋର୍ଟଫୋଲିଓରେ ରଖନ୍ତୁ।
- ପ୍ରତ୍ୟେକ ଶିକ୍ଷାର୍ଥୀର ବିବରଣୀ ପତ୍ରିକା(profile)ତିଆରି କରନ୍ତୁ।
- କୌଣସି ଅସାଧାରଣ ଘଟଣା, ପରିବର୍ତ୍ତନ, ସମସ୍ୟା, ସାମର୍ଥ୍ୟ ଓ ଶିକ୍ଷଣ ତଥ୍ୟକୁ ଲିପିବଦ୍ଧ କରନ୍ତୁ।

## ତଥ୍ୟକୁ ବ୍ୟାଖ୍ୟା କରିବା

ଏକଦା ସୂଚନା ଓ ତଥ୍ୟ ସଂଗୃହୀତ ହୋଇ ଲିପିବଦ୍ଧ ହୋଇଯିବା ପରେ ଏହା ଖୁବ୍ ଗୁରୁତ୍ୱପୂର୍ଣ୍ଣ ଯେ ତାହାକୁ ବ୍ୟାଖ୍ୟା କରି ସେଥିରୁ ପ୍ରତ୍ୟେକ ଶିକ୍ଷାର୍ଥୀର ଶିକ୍ଷଣ ଓ ଅଗ୍ରଗତିକୁ ବୁଝିବା। ଏଥିପାଇଁ ସାବଧାନତାର ସହ ଚିନ୍ତନ ଓ ବିଶ୍ଳେଷଣର ଆବଶ୍ୟକତା ଅଛି। ଆପଣଙ୍କ ବିଶ୍ଳେଷଣ ଆଧାରରେ ଆପଣ ଶିକ୍ଷଣରେ ଉନ୍ନତି ଆଣିପାରିବେ, ଶିକ୍ଷାର୍ଥୀମାନଙ୍କୁ ପ୍ରତିପୁଷ୍ଟି ଦେଇପାରିବେ କିମ୍ବା ନୂତନ ସମ୍ବଳ ଖୋଜି ପାରିବେ। ଦଳଗୁଡ଼ିକରେ ପୁନର୍ବିନ୍ୟାସ କରିପାରିବେ କିମ୍ବା କୌଣସି ଶିକ୍ଷଣ ବିଷୟବସ୍ତୁକୁ ଶିକ୍ଷାର୍ଥୀଙ୍କ ନିମନ୍ତେ ପୁନର୍ବାର ଶିକ୍ଷାଦାନ କରିପାରିବେ।

## ଅଗ୍ରଗତି / ଉନ୍ନତି ନିମନ୍ତେ ଯୋଜନା ପ୍ରସ୍ତୁତ କରିବା

ପ୍ରତ୍ୟେକ ଶିକ୍ଷାର୍ଥୀଙ୍କ ନିମନ୍ତେ ଅର୍ଥପୂର୍ଣ୍ଣ ଶିକ୍ଷଣ ସୁଯୋଗ ସୃଷ୍ଟି କରିବା ନିମନ୍ତେ ମୂଲ୍ୟନିର୍ଦ୍ଧାରଣ ଆପଣଙ୍କୁ ସାହାଯ୍ୟ କରିପାରିବ। ଆପଣ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ନିର୍ଦ୍ଦିଷ୍ଟ ଓ ଭିନ୍ନ ଶିକ୍ଷଣକାର୍ଯ୍ୟର ବ୍ୟବସ୍ଥା କରିପାରିବ, ଯେଉଁ ଶିକ୍ଷାର୍ଥୀମାନେ ଅଧିକ ସହାୟତା ଆଶା କରୁଛନ୍ତି ସେମାନଙ୍କୁ ସାହାଯ୍ୟ କରିପାରିବେ ଏବଂ ଆଗୁଆ ଶିକ୍ଷାର୍ଥୀଙ୍କ ପାଇଁ ସମୃଦ୍ଧ କାର୍ଯ୍ୟର ବ୍ୟବସ୍ଥା କରିପାରିବେ।

## ସମ୍ବଳ 2 : ତଦାରଖ କରିବା ଓ ପ୍ରତିପୁଷ୍ଟି ଦେବା

ଶିକ୍ଷାର୍ଥୀମାନଙ୍କର ଶିକ୍ଷଣ ଫଳାଫଳରେ ଉନ୍ନତି ହେବା ସହିତ ସେମାନଙ୍କୁ ନିରନ୍ତର ଭାବେ ତଦାରଖ କରିବା ଓ ସେମାନଙ୍କୁ ସହାୟତା ଦେବା ସଂପୃକ୍ତ, ତେଣୁ ସେମାନଙ୍କଠାରୁ କ'ଣ ଆଶା କରାଯାଉଛି ତାହା ସେମାନେ ଜାଣିବା କଥା ଓ ପାଠ କାର୍ଯ୍ୟ ସମାପ୍ତି ପରେ ସେମାନେ ପ୍ରତିପୁଷ୍ଟି ପାଇବା ଆବଶ୍ୟକ। ରଚନାତ୍ମକ ପ୍ରତିପୁଷ୍ଟି ଦ୍ୱାରା ସେମାନେ ନିଜର ଫଳାଫଳରେ ଉନ୍ନତି ଆଣିପାରିବେ।

### ତଦାରଖ କରିବା

ଫଳପ୍ରଦ ଶିକ୍ଷକମାନେ ଅଧିକାଂଶ ସମୟରେ ସେମାନଙ୍କ ଶିକ୍ଷାର୍ଥୀଙ୍କୁ ତଦାରଖ କରିଥାନ୍ତି। ସାଧାରଣତଃ ଅଧିକାଂଶ ଶିକ୍ଷକ ସେମାନଙ୍କ ଶିକ୍ଷାର୍ଥୀଙ୍କ ଶ୍ରେଣୀ କାର୍ଯ୍ୟକୁ ଶୁଣି ଓ ପର୍ଯ୍ୟବେକ୍ଷଣ କରି ତଦାରଖ କରନ୍ତି। ଶିକ୍ଷାର୍ଥୀଙ୍କ ଅଗ୍ରଗତିକୁ ତଦାରଖ କରିବା ଖୁବ୍ ଗୁରୁତ୍ୱପୂର୍ଣ୍ଣ କାରଣ ଏହା ନିମ୍ନମତେ ସେମାନଙ୍କୁ ସହାୟକ ହୋଇଥାଏ :

- ଉଚ୍ଚତର ଗ୍ରେଡ୍ (ଡିଭିଜନ / ଶ୍ରେଣୀ)ରେ ଉତ୍ତୀର୍ଣ୍ଣ ହେବା।
- ନିଜର ପ୍ରଦର୍ଶନ /କାର୍ଯ୍ୟ ସଂପାଦନ ସଂପର୍କରେ ଅଧିକ ସଚେତନ ହେବ (ଓ ନିଜର ଶିକ୍ଷଣ ନିମନ୍ତେ ଦାୟିତ୍ୱ ସଂପନ୍ନ ହେବ)।
- ଶିକ୍ଷଣରେ ଉନ୍ନତି କରିବା
- ରାଜ୍ୟସ୍ତରୀୟ ଓ ଆଞ୍ଚଳିକ ମାନକ ପରୀକ୍ଷଣରେ (Standardized Test) ଫଳାଫଳକୁ କଳନା କରିବା

ଏହା ମଧ୍ୟ ଶିକ୍ଷକଭାବେ ଆପଣଙ୍କୁ ନିମ୍ନ ନିଷ୍ପତ୍ତି ନେବାରେ ସହାୟକ ହୋଇଥାଏ :

- କେତେବେଳେ ଶିକ୍ଷାର୍ଥୀଙ୍କୁ ପ୍ରଶ୍ନ ପଚରାଯିବ ଓ ଉତ୍ସାହିତ କରାଯିବ।
- କେତେବେଳେ ପ୍ରଶଂସା କରାଯିବ।
- କୌଣସି ଘଟଣା ସଂପର୍କରେ ପ୍ରତିଯୋଗୀତାର ଆହ୍ୱାନ ଦିଆଯିବ କି ନାହିଁ।
- ଏକ କାର୍ଯ୍ୟରେ ବିଭିନ୍ନ ଦଳର ଶିକ୍ଷାର୍ଥୀଙ୍କୁ କିପରି ସଂପୃକ୍ତ କରାହେବ।
- ଶିକ୍ଷାର୍ଥୀମାନଙ୍କର ଭୁଲ୍ ସଂପର୍କରେ କ'ଣ କରାଯିବ।

ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କ ଅଗ୍ରଗତି ସଂପର୍କରେ ସ୍ପଷ୍ଟ ଓ ତ୍ୱରିତ ପ୍ରତିପୁଷ୍ଟି ଦିଆଗଲେ ସେମାନେ ଉନ୍ନତି କରିଥାନ୍ତି। ଶିକ୍ଷାର୍ଥୀଙ୍କୁ ନିୟମିତ ପ୍ରତିପୁଷ୍ଟି ଦେବା, ଆପଣଙ୍କ ଶିକ୍ଷାର୍ଥୀମାନେ କଣ କରୁଛନ୍ତି ଜାଣିବା ଓ ସେମାନଙ୍କ ଶିକ୍ଷଣରେ ପ୍ରଗତି କରିବା ପାଇଁ କ'ଣ କରାଯିବ ତାହା ଜାଣିବା ପାଇଁ ତଦାରଖ ଆପଣଙ୍କୁ ସମର୍ଥ କରାଇବ। ଆପଣ ସେମାନଙ୍କର ଶିକ୍ଷଣ ଲକ୍ଷ୍ୟ ସ୍ଥିର କରିବାରେ ସାହାଯ୍ୟ କରିବା କ୍ଷେତ୍ରରେ ଆପଣ ଯେଉଁ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି ତାହା ହେଲା ସ୍ୱ-ତଦାରଖ (Self-monitoring) ଶିକ୍ଷାର୍ଥୀମାନେ, ବିଶେଷକରି ଶିଖିବାରେ ସମସ୍ୟାର ସମ୍ମୁଖୀନ ହେଉଥିବା ଶିକ୍ଷାର୍ଥୀମାନେ ନିଜ ଶିକ୍ଷଣର ମାଲିକାନା ନେଇନଥାନ୍ତି। କିନ୍ତୁ ଆପଣ ସେମାନଙ୍କୁ ଲକ୍ଷ୍ୟ ସ୍ଥିର କରିପାରିବା, କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବା, ସମୟସୀମା ସ୍ଥିର କରିବା, ନିଜ ଅଗ୍ରଗତିର ତଦାରଖ କରିବାରେ ସାହାଯ୍ୟ କରିପାରିବେ। ସ୍ୱ-ତଦାରଖ କୌଶଳକୁ ଅଭ୍ୟାସ କରିବା ଓ ସେଥିରେ ନିପୁଣତା ହାସଲ କରିବା ଦ୍ୱାରା ସେମାନେ ବିଦ୍ୟାଳୟରେ ଓ ଦୈନନ୍ଦିନ ଜୀବନରେ କାର୍ଯ୍ୟଗୁଡ଼ିକୁ ଭଲଭାବରେ କରିପାରିଥାଆନ୍ତି।

### ଶିକ୍ଷାର୍ଥୀମାନଙ୍କୁ ଶୁଣିବା ଓ ପର୍ଯ୍ୟବେକ୍ଷଣ କରିବା

ଅଧିକାଂଶ ସମୟରେ ଶିକ୍ଷାର୍ଥୀଙ୍କୁ ଶୁଣିବା ଓ ପର୍ଯ୍ୟବେକ୍ଷଣ କରିବା କାର୍ଯ୍ୟ ଶିକ୍ଷକଙ୍କ ଦ୍ୱାରା ସ୍ୱାଭାବିକ ଭାବେ ହୋଇଥାଏ। ଏହା ନିଶ୍ଚିତ ଭାବେ ତଦାରଖର ଏକ ସାଧନ। ଉଦାହରଣ ସ୍ୱରୂପ :

- ଶିକ୍ଷାର୍ଥୀମାନଙ୍କ ଉଚ୍ଚ ପଠନକୁ ଶୁଣିବା
- ସେମାନଙ୍କର ଦଳଗତ ଆଲୋଚନା ବା ଯୋଡି କାର୍ଯ୍ୟ ଆଲୋଚନାକୁ ଶୁଣିବା

- ଶ୍ରେଣୀ ବାହାରେ ହେଉ ବା ଶ୍ରେଣୀ ଭିତରେ ହେଉ ବିଭିନ୍ନ ସମ୍ବଳର ବ୍ୟବହାର ବେଳେ ସେମାନଙ୍କୁ ପର୍ଯ୍ୟବେକ୍ଷଣ କରିବା
- ଦଳରେ କାର୍ଯ୍ୟ କରୁଥିବା ବେଳେ ସେମାନଙ୍କ ଶରୀରର ଭାଷା କୁ ପର୍ଯ୍ୟବେକ୍ଷଣ କରିବା।

ଏହା ନିଶ୍ଚିତ ହୁଅନ୍ତୁ ଯେ ପର୍ଯ୍ୟବେକ୍ଷଣରୁ ଆପଣ ଶିକ୍ଷାର୍ଥୀଙ୍କ ଶିକ୍ଷଣ ସମ୍ବନ୍ଧୀୟ ପାଉଥିବା ସତ୍ୟ / ଠିକ୍ ତଥ୍ୟ ସଂଗ୍ରହ କରୁଛନ୍ତି। ଆପଣ ଯାହା ଦେଖିଲେ, ଶୁଣିଲେ ବା ଯାହା ଯଥାର୍ଥତା ପ୍ରତିପାଦନ କଲେ ତାହାକୁ ଲିପିବଦ୍ଧ କରନ୍ତୁ।

ଶିକ୍ଷାର୍ଥୀମାନେ କାର୍ଯ୍ୟ କରୁଥିବା ସମୟରେ ଶ୍ରେଣୀ ମଧ୍ୟରେ ବୁଲି ଆସନ୍ତୁ ଓ ସଂକ୍ଷିପ୍ତ ପର୍ଯ୍ୟବେକ୍ଷଣ ବିବରଣୀ ପ୍ରସ୍ତୁତ କରନ୍ତୁ। ଆପଣ କେଉଁ ଶିକ୍ଷାର୍ଥୀମାନଙ୍କୁ ଅଧିକ ସହାୟତା ଦେବେ ତାକୁ ଲିପିବଦ୍ଧ କରନ୍ତୁ ଓ ଶ୍ରେଣୀରେ ଦୃଶ୍ୟମାନ ହେଉଥିବା ଭୁଲ୍ ବୁଝାମଣାର ବିବରଣୀ ପ୍ରସ୍ତୁତ କରନ୍ତୁ। ଏହି ପର୍ଯ୍ୟବେକ୍ଷଣ ଓ ବିବରଣୀ ସାମଗ୍ରୀ ଶ୍ରେଣୀକୁ ପ୍ରତିପୁଷ୍ଟି ଦେବା ପାଇଁ ବ୍ୟବହାର କରିପାରିବେ। ପର୍ଯ୍ୟବେକ୍ଷଣ ଆଧାରରେ ଶିକ୍ଷାର୍ଥୀମାନଙ୍କୁ ଦଳରେ ହେଉ ବା ବ୍ୟକ୍ତିଗତ ଭାବରେ ହେଉ ଶିଖିବା ନିମନ୍ତେ ଉତ୍ସାହିତ କରିପାରିବେ।

## ପ୍ରତିପୁଷ୍ଟି ଦେବା

ପ୍ରତିପୁଷ୍ଟି ହେଉଛି ବାର୍ତ୍ତା ବା ସୂଚନା (ମତାମତ) ଯାହା ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କର ଫଳାଫଳ ସଂପର୍କରେ ଦିଆଯାଇଥାଏ। ଏହି ଫଳାଫଳ ଏକ ନିର୍ଦ୍ଦିଷ୍ଟ ଶିକ୍ଷଣ ଉଦ୍ଦେଶ୍ୟକୁ ଭିତ୍ତିକରି ପ୍ରସ୍ତୁତ କରାଯାଏ। ଫଳପ୍ରଦ ପ୍ରତିପୁଷ୍ଟି ଶିକ୍ଷାର୍ଥୀମାନଙ୍କୁ ନିମ୍ନ ସୂଚନା ଦେଇଥାଏ :

- କ'ଣ ଘଟୁଛି ତାହା ସଂପର୍କରେ ସୂଚନା
- କାର୍ଯ୍ୟଟି କେତେ ଭଲଭାବରେ ହେଲା ତା'ର ଏକ ମୂଲ୍ୟାୟନ (କାର୍ଯ୍ୟର ଗୁଣାତ୍ମକ ମାନ)
- କାର୍ଯ୍ୟ ସଂପାଦନରେ କିପରି ଉନ୍ନତି ଅଣାଯାଇ ପାରିବ ସେ ସଂପର୍କରେ ପଥ ପ୍ରଦର୍ଶନ କରିବା

ଯେତେବେଳେ ଆପଣ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ପ୍ରତିପୁଷ୍ଟି ଦେଉଛନ୍ତି, ଏହା ସେମାନଙ୍କୁ ନିମ୍ନ ଦିଗ ସଂପର୍କରେ ଜାଣିବାରେ ସହାୟକ ହେବ:


- ସେମାନେ ପ୍ରକୃତରେ କ'ଣ କରିପାରିଲେ
- ସେମାନେ ଏ ପର୍ଯ୍ୟନ୍ତ କ'ଣ କରିପାରିନାହାନ୍ତି
- ସେମାନେ କିପରି ଉନ୍ନତି ସାଧନ କରିବେ

ଏହା ମନେରଖିବା ଉଚିତ୍ ଯେ ଫଳପ୍ରଦ ପ୍ରତିପୁଷ୍ଟି ଶିକ୍ଷାର୍ଥୀଙ୍କୁ ସାହାଯ୍ୟ କରିଥାଏ। ଅସ୍ପଷ୍ଟ ହେଉ ବା ଅନ୍ୟାୟଯୁକ୍ତ ହେଲେ, ତାହା ଶିକ୍ଷାର୍ଥୀଙ୍କୁ ଶିଖିବା ପାଇଁ ବାରଣ କରିଥାଏ। ଫଳପ୍ରଦ ପ୍ରତିପୁଷ୍ଟି ହେଉଛି

- ଲକ୍ଷ୍ୟ କୈନ୍ଦ୍ରିକ (focused) : କେଉଁ କାର୍ଯ୍ୟ ସଂପାଦନ ହେବ ଓ ଶିକ୍ଷାର୍ଥୀମାନେ ସେହି କାର୍ଯ୍ୟରୁ କ'ଣ ଶିଖିବା ଉଚିତ୍।
- ସ୍ୱଚ୍ଛ ଓ ବିଶ୍ୱାସଯୋଗ୍ୟ (clean and honest) : ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କର ଶିକ୍ଷଣ ସମ୍ବନ୍ଧୀୟ ଭଲ କଥାଗୁଡ଼ିକ କୁହନ୍ତୁ ଓ ଶିକ୍ଷଣରେ ଅଗ୍ରଗତି ନିମନ୍ତେ ସେମାନେ କ'ଣ କରିବା ଉଚିତ୍ ସେ ସଂପର୍କରେ ସୂଚନା ଦିଅନ୍ତୁ।
- କାର୍ଯ୍ୟ ହେବା ଯୋଗ୍ୟ (actionable) : ଶିକ୍ଷାର୍ଥୀମାନଙ୍କୁ କୁହନ୍ତୁ ସେମାନେ କି କାର୍ଯ୍ୟ କରିବେ। ସେହି କାର୍ଯ୍ୟଗୁଡ଼ିକୁ ସେମାନେ ସଂପାଦନ କରିବାକୁ ସମର୍ଥ ହେବା ଦରକାର।
- ଶିକ୍ଷାର୍ଥୀମାନେ ବୁଝିପାରିବା ଭଳି ଉପଯୁକ୍ତ ଭାଷା (appropriate language) ବ୍ୟବହାର ହେବା ଉଚିତ୍।
- ଉପଯୁକ୍ତ ସମୟ (appropriate time)ରେ ଦିଆଯିବା ଆବଶ୍ୟକ - ଯଦି ପ୍ରତିପୁଷ୍ଟି ଖୁବ୍ ଶୀଘ୍ର ଦିଆଯାଏ, ତେବେ ଶିକ୍ଷାର୍ଥୀମାନେ ଭାବିବେ 'ମୁଁ ଠିକ୍ ଏହା କରିବାକୁ ଯାଉଥିଲି!"; ଅତି ଡେ଼ରିରେ ଦିଆଗଲେ, ଶିକ୍ଷାର୍ଥୀଙ୍କ ଚିନ୍ତାଧାରା ଅନ୍ୟ ଆଡ଼କୁ ଯିବ ଓ ସେମାନଙ୍କୁ ଯାହା କୁହାଯିବ ସେଠାକୁ ଫେରି ଆସିବାକୁ ଚାହିଁବେ ନାହିଁ। ପ୍ରତିପୁଷ୍ଟି, ଲିଖିତ ବା ମୌଖିକ ହୋଇପାରେ; ସେ ଯାହାହେଉ ନା କାହିଁକି ଯଦି ନିମ୍ନ ନୀତି ଓ ନିୟମଗୁଡ଼ିକ ଅନୁସରଣ କରାଯିବ ତେବେ ଏହା ଫଳପ୍ରଦ ହେବ।

### ପ୍ରଶଂସା ଓ ସକାରାତ୍ମକ ଭାଷାର ବ୍ୟବହାର

ଆମକୁ ଯେତେବେଳେ ପ୍ରଶଂସା କରାଯାଏ ଓ ଉତ୍ସାହିତ କରାଯାଏ, ସାଧାରଣତଃ ଆମେ ସମାଲୋଚନା ହେଉଥିବା ପରିସ୍ଥିତି ଠାରୁ ନିଜକୁ ଖୁସି / ଆଶ୍ୱସ୍ତି ଅନୁଭବ କରିଥାଉ। ସକାରାତ୍ମକ ଭାଷା ଓ ଦୃଢ଼ୀକରଣ କାର୍ଯ୍ୟ ସମଗ୍ର ଶ୍ରେଣୀ ଓ ସମସ୍ତ ବୟସର ଶିକ୍ଷାର୍ଥୀଙ୍କୁ ଶିଖିବା ପାଇଁ ଅଭିପ୍ରେରିତ କରିଥାଏ। ମନେରଖନ୍ତୁ, ପ୍ରଶଂସା ନିର୍ଦ୍ଦିଷ୍ଟ ଓ ସଂପାଦିତ ହୋଇଥିବା କାର୍ଯ୍ୟକୁ ଲକ୍ଷ୍ୟକରି ହେବା ଉଚିତ୍। ଅନ୍ୟଥା ଏହା ଶିକ୍ଷାର୍ଥୀଙ୍କୁ ଅଗ୍ରଗତି କରିବାରେ ସହାୟକ ହେବ ନାହିଁ। 'ଭଲ କରିଛ' ଶବ୍ଦଟି ନିର୍ଦ୍ଦିଷ୍ଟ ନୁହେଁ। ଏଥିରେ ଉନ୍ନତି ଆଣି ଏହାକୁ ନିମ୍ନଭାବେ କୁହାଯାଇ ପାରିବ।




### ସ୍ମରଣ କରାଇବା ଓ ସଂଶୋଧନର ବ୍ୟବହାର

ଶିକ୍ଷାର୍ଥୀମାନଙ୍କ ସହିତ କଥୋପକଥନ ସେମାନଙ୍କୁ ଶିଖିବାରେ ସାହାଯ୍ୟ କରିଥାଏ। ଯଦି ଆପଣ ସେମାନଙ୍କୁ କହନ୍ତି ଯେ ତୁମର ଉତ୍ତର ଭୁଲ୍ ଅଛି ତେବେ ସେହି ମୁହୂର୍ତ୍ତରେ କଥୋପକଥନ ବନ୍ଦ ହୋଇଯାଇଥାଏ ଓ ଆପଣ ସେମାନଙ୍କର ଚିନ୍ତା କରିବାକୁ ଉଜ୍ଜୀବିତ ରଖିବା ପାଇଁ ସୁଯୋଗକୁ ହାତଛଡ଼ା କରି ଦିଅନ୍ତି। ଯଦି ଆପଣ ସେମାନଙ୍କୁ ପ୍ରଶ୍ନର ଉତ୍ତର କରିବାକୁ କିଛି ଆଭାସ ଦିଅନ୍ତି ବା ସେମାନଙ୍କୁ ଅନ୍ୟ ପ୍ରଶ୍ନ ପଚାରନ୍ତି ତେବେ ଆପଣ ସେମାନଙ୍କୁ ଅଧିକ ଚିନ୍ତା କରିବା ପାଇଁ ସ୍ମରଣ କରାଇଦେଇଥାଆନ୍ତି ଓ ଉତ୍ତର ବାହାର କରିବା ପାଇଁ ତଥା ନିଜ ଶିକ୍ଷଣର ଦାୟିତ୍ୱ ନେବା ପାଇଁ ଉତ୍ସାହିତ କରିଥାଆନ୍ତି। ଉଦାହରଣସ୍ୱରୂପ, ଆପଣ ସେମାନଙ୍କୁ ଅପେକ୍ଷାକୃତ ଭଲ ଉତ୍ତର ଦେବା ପାଇଁ କିମ୍ବା ସମସ୍ୟାକୁ ଭିନ୍ନ ଦୃଷ୍ଟିକୋଣରୁ ଦେଖିବା ପାଇଁ ଉତ୍ସାହିତ କରିପାରନ୍ତି, ସେଥିପାଇଁ ଆପଣ ନିମ୍ନ ଉକ୍ତିଗୁଡ଼ିକୁ କହିପାରନ୍ତି।




ଶିକ୍ଷାର୍ଥୀମାନେ ପରସ୍ପରକୁ ସାହାଯ୍ୟ କରିବା ପାଇଁ ଆପଣ ସେମାନଙ୍କୁ ଉତ୍ସାହିତ କରିପାରନ୍ତି। ଆପଣ ଶ୍ରେଣୀର ଅନ୍ୟ ଶିକ୍ଷାର୍ଥୀଙ୍କୁ ପ୍ରଶ୍ନ ପଚାରିବା ଆରମ୍ଭ କରି ଓ ନିମ୍ନ ମନ୍ତବ୍ୟ ଦେଇ ଏହି କାର୍ଯ୍ୟକୁ କରିପାରନ୍ତି।




ବନାନ କରିବା ବା ସଂଖ୍ୟାର ଅଭ୍ୟାସ ଭଳି କାର୍ଯ୍ୟରେ ଶିକ୍ଷାର୍ଥୀମାନଙ୍କର ଉତ୍ତରକୁ ସଂଶୋଧନ କରିବା ପାଇଁ 'ହଁ' ବା 'ନା' ଉପଯୁକ୍ତ ହୋଇପାରେ କିନ୍ତୁ ଏଠାରେ ଆପଣ ଶିକ୍ଷାର୍ଥୀମାନଙ୍କୁ ସଂରଚନା (Pattern) ଚିହ୍ନଟ କରିବା ପାଇଁ, ସମାନ ପ୍ରକାର ଉତ୍ତର ମଧ୍ୟରେ ସଂଯୋଗ ସ୍ଥାପନ କରିବା ପାଇଁ କିମ୍ବା କୌଣସି ଉତ୍ତର ଭୁଲ୍ ହେବାର କାରଣକୁ ଖୋଲା ଆଲୋଚନା କରିବା ପାଇଁ ସ୍ମରଣ କରାଇପାରନ୍ତି।

କାର୍ଯ୍ୟ ସ୍ୱ-ସଂଶୋଧନ ଓ ସହପାଠୀଙ୍କ ଦ୍ୱାରା ସଂଶୋଧନ ଖୁବ୍ ଫଳପ୍ରଦ। ଆପଣ ଶିକ୍ଷାର୍ଥୀମାନଙ୍କୁ ନିଜର ଉତ୍ତରକୁ ସଂଶୋଧନ କରିବାକୁ ଓ କୌଣସି କାର୍ଯ୍ୟ ବା ନ୍ୟସ୍ତ କାର୍ଯ୍ୟ (Assignment) ଚାଲିବା ସମୟରେ ପରସ୍ପର କାର୍ଯ୍ୟର ସଂଶୋଧନ କରିବାକୁ କହିପାରନ୍ତି। ଏହା ଖୁବ୍ ଭଲ ହେବ ଯଦି ଆପଣ ଏହି ସଂଶୋଧନ କାର୍ଯ୍ୟବେଳେ ଉତ୍ତରର ଯେକୌଣସି ଗୋଟିଏ ଦିଗ ଉପରେ ଗୁରୁତ୍ୱ ଦେବେ, ଯଦ୍ୱାରା ବହୁତଗୁଡ଼ିଏ ଗୋଳମାଳିଆ ସୂଚନା ସେମାନଙ୍କ ପାଖକୁ ଯିବ ନାହିଁ।

## ସମ୍ବଳ-3 : ଗଳ୍ପକଥନ, ଗୀତ, ଭୂମିକା ଅଭିନୟ, ନାଟକ

ଶିକ୍ଷଣ ଅନୁଭୂତିରେ ସକ୍ରିୟ ଅଂଶଗ୍ରହଣ ଦ୍ୱାରା ଶିକ୍ଷାର୍ଥୀମାନେ ଭଲଭାବରେ ଶିଖିପାରନ୍ତି। କୌଣସି ପ୍ରସଙ୍ଗରେ ଆଲୋଚନା ଓ ପରସ୍ପର ମଧ୍ୟରେ ଭାବର ଆଦାନପ୍ରଦାନ ଦ୍ୱାରା ଶିକ୍ଷାର୍ଥୀମାନଙ୍କର ବୋଧଶକ୍ତି ବୃଦ୍ଧି ପାଇଥାଏ। ଗଣିତ ଓ ବିଜ୍ଞାନ ସମେତ ପାଠ୍ୟକ୍ରମର ବିସ୍ତୃତ ପରିସର ପାଇଁ ଗଳ୍ପକଥନ, ଗୀତ, ଭୂମିକା ଅଭିନୟ, ନାଟକ ପରି କିଛି ପଦ୍ଧତିର ବ୍ୟବହାର କରାଯାଇ ପାରେ।

### ଗଳ୍ପକଥନ

ଗପ ଆମ ଜୀବନକୁ ଆନନ୍ଦିତ କରିଥାଏ। ଅନେକ ପାରମ୍ପରିକ ଗପ ଗୋଟିଏ ପିଢ଼ିରୁ ଅନ୍ୟପିଢ଼ିକୁ ଗଡି ଆସିଥାଏ। ପିଲାଦିନେ ଆମକୁ କୁହାଯାଇଥିବା ଗପ ଆମ ସମାଜର ନୀତିନିୟମ ଓ ମୂଲ୍ୟବୋଧକୁ ସୂଚାଇଥାଏ। ଶ୍ରେଣୀଗୃହରେ ଗପ ଏକ ବଳିଷ୍ଠ ମାଧ୍ୟମ। ଏଗୁଡ଼ିକ:-

- ଆମୋଦିତ କରିପାରେ ଓ ଭାବୋଦ୍ଦୀପକ ହୋଇପାରେ।
- ଦୈନନ୍ଦିନ ଜୀବନରୁ ଆମକୁ ଏକ କଳ୍ପନା ରାଜ୍ୟକୁ ନେଇଯାଇ ପାରେ।
- ଆହ୍ୱାନମୂଳକ ହୋଇପାରେ।
- ନୂଆ ନୂଆ ଭାବନା ପାଇଁ ଉଦ୍ଦୀପନା ସୃଷ୍ଟି କରିପାରେ।
- ଅନୁଭବର ସନ୍ଧାନ କରିପାରେ।
- କୌଣସି ପରିସ୍ଥିତିରେ ବାସ୍ତବତାଠାରୁ ଦୁରେଇଯାଇ ଥିବା ସମସ୍ୟାକୁ ନେଇ ଚିନ୍ତା କରିବାରେ ସହାୟକ ହୋଇଥାଏ। ଏହାଦ୍ୱାରା ପିଲାମାନେ ଭୟଭୀତ ହେବାର ଅବକାଶ କମ୍ ଥାଏ।

ଗପ କହିବା ସମୟରେ ପିଲାମାନଙ୍କ ସହ ଆଖିକୁ ଆଖି ମିଶାଇ କୁହନ୍ତୁ। ଭିନ୍ନ ଭିନ୍ନ ଚରିତ୍ର ପାଇଁ ସ୍ୱର ବଦଳାଇବା ଓ ଆବଶ୍ୟକ ସ୍ଥଳେ ସ୍ୱରର ଉତ୍ଥାନପତନ କରି ବଡ ପାଟିରେ କହିବା କିମ୍ବା ଫୁସଫୁସ୍ କରି କହିବା ଦ୍ୱାରା ଶିକ୍ଷାର୍ଥୀମାନେ ଆମୋଦିତ ହୋଇଥାନ୍ତି। ମୁଖ୍ୟ ଘଟଣାଗୁଡିକର ଅଭ୍ୟାସ କରିନିଅନ୍ତୁ, ଯାହା ଫଳରେ ପୁସ୍ତକର ସହାୟତା ନନେଇ ନିଜ ଭାଷାରେ ସେଗୁଡିକ ବର୍ଣ୍ଣନା କରି ପାରିବେ।

ଶ୍ରେଣୀଗୃହରେ ଗପଟିକୁ ଜୀବନ୍ତ କରିବା ପାଇଁ କିଛି ସହାୟକ ସାମଗ୍ରୀ ଯଥା ଚିତ୍ର, ବିଭିନ୍ନ ଜିନିଷ,ଡ୍ରଇଂସିଟ୍....ଇତ୍ୟାଦି ସାଙ୍ଗରେ ଆଣି ପାରନ୍ତି। ଗପଟିର ଆରମ୍ଭ କଲାବେଳେ ଏହାର ଉଦ୍ଦେଶ୍ୟ ପିଲାମାନଙ୍କୁ ନିଶ୍ଚିତ ଭାବରେ ବୁଝାଇଦେବେ ଏବଂ ସେମାନେ ଏଥିରୁ କଣ ଶିଖିବେ ସେ ବିଷୟରେ ସୁଚେଇ ଦେବେ। ଗପରେ ଥିବା ମୁଖ୍ୟ ଶବ୍ଦାବଳୀ ଗୁଡିକ ସୂଚୀତ କରିଦେବେ ଓ ଅନ୍ତର୍ନିହିତ ଚିନ୍ତାଧାରା ସଂପର୍କରେ ଧାରଣା ଦେବେ। ସାଂଗରେ ଜଣେ ପାରମ୍ପରିକ ଗପକହୁଥିବା ବ୍ୟକ୍ତିଙ୍କୁ ଆଣିପାରନ୍ତି କିନ୍ତୁ ଏହା ନିଶ୍ଚିତ କରନ୍ତୁ ଯେ ଗପରୁ କଣ ଶିଖିବା କଥା ତାହା ଉଭୟ ଗପ କହୁଥିବା ଲୋକ ଓ ଶିକ୍ଷାର୍ଥୀଙ୍କ ପାଇଁ ସ୍ପଷ୍ଟ ହେବା ଉଚିତ୍।

ଗଳ୍ପ କଥନ ଶିକ୍ଷାର୍ଥୀମାନଙ୍କର ଶୁଣିବା ବ୍ୟତୀତ ଅନ୍ୟାନ୍ୟ ଶିକ୍ଷଣକୁ ମଧ୍ୟ ତ୍ୱରାନ୍ୱିତ କରିଥାଏ। ଶିକ୍ଷାର୍ଥୀମାନଙ୍କୁ ଗଳ୍ପରେ ବର୍ଣ୍ଣିତ ସମସ୍ତ ରଙ୍ଗକୁ ଲେଖିନେବା , ଚିତ୍ର ଆଙ୍କିବା, ମୁଖ୍ୟ ଘଟଣାଗୁଡିକୁ ମନେ ପକାଇବା, କଥୋପକଥନ ପାଇଁ ସୁଯୋଗ ସୃଷ୍ଟି କରିବା ତଥା ଗପର ସମାପ୍ତିକୁ ବଦଳାଇବାକୁ କୁହାଯାଇ ପାରେ। ସେମାନଙ୍କୁ ବିଭିନ୍ନ ଦଳରେ ବିଭକ୍ତ କରାଯାଇ ପାରେ ତଥା କିଛି ଚିତ୍ର ଓ ସହାୟକ ଶିକ୍ଷଣ ସାମଗ୍ରୀ ଦେଇ ଭିନ୍ନ ଏକ ଦୃଷ୍ଟି ଭଙ୍ଗୀରେ ଗପଟିର ପୁନଃ ଅବତାରଣା କରିବାକୁ କୁହାଯାଇ ପାରେ। ଗପଟିର ବିଶ୍ଳେଷଣ କରି କେଉଁଟି ବାସ୍ତବ ଓ କେଉଁଟି କାଳ୍ପନିକ ତାହା ଚିହ୍ନଟ କରିବାକୁ କୁହାଯାଇ ପାରେ। ବିସ୍ମୟକର ଘଟଣାର ବିଜ୍ଞାନସମ୍ମତ ବ୍ୟାଖ୍ୟା କିମ୍ବା ଗାଣିତିକ ସମାଧାନ ଉପରେ ବିତର୍କ କରାଯାଇ ପାରେ।

ପିଲାମାନଙ୍କୁ ନିଜ ନିଜର ଗପ ତିଆରି କରିବାକୁ କୁହାଯାଇ ପାରେ ଯାହା ଏକ ବଳିଷ୍ଠ ଅସ୍ତ୍ର। ଗପର ଢାଞ୍ଚା, ବିଷୟବସ୍ତୁ ଓ ଭାଷା ଦିଆଯାଇ ତାରି ପରିସର ଭିତରେ କାମ କରିବାକୁ କୁହାଗଲେ ପିଲାମାନେ ନିଜ ତିଆରି ଗପ କହିପାରିବେ। ଏପରିକି ଗଣିତ ଓ ବିଜ୍ଞାନ ଭଳି ଜଟିଳ ବିଷୟର ଚିନ୍ତାଧାରାକୁ ନେଇ ମଧ୍ୟ ଗପ କହିପାରିବେ। ବାସ୍ତବରେ ପିଲାମାନେ ଭାବନା ନେଇ ଚିନ୍ତା କରନ୍ତି ଓ ସେଥିରୁ ନୂଆ ଅର୍ଥ ଖୋଜି ବାହାର କରନ୍ତି। ତାଙ୍କ ଗପରେ ଥିବା ରୂପକ ଅଳଙ୍କାର ମାଧ୍ୟମରେ ଅନ୍ତର୍ନିହିତଭାବନାର ନିଗୂଢ଼ ଅର୍ଥଗୁଡିକ ବୁଝିପାରନ୍ତି।

## ଗୀତ

ଗୀତ ଓ ସଙ୍ଗୀତ ଶ୍ରେଣୀରେ ଥିବା ବିଭିନ୍ନ ପ୍ରକାରର ଶିକ୍ଷାର୍ଥୀଙ୍କୁ କାର୍ଯ୍ୟକରିବା, ସଫଳ ହେବା ତଥା ଆଗକୁ ବଢିବାରେ ସାହାଯ୍ୟ କରିଥାଏ। ମିଳିତ ହୋଇ ଗୀତ ଗାଇବା ଦ୍ୱାରା ପରସ୍ପର ଭିତରେ ସଂପର୍କ ନିବିଡ ହୋଇଥାଏ। ଏକା କରୁଥିବା କାମ ଜଣେ ପିଲା ଉପରେ କେନ୍ଦ୍ରୀଭୂତ ହୋଇଥାଏ ମାତ୍ର ସମୂହ ଗାନରେ ପ୍ରତ୍ୟେକ ଶିକ୍ଷାର୍ଥୀ ପରସ୍ପର ସହିତ ମିଶି ଯାଆନ୍ତି। ଗୀତର ଛନ୍ଦ ଓ ତାଳ ଦ୍ୱାରା ଗୀତଗୁଡିକୁ ମନେ ରଖିବା ସହଜ ହୋଇଥାଏ ଏବଂ ଏହାଦ୍ୱାରା ପିଲାମାନଙ୍କର କଥନ ଓ ଅନ୍ୟାନ୍ୟ ଭାଷାଗତ ଦକ୍ଷତା ମଧ୍ୟ ବିକଶିତ ହୋଇଥାଏ।

ଆପଣ ନିଜେ ଜଣେ ଭଲ ଗାୟକ/ଗାୟିକା ନହୋଇ ପାରନ୍ତି ମାତ୍ର ଶ୍ରେଣୀରେ ଥିବା ଭଲ ଗାୟକମାନଙ୍କୁ ଆପଣ ନିଶ୍ଚୟ ଜାଣିଛନ୍ତି ଓ ତାଙ୍କର ସାହାଯ୍ୟ ମଧ୍ୟ ନେଇ ପାରନ୍ତି। ଅଙ୍ଗଭଙ୍ଗୀ ଓ ଶରୀରର ଛନ୍ଦ (ଗତିଶୀଳତା) ମାଧ୍ୟମରେ ଆପଣ ଗୀତଟିକୁ ମନଛୁଆଁ କରାଇପାରିବେ ତଥା ଗୀତର ଭାବ ପ୍ରକାଶ କରିପାରିବେ। ଜାଣିଥିବା ଗୀତଟିକୁ ଆପଣ ବ୍ୟବହାର କରିପାରିବେ ଏବଂ ଅପାଣଙ୍କର ଅଭିପ୍ରାୟକୁ ଖାପ ଖୁଆଇଲା ଭଳି କିଛି ଶବ୍ଦ ମଧ ବଦଳାଇ ଦେଇ ପାରିବେ। ଗୀତ ଗୁଡିକ କିଛି ସୂଚନା ବା ତଥ୍ୟ ମନେ ରଖିବା ଓ ସଂରକ୍ଷଣ ପାଇଁ ଉପାଦେୟ ପନ୍ଥା, ଏପରିକି ସୂତ୍ରାବଳୀ ଓ ତାଲିକା ଗୁଡିକୁ ମଧ୍ୟ ଗୀତ ଆକାରରେ ରଖାଯାଇ ପାରିବ। ଆପଣଙ୍କର କିଛି ଶିକ୍ଷାର୍ଥୀ ଏହି ପୁନଃଗଠନ ପାଇଁ ଗୀତ ଓ ପଦ୍ୟ ଲେଖି ନିଜ ସୃଜନଶକ୍ତିର ପରିଚୟ ଦେଇପାରନ୍ତି।

## ଭୂମିକା ଅଭିନୟ

ଗୋଟିଏ କ୍ଷୁଦ୍ର ନାଟ୍ୟରୂପରେ ଶିକ୍ଷାର୍ଥୀମାନେ କୌଣସି ଏକ ଚରିତ୍ରରେ ଅବତୀର୍ଣ୍ଣ ହେଲେ ତାକୁ ଅଭିନୟ କୁହାଯାଏ। ସେହି ଚରିତ୍ରର ଚାଲିଚଳନ ଓ ଉଦ୍ଦେଶ୍ୟ ଅନୁଭବ କରି ଶିକ୍ଷାର୍ଥୀମାନେ ଅଭିନୟ କରିଥାନ୍ତି। ଏଥିପାଇଁ କୌଣସି ପାଣ୍ଡୁଲିପି ଦିଆହୋଇନଥାଏ। କିନ୍ତୁ ଶିକ୍ଷକ ଆବଶ୍ୟକୀୟ ସୂଚନା ଦେବା ଜରୁରୀ ଯାହାଦ୍ୱାରା ଶିକ୍ଷାର୍ଥୀମାନେ ସେହି ଚରିତ୍ର ସମ୍ବନ୍ଧରେ ଧାରଣା କରିବାକୁ ସମର୍ଥ ହୋଇଥାନ୍ତି। ଅଭିନୟରେ ଅଂଶଗ୍ରହଣ କରୁଥିବା ପିଲାମାନେ ଯେପରି ସ୍ୱତଃସ୍ଫୂର୍ତ୍ତ ଭାବରେ ତାଙ୍କର ଚିନ୍ତାଧାରା ଓ ମନୋଭାବ ପ୍ରକାଶ କରିପାରିବେ ସେଥିପ୍ରତି ସେମାନଙ୍କୁ ଉତ୍ସାହିତ କରାଯିବା ଉଚିତ୍।

ଭୂମିକା ଅଭିନୟର ଅନେକ ସୁବିଧା ରହିଛି । କାରଣ ଏହା-

- ଅନ୍ୟମାନଙ୍କର ଭାବନାକୁ ବୁଝିବା ଭଳି କରିବା ବାସ୍ତବ ଓ ଜୀବନଧର୍ମୀ ପରିସ୍ଥିତିର ସନ୍ଧାନ କରିଥାଏ।
- ସିଦ୍ଧାନ୍ତ ନେବାର କୌଶଳ ବୃଦ୍ଧି ପାଇଁ ପ୍ରୋତ୍ସାହନ ଦେଇଥାଏ।
- ଶିକ୍ଷଣରେ ସମସ୍ତ ଶିକ୍ଷାର୍ଥୀଙ୍କର ସକ୍ରିୟ ଅଂଶଗ୍ରହଣ ଓ ନିଜର ଅବଦାନ ପାଇଁ ସମର୍ଥ କରିଥାଏ।
- ଉଚ୍ଚ ସ୍ତରର ଚିନ୍ତନ ପାଇଁ ପ୍ରେତ୍ସାହିତ କରିଥାଏ।

ଅଭିନୟ ଛଳରେ ଦୋକାନରୁ ସଉଦା କିଣିବା, ମେଳା ବୁଲିବା ଆଦି ବିଭିନ୍ନ ସାମାଜିକ ପରିସ୍ଥିତିରେ କଥାବାର୍ତ୍ତା କରିବା ପାଇଁ 'ଅଭିନୟ' କମ୍ ବୟସର ଶିକ୍ଷାର୍ଥୀମାନଙ୍କ ଭିତରେ ଆତ୍ମବିଶ୍ୱାସ ସୃଷ୍ଟି କରିଥାଏ। କିଛି ସହାୟକ ଶିକ୍ଷଣ ସାମଗ୍ରୀ ଦ୍ୱାରା 'ହୋଟେଲ୍', 'ଗ୍ୟାରେଜ୍' ଆଦି ସଙ୍କେତ ଥିବା ସହଜ ଦୃଶ୍ୟ ତିଆରି କରିପାରନ୍ତି। ପିଲାମାନଙ୍କୁ ପଚାରନ୍ତୁ, "ଏଠାରେ କିଏ କାମ କରନ୍ତି," 'ସେମାନେ କଣ କହନ୍ତି।' ଆମେ ତାଙ୍କୁ କ'ଣ ପ୍ରଶ୍ନ କରୁ ଇତ୍ୟାଦି। ଏହି ସବୁ କ୍ଷେତ୍ରରେ ଭିନ୍ନ ଭିନ୍ନ ଚରିତ୍ରମାନଙ୍କର କଥୋପକଥନର ଅଭିନୟ କରିବାକୁ ସେମାନଙ୍କୁ ଉତ୍ସାହିତ କରନ୍ତୁ ଓ ସେମାନଙ୍କର ଭାଷାର ବ୍ୟବହାରକୁ ଲକ୍ଷ୍ୟ କରନ୍ତୁ।

ଅଭିନୟ ବଡ ଶିକ୍ଷାର୍ଥୀମାନଙ୍କର ଜୀବନ କୌଶଳ ବିକାଶ କରିଥାଏ। ଉଦାହରଣ ସ୍ୱରୂପ, ଶ୍ରେଣୀଗୃହରେ ଆପଣ ଦ୍ୱନ୍ଦ୍ୱ ସମାଧାନର ପନ୍ଥା ବାହାର କରିପାରିବେ। ଆପଣଙ୍କ ବିଦ୍ୟାଳୟ ବା ଗୋଷ୍ଠୀର କୌଣସି ବାସ୍ତବ ଘଟଣା ବ୍ୟବହାର କରିବା ପରିବର୍ତ୍ତେ ସେହିପରି ଅନ୍ୟ ଏକ ପୃଥକ୍ ଚିତ୍ରପଟର ଅବତାରଣା କରନ୍ତୁ ଯେଉଁଥିରେ ଏକା ପ୍ରକାରର ବିଷୟ ପ୍ରକାଶିତ ହେଉଥିବ। ଶିକ୍ଷାର୍ଥୀମାନଙ୍କ ପାଇଁ ଭୂମିକା ନିରୂପଣ କରନ୍ତୁ ବା ନିଜ ପାଇଁ ଭୂମିକା ବାଛିବାକୁ ସେମାନଙ୍କୁ କୁହନ୍ତୁ। ଯୋଜନା କରିବା ପାଇଁ ସେମାନଙ୍କୁ କିଛି ସମୟ ଦେଇ ପାରନ୍ତି ନଚେତ୍ ତତ୍କ୍ଷଣାତ୍ ଅଭିନୟ କରିବାକୁ କୁହନ୍ତୁ। ଅଭିନୟ ସମଗ୍ର ଶ୍ରେଣୀ ସମ୍ମୁଖରେ କିମ୍ବା ଛୋଟ ଛୋଟ ଦଳରେ କରାଯାଇପାରେ। ଯାହାଫଳରେ ଗୋଟିଏ ଦଳର ଅଭିନୟ ଅନ୍ୟ ଦଳ ଦେଖି ପାରିବେ ନାହିଁ।

ମନେରଖନ୍ତୁ ଯେ ଏହି କାର୍ଯ୍ୟର ଉଦ୍ଦେଶ୍ୟ କେବଳ ଅଭିନୟର ଅଭିଜ୍ଞତା ପାଇଁ ଓ ଏଥିରୁ କଣ ପ୍ରତିପାଦିତ ହେଉଛି ଜାଣିବା ପାଇଁ। ସେମାନେ ଅଭିନୟ କରୁଛନ୍ତି କିନ୍ତୁ ପୁରସ୍କାର ପାଇବା ଉଦ୍ଦେଶ୍ୟରେ ସେମାନେ ଏ ଅଭିନୟ କରୁନାହାନ୍ତି।

ବିଜ୍ଞାନ ଓ ଗଣିତ ବିଷୟରେ ମଧ୍ୟ ଅଭିନୟ ସମ୍ଭବ। ଶିକ୍ଷାର୍ଥୀମାନେ ପରସ୍ପରର ପ୍ରତିକ୍ରିୟା ମାଧ୍ୟମରେ କଣିକାର ଲକ୍ଷଣକୁ ନେଇ ପରମାଣୁର ଗୁଣ ବା ଆଚରଣର ପ୍ରତିରୂପ ହୋଇ ପାରନ୍ତି କିମ୍ବା ତାପ ଓ ଆଲୋକର ପ୍ରଭାବ ଦେଖାଇବା ପାଇଁ ସେମାନଙ୍କ ଆଚରଣ ବଦଳାଇ ପାରନ୍ତି। ଶିକ୍ଷାର୍ଥୀମାନେ ଗଣିତ ପାଇଁ କୋଣ ଓ ଆକୃତିର ଅଭିନୟ କରି ସେଗୁଡିକର ଗୁଣ ଓ ସଂଯୋଗକୁ ଆବିଷ୍କାର କରିପାରନ୍ତି।

## ନାଟକ

ଶ୍ରେଣୀଗୃହରେ ନାଟକର ବ୍ୟବହାର ଶିକ୍ଷାର୍ଥୀମାନଙ୍କୁ ପ୍ରେରଣା ଯୋଗାଇବା ପାଇଁ ଏକ ଉତ୍ତମ କୌଶଳ। ନାଟକ ଦକ୍ଷତା ଓ ଆତ୍ମ ପ୍ରତ୍ୟୟର ବିକାଶ କରିଥାଏ, ଏବଂ ନାଟକ ସାହାଯ୍ୟରେ ଆପଣଙ୍କ ଶିକ୍ଷାର୍ଥୀମାନେ କେଉଁ ପାଠକୁ କେତେ ବୁଝିପାରିଛନ୍ତି ତାହା ନିର୍ଦ୍ଧାରଣ କରିହେବ। ଗୋଟିଏ ନାଟକରେ ଟେଲିଫୋନ କରିବାର ଅଭିନୟ କରି, ବାର୍ତ୍ତା କିପରି ମସ୍ତିଷ୍କରୁ କର୍ଣ୍ଣଗୌହର, ଆଖି, ନାକ, ହାତ ଓ ମୁହଁକୁ ଆସି ପୁଣି ଫେରିଯାଏ ଓ ସେହି ପ୍ରକ୍ରିୟାରେ ମସ୍ତିଷ୍କ କିପରି କାର୍ଯ୍ୟକରେ ସେ ସଂପର୍କରେ ଶିକ୍ଷାର୍ଥୀମାନଙ୍କୁ ଧାରଣା ଦେଇପାରନ୍ତି।

ଫେଡାଣ ଭୁଲ କରିବାର ପରିଣାମ କିପରି ବିଷମ ହୋଇଥାଏ ଏହା ଉପରେ ଛୋଟ କୌତୁକିଆ ନାଟକ ମାଧ୍ୟମରେ କୋମଳ ମତି ପିଲାଙ୍କ ମସ୍ତିଷ୍କରେ ଫେଡାଣ କରିବାର ଠିକ୍ ଉପାୟଟିକୁ ସୃଷ୍ଟି କରାଯାଇ ପାରେ।

ଅଧିକାଂଶ ସମୟରେ ନାଟକଟି ଶ୍ରେଣୀର ଅନ୍ୟମାନଙ୍କ ପାଇଁ, ବିଦ୍ୟାଳୟ ପାଇଁ, ବାପା ମାଆଙ୍କ ପାଇଁ ବା ଗୋଷ୍ଠୀ ପାଇଁ ଅଭିନୀତ ହୋଇଥାଏ। ଏହା ପିଲାମାନଙ୍କୁ କିଛି କରି ଦେଖାଇବାକୁ ପ୍ରେରଣା ଦେଇ ଥାଏ। ନାଟକ ମଞ୍ଚସ୍ଥ କରିବା ଭଳି ଏକ ସର୍ଜନାତ୍ମକ କାର୍ଯ୍ୟରେ ଶ୍ରେଣୀର ସମସ୍ତ ଶିକ୍ଷାର୍ଥୀ ସାମିଲ୍ ହେବା ଆବଶ୍ୟକ। ଆତ୍ମବିଶ୍ୱାସ ସ୍ତରରେ ଥିବା ପାର୍ଥକ୍ୟକୁ ବିଚାର କରିବା ଜରୁରୀ। ପ୍ରତ୍ୟେକ ଶିକ୍ଷାର୍ଥୀ ଅଭିନେତା ନହୋଇ ପାରନ୍ତି : କିନ୍ତୁ ସଂଗଠନକାର୍ଯ୍ୟ, ପୋଷାକ ପରିଛଦ, ମଞ୍ଚପରିଚାଳନା ଆଦି କାର୍ଯ୍ୟ, ଯେଉଁଥିରେ ତାଙ୍କର ପାରଦର୍ଶିତା ଓ ବ୍ୟକ୍ତିତ୍ୱ ଅଧିକ ପ୍ରତିଫଳିତ ହୋଇଥାଏ ସେଥିରେ ସେମାନେ ଯୋଗଦେଇ ପାରନ୍ତି।

ନାଟକ ମାଧ୍ୟମରେ ଆପଣ ଶିକ୍ଷାର୍ଥୀମାନଙ୍କୁ ଶିକ୍ଷାଦାନରେ କାହିଁକି ସାହାଯ୍ୟ କରୁଛନ୍ତି ଏହା ବିଚାର କରିବା ଜରୁରୀ। ଏହା ଭାଷାଜ୍ଞାନର ବିକାଶ ପାଇଁ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ, ବିଷୟ ଜ୍ଞାନର ବିକାଶ ପାଇଁ ପରିବେଶ ଉପରେ ଖଣି କାର୍ଯ୍ୟର ପ୍ରଭାବ, କୌଣସି ନିର୍ଦ୍ଦିଷ୍ଟ କୌଶଳ ଗଠନ ପାଇଁ – ଦଳଗତ କାର୍ଯ୍ୟ ଇତ୍ୟାଦିର ସୁଯୋଗ ସୃଷ୍ଟି କରିଥାଏ। ନାଟକ ଅଭିନୟ ଲକ୍ଷ୍ୟରେ ନାଟକର ଶିକ୍ଷଣ ଉଦ୍ଦେଶ୍ୟ ଯେପରି ବାଧାପ୍ରାପ୍ତ ନହୁଏ ସେଥିପ୍ରତି ଧ୍ୟାନ ଦେବାକୁ ହେବ।

## ସମ୍ବଳ – 4: ସ୍ଥାନୀୟ ସମ୍ବଳ ବ୍ୟବହାର କରିବା

ଶିକ୍ଷାଦାନରେ ପାଠ୍ୟପୁସ୍ତକ ଭିନ୍ନ ଅନ୍ୟାନ୍ୟ ଶିକ୍ଷଣ ସମ୍ବଳକୁ ବ୍ୟବହାର କରାଯାଇପାରେ। ଯଦି ଆପଣ ଶିଖିବାର ବିଭିନ୍ନ ମାର୍ଗ ପ୍ରଦାନ କରିବେ, ଯେଉଁଥିରେ ଭିନ୍ନ ଭିନ୍ନ ଇନ୍ଦ୍ରିୟ (ଦର୍ଶନ, ଶ୍ରବଣ, ସ୍ପର୍ଶ, ଘ୍ରାଣ ଓ ସ୍ୱାଦ)ର ବ୍ୟବହାର ହେଉଥିବ, ତେବେ ଆପଣ ଶିକ୍ଷାର୍ଥୀଙ୍କୁ ଶିଖିବାର ଭିନ୍ନ ଭିନ୍ନ ଉପାୟ ଦେଇପାରିବେ। ଆପଣଙ୍କ ଚତୁଃପାର୍ଶ୍ୱରେ ଥିବା ଭିନ୍ନ ଭିନ୍ନ ସମ୍ବଳକୁ ଆପଣ ଶ୍ରେଣୀ କକ୍ଷରେ ବ୍ୟବହାର କରିପାରିବେ ଏବଂ ତାହା ଶିକ୍ଷାର୍ଥୀମାନଙ୍କର ଶିକ୍ଷଣକୁ ସାହାଯ୍ୟ କରିବ। ଯେକୌଣସି ବିଦ୍ୟାଳୟ ବିନା ମୂଲ୍ୟରେ କିମ୍ବା ସ୍ୱଳ୍ପ ମୂଲ୍ୟରେ ନିଜର ଶିକ୍ଷଣ ସମ୍ବଳ ପ୍ରସ୍ତୁତ କରିପାରିବେ। ଏହି ସ୍ଥାନୀୟ ସମ୍ବଳ ଗୁଡ଼ିକ ବ୍ୟବହାର କରିବା ଦ୍ୱାରା ପାଠ୍ୟକ୍ରମ ଓ ଶିକ୍ଷାର୍ଥୀଙ୍କ ଜୀବନ ମଧ୍ୟରେ ସଂଯୋଗ ସ୍ଥାପନ ହୋଇପାରିବ।

ଆପଣଙ୍କ ନିକଟ ପରିବେଶରୁ ଆପଣ ଅନେକ ବିଷୟରେ ନିପୁଣ ଥିବା ବ୍ୟକ୍ତିମାନଙ୍କୁ ପାଇବେ ଏବଂ ଆପଣ ବ୍ୟାପକ ପ୍ରାକୃତିକ ସମ୍ବଳ ମଧ୍ୟ ପାଇପାରିବେ । ଏହା ଆପଣଙ୍କୁ ସ୍ଥାନୀୟ ବାସିନ୍ଦାଙ୍କ ସହିତ ସମ୍ପର୍କ ଯୋଡ଼ିବାରେ, ଏହାର ମୂଲ୍ୟବୋଧ ପ୍ରଦର୍ଶନ କରିବାରେ, ଶିକ୍ଷାର୍ଥୀମାନଙ୍କୁ ନିଜ ପରିବେଶର ବିଭିନ୍ନତା ଓ ପ୍ରାଚୁର୍ଯ୍ୟକୁ ପର୍ଯ୍ୟବେକ୍ଷଣ କରିବା ପାଇଁ ପ୍ରୋତ୍ସାହିତ କରିବାରେ ସାହାଯ୍ୟ କରିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ଏହା ଶିକ୍ଷାର୍ଥୀମାନଙ୍କର ଶିକ୍ଷଣର ସାମଗ୍ରିକ ବିକାଶ ଲାଗି କାର୍ଯ୍ୟ କରେ – ଯାହାକି ବିଦ୍ୟାଳୟ ବାହାରେ ଓ ବିଦ୍ୟାଳୟ ଭିତରେ ଶିକ୍ଷଣ କରିବାରେ ସାହାଯ୍ୟ କରେ।

### ଶ୍ରେଣୀ କକ୍ଷକୁ ଅଧିକ ଗୁରୁତ୍ୱ ଦେବା

ଲୋକମାନେ ତାଙ୍କ ଘରକୁ ଯେତେ ସମ୍ଭବ ଆକର୍ଷଣୀୟ କରିବା ପାଇଁ କଠିନ ପରିଶ୍ରମ କରନ୍ତି। ଯେଉଁ ପରିବେଶରେ ଶିକ୍ଷାର୍ଥୀମାନେ ଶିକ୍ଷା କରନ୍ତି, ସେ ପରିବେଶର ଗୁରୁତ୍ୱ ସମ୍ବନ୍ଧରେ ଚିନ୍ତା କରିବା ଜରୁରି। ଆପଣ ଆପଣଙ୍କ ଶ୍ରେଣୀକକ୍ଷ ଓ ବିଦ୍ୟାଳୟକୁ ଶିକ୍ଷଣ ନିମିତ୍ତ ଆକର୍ଷଣୀୟ କରିପାରିଲେ, ତାହାର ଏକ ସକରାତ୍ମକ ପ୍ରଭାବ ଶିକ୍ଷାର୍ଥୀମାନଙ୍କ ଉପରେ ପଡିବ। ଉଦାହରଣ ସ୍ୱରୂପ-ଆପଣ:

- ପୁରୁଣା ପତ୍ରିକା ଓ ତଥ୍ୟ ଆଧାରିତ ପୁସ୍ତିକାର ପୃଷ୍ଠାରୁ ପ୍ରଚ୍ଛର ପତ୍ର ପ୍ରସ୍ତୁତ କରନ୍ତୁ।
- ସାମ୍ପ୍ରତିକ ବିଷୟ ସହ ସମ୍ପର୍କିତ କୌଣସି ବସ୍ତୁ କିମ୍ବା ଓ କୌଣସି କାରୁକୃତି ଆଣନ୍ତୁ।
- ଶିକ୍ଷାର୍ଥୀମାନଙ୍କର କାର୍ଯ୍ୟ ପ୍ରଦର୍ଶନ କରନ୍ତୁ।
- ନୂତନ ଶିକ୍ଷଣ ପାଇଁ ତଥା ଶିକ୍ଷାର୍ଥୀମାନଙ୍କୁ କୌତୂହଳୀ କରିବା ପାଇଁ ଶ୍ରେଣୀକକ୍ଷର ପ୍ରଦର୍ଶନର ପରିବର୍ତ୍ତନ କରନ୍ତୁ।

### ନିଜ ଶ୍ରେଣୀକକ୍ଷରେ ସ୍ଥାନୀୟ ବିଶେଷଜ୍ଞମାନଙ୍କୁ ବ୍ୟବହାର କରିବା

ଯଦି ଆପଣ ଗଣିତରେ ଥିବା ଟଙ୍କା ପଇସା କିମ୍ବା ପରିମାଣ ବିଷୟରେ କାର୍ଯ୍ୟ କରୁଛନ୍ତି, ଆପଣ ବଜାରର ବ୍ୟବସାୟୀ କିମ୍ବା ପୋଷାକ ତିଆରି କରୁଥିବା ଦରଜୀଙ୍କୁ ଶ୍ରେଣୀ କକ୍ଷକୁ ଆମନ୍ତ୍ରଣ କରି, ସେମାନେ ତାଙ୍କ କାର୍ଯ୍ୟରେ ଗଣିତକୁ କିପରି ବ୍ୟବହାର କରୁଛନ୍ତି, ତାହା ବୁଝାଇବାକୁ କହିବେ। ଅନ୍ୟ ପକ୍ଷରେ, ଯଦି ଆପଣ ଚିତ୍ରକଳାର ନକ୍ସା କିମ୍ବା ଆକୃତି ସମ୍ବନ୍ଧରେ ଆଲୋଚନା କରୁଛନ୍ତି, ତେବେ ଆପଣ ମେହେନ୍ଦି ନକ୍ସାକାରୀଙ୍କୁ ବିଦ୍ୟାଳୟ ଆସିବାକୁ ଆମନ୍ତ୍ରଣ କରନ୍ତୁଯେ କି, ଭିନ୍ନ ଭିନ୍ନ ଆକୃତି, ପରମ୍ପରା ଓ କୌଶଳ ବିଷୟରେ ବୁଝାଇବେ। ପଠନର ଲକ୍ଷ୍ୟ ସ୍ପଷ୍ଟ ହେଲା ପରେ ଏବଂ ସମୟ ଅନୁଯାୟୀ କାର୍ଯ୍ୟ କରିବାର ପରିବେଶ ପ୍ରସ୍ତୁତ ଥିଲେ ଅତିଥିମାନଙ୍କୁ ଆମନ୍ତ୍ରଣ କରିବା ଖୁବ୍ ଭଲ କାମ ଦିଏ।

ଆପଣ ବିଦ୍ୟାଳୟ ସମ୍ପ୍ରଦାୟ ମଧ୍ୟରେ ବିଶେଷଜ୍ଞ ପାଇପାରିବେ (ଯେପରିକି ରୋଷେୟା କିମ୍ବା ଜଗାରଖା କରିବା ବ୍ୟକ୍ତି) ଯାହାକୁ ଶିକ୍ଷାର୍ଥୀମାନେ ଶିକ୍ଷଣ ସମ୍ବନ୍ଧରେ ବିଭିନ୍ନ ପ୍ରଶ୍ନ ପଚାରି ଜାଣିପାରିବେ । ଉଦାହରଣ ସ୍ୱରୂପ - ରୋଷେଇ ପାଇଁ କେତେ ପରିମାଣ ସାମଗ୍ରୀ ଆବଶ୍ୟକ କିମ୍ବା ବିଦ୍ୟାଳୟର ଭୂମି ଓ ବିଦ୍ୟାଳୟ କୋଠାଘର ଉପରେ ପାଣିପାଗର କିପରି ପ୍ରଭାବ ପଡୁଛି ଇତ୍ୟାଦି।

## ବାହ୍ୟ ପରିବେଶକୁ ବ୍ୟବହାର କରିବା

ବିଦ୍ୟାଳୟ ବାହାରେ ବହୁତ କିସମର ସମ୍ବଳ ରହିଛି, ଯାହାକୁ ଆପଣ ଶ୍ରେଣୀ କକ୍ଷରେ ବ୍ୟବହାର କରିପାରିବେ। ଆପଣ କିଛି ବସ୍ତୁ ଯଥା- ପତ୍ର, ବୁଢ଼ିଆଣୀ, ଗଛ, କୀଟ, ପଥର କିମ୍ବା କାଠ ସଂଗ୍ରହ କରିପାରିବେ (କିମ୍ବା ଶ୍ରେଣୀର ଶିକ୍ଷାର୍ଥୀମାନଙ୍କୁ ସଂଗ୍ରହ କରିବାକୁ କହିବେ)। ଏହି ପ୍ରକାର ସମ୍ବଳ ଆଣିବା ଦ୍ୱାରା, ଶ୍ରେଣୀ କକ୍ଷର ପାଠ୍ୟ ବିଷୟର ଶିକ୍ଷଣ ସଂପୃକ୍ତ ପ୍ରଦର୍ଶନ ଚିତ୍ତାକର୍ଷକ ହୋଇପାରିବ। ସେଗୁଡ଼ିକ ଆଲୋଚନା ତଥା ପରୀକ୍ଷଣ ପାଇଁ ଉଦ୍ଦିଷ୍ଟ ବସ୍ତୁ ହୋଇପାରନ୍ତି, ଯେପରିକି ବିଭାଗୀକରଣ କାର୍ଯ୍ୟ କିମ୍ବା ସଜୀବ ଓ ନିର୍ଜୀବ ବସ୍ତୁ। ଆହୁରି କେତେକ ସମ୍ବଳ, ଯଥା ବସ୍‌ର ସମୟ ନିର୍ଘଣ୍ଟ ପୁସ୍ତିକା କିମ୍ବା ବିଜ୍ଞାପନ ଯାହାକି ସ୍ଥାନୀୟ ସଂପ୍ରଦାୟ ସହ ସମ୍ବନ୍ଧିତ ଏବଂ ସହଜରେ ମିଳିପାରିବ - ସେଗୁଡ଼ିକ ଶବ୍ଦକୁ ଚିହ୍ନଟ କରିବା,ଗୁଣ ବା ଧର୍ମର ତୁଳନା କରିବା କିମ୍ବା ଯାତ୍ରାର ସମୟ - ଅବଧି ନିର୍ଦ୍ଧାରଣ କରିବା ପାଇଁ ବ୍ୟବହାର କରାଯାଇପାରିବ।

ବାହାରର ବସ୍ତୁଗୁଡ଼ିକୁ ଶ୍ରେଣୀକକ୍ଷ ଭିତରକୁ ଅଣାଯାଇପାରିବ- ବାହ୍ୟ ପରିବେଶକୁ ମଧ୍ୟ ଶିକ୍ଷାର୍ଥୀମାନଙ୍କୁ ନିଆଯାଇପାରିବ। ଅଧିକ ସଂଖ୍ୟକ ଶିକ୍ଷାର୍ଥୀମାନଙ୍କୁ ବାହାରକୁ ନେଲେ, ସେମାନେ ସହଜରେ ବାହାର ପରିବେଶରେ ଥିବା ବସ୍ତୁଗୁଡିକୁ ଦେଖି ପାରିବେ। ଆପଣ ଯେତେବେଳେ ଶ୍ରେଣୀକୁ ଶିକ୍ଷଣ ନିମିତ୍ତ ବାହାରକୁ ନେବେ, ସେମାନେ କେତେକ କାର୍ଯ୍ୟ କରିପାରିବେ ଯଥା -

- ଦୂରତା ଅନୁମାନ ଓ ମାପ କରିବା
- ବୃତ୍ତ ଉପରିସ୍ଥ ସମସ୍ତ ବିନ୍ଦୁ ଏହାର କେନ୍ଦ୍ରଠାରୁ ସମାନ ଦୂରତାରେ ଅବସ୍ଥିତ ବୋଲି ଦର୍ଶାଇବା
- ଦିନର ଭିନ୍ନ ଭିନ୍ନ ସମୟରେ ଛାୟାର ଦୈର୍ଘ୍ୟକୁ ଲିପିବଦ୍ଧ କରିବା
- ସଂକେତ ଓ ନିର୍ଦ୍ଦେଶକୁ ଲକ୍ଷ୍ୟ କରିବା ଓ ପଢିବା
- ସାକ୍ଷାତକାର ଓ ସର୍ବେକ୍ଷଣ କରିବା
- ସୌର ପାନେଲର ଅବସ୍ଥିତି ଠାବ କରିବା
- ଶସ୍ୟର ବୃଦ୍ଧି ଓ ବୃଷ୍ଟିପାତକୁ ନିରୀକ୍ଷଣ କରିବା

ବାହାରେ ହେଉଥିବା ଶିକ୍ଷଣଟି ବାସ୍ତବ ଓ ନିଜର ଅନୁଭୂତି ଆଧାରିତ ହୋଇଥାଏ ଏବଂ ଏହାକୁ ଅନ୍ୟ ପ୍ରସଙ୍ଗରେ ମଧ ପ୍ରୟୋଗ କରାଯାଇପାରିବ।

ଯଦି ଆପଣଙ୍କର ବାହାରେ କାର୍ଯ୍ୟ କରିବା ଲାଗି ବିଦ୍ୟାଳୟର ପରିସର ଛାଡ଼ିବା ଆବଶ୍ୟକ ହୋଇଥାଏ, ତେବେ ଯିବା ପୂର୍ବରୁ ଆପଣ ବିଦ୍ୟାଳୟର ମୁଖ୍ୟଙ୍କ ଠାରୁ ଅନୁମତି ନେବାକୁ ପଡ଼ିବ, ନିରାପତ୍ତା ଯାଞ୍ଚ କରିବାକୁ ପଡ଼ିବ, ସମୟ ସ୍ଥିର କରିବାକୁ ପଡିବ ଏବଂ ସବୁ ଶିକ୍ଷାର୍ଥୀଙ୍କୁ ନିୟମକାନୁନ ବିଷୟରେ ସ୍ପଷ୍ଟ କରି ଦିଆଯିବ। ଆପଣ ଓ ଆପଣଙ୍କ ଶିକ୍ଷାର୍ଥୀମାନେ ପ୍ରସ୍ଥାନ କରିବା ପୂର୍ବରୁ କ'ଣ ଶିକ୍ଷଣ କରାଯିବ ତାହା ସ୍ପଷ୍ଟ ଜାଣିବା ଉଚିତ୍।

## ସମ୍ବଳ ସହିତ ଖାପଖୁଆଇବା

ଆପଣଙ୍କ ପାଖରେ ଥିବା ସମ୍ବଳକୁ ଆପଣଙ୍କ ଶିକ୍ଷାର୍ଥୀମାନଙ୍କ ଲାଗି ଅଧିକ ଉପଯୋଗୀ କରିବା ପାଇଁ ଆପଣ ଚାହିଁପାରନ୍ତି। ଏହା ଏକ ଛୋଟ ପରିବର୍ତ୍ତନ ହୋଇପାରେ। ମାତ୍ର ଏହା ଏକ ବିରାଟ ପାର୍ଥକ୍ୟ ଆଣିପାରେ, ବିଶେଷ କରି ଆପଣ ଯେତେବେଳେ ଶିକ୍ଷଣଟିକୁ ଶ୍ରେଣୀର ସମସ୍ତଙ୍କ ପାଇଁ ଉପଯୋଗୀ କରିବାକୁ ଚେଷ୍ଟା କରୁଛନ୍ତି। ଉଦାହରଣ ସ୍ୱରୂପ, ଯଦି କୌଣସି ନାମ ବା ସ୍ଥାନ ଅନ୍ୟ ରାଜ୍ୟ ସଂପୃକ୍ତ ହୋଇଥାଏ, ତେବେ ତାକୁ ଆପଣ ପରିବର୍ତ୍ତନ କରିପାରିବେ କିମ୍ବା ଗୋଟିଏ ଗୀତରେ ଥିବା କୌଣସି ବ୍ୟକ୍ତିର ଲିଙ୍ଗ ପରିବର୍ତ୍ତନ

କରିପାରିବେ, କିମ୍ବା ଗପରେ ଗୋଟିଏ ଭିନ୍ନକ୍ଷମ ଶିକ୍ଷାର୍ଥୀକୁ ସ୍ଥାନ ଦେଇପାରିବେ। ଏହିଭଳି ଭାବରେ, ଆପଣ ସମ୍ବଳ ଗୁଡ଼ିକୁ ଶ୍ରେଣୀ ପାଇଁ ଓ ଶିକ୍ଷାର୍ଥୀମାନଙ୍କର ଶିକ୍ଷଣ ସୂଚିତ ସୀମା ମଧ୍ୟରେ ସୀମିତ ଓ ଅଧିକ ଉପଯୋଗୀ କରିପାରିବେ।

ସହକର୍ମୀଙ୍କ ସହିତ କାର୍ଯ୍ୟ ଦ୍ୱାରା ଆପଣ ଅଧିକ ଦକ୍ଷତା ସଂପନ୍ନ ହୋଇ ପାରିବେ। ଏହି ଦକ୍ଷତା ସମ୍ବଳ ଗୁଡିକୁ ପ୍ରସ୍ତୁତ କରିବା ଠାରୁ ସେଗୁଡିକୁ ଉପଯୋଗୀ କରଣ ପର୍ଯ୍ୟନ୍ତ ବ୍ୟାପକ ହୋଇପାରେ, ଜଣେ ସହକର୍ମୀଙ୍କର ସଙ୍ଗୀତରେ, ଆଉଜଣଙ୍କର କଣ୍ଢେଇ ତିଆରି କରିବାରେ କିମ୍ବା ବାହାର ବିଜ୍ଞାନ ସଂଗଠନ କରିବାରେ ଦକ୍ଷତା ଥାଇପାରେ। ଆପଣ ସେହି ସମ୍ବଳଗୁଡିକୁ ଆପଣଙ୍କ ଶ୍ରେଣୀକକ୍ଷରେ ବ୍ୟବହାର କରିବାରେ ଅନ୍ୟ ସହକର୍ମୀଙ୍କ ସହିତ ସହଭାଜନ କରିପାରନ୍ତି। ଏହାଦ୍ୱାରା ଆପଣ ଆପଣଙ୍କ ସହକର୍ମୀଙ୍କ ସାହାଯ୍ୟରେ ଆପଣଙ୍କ ଶ୍ରେଣୀରେ ଏକ ସମୃଦ୍ଧ ଶିକ୍ଷଣ ପରିବେଶ ସୃଷ୍ଟି କରିପାରିବେ।

## ସମ୍ବଳ 5 : ଯୋଡ଼ିକାର୍ଯ୍ୟର ବ୍ୟବହାର

ଦୈନନ୍ଦିନ ଜୀବନର ପରିସ୍ଥିତିରେ ଲୋକମାନେ ପାଖାପାଖି କାର୍ଯ୍ୟ କରନ୍ତି, କଥାବାର୍ତ୍ତା ହୁଅନ୍ତି ଓ ପରସ୍ପରଠାରୁ ଶୁଣନ୍ତି ଓ ସେମାନେ କ'ଣ କରୁଛନ୍ତି ଓ କିପରି କରୁଛନ୍ତି ତାହା ଦେଖନ୍ତି। ଲୋକମାନେ ଏହିଭଳିଭାବେ ଶିଖିଥା'ନ୍ତି। ଅନ୍ୟମାନଙ୍କ ସହିତ କଥାବାର୍ତ୍ତା କରିବା ଦ୍ୱାରା ଆମେ ନୂତନ ଧାରଣା ଓ ତଥ୍ୟକୁ ଆବିଷ୍କାର କରିଥାଉ। ଶ୍ରେଣୀଗୃହରେ ଯଦି ସବୁ କାର୍ଯ୍ୟ ଶିକ୍ଷକଙ୍କଠାରେ କେନ୍ଦ୍ରୀଭୂତ ହେବ, ତେବେ ଅଧିକାଂଶ ଶିକ୍ଷାର୍ଥୀମାନେ ସେମାନଙ୍କ ଶିକ୍ଷଣକୁ ପ୍ରଦର୍ଶନ କରିବା ପାଇଁ ଓ ପରୀକ୍ଷା କରିବା ପାଇଁ ବା ପ୍ରଶ୍ନ ପଚାରିବା ପାଇଁ ପର୍ଯ୍ୟାପ୍ତ ସମୟ ପାଇବେ ନାହିଁ। ଏଭଳି ପରିସ୍ଥିତିରେ କେତେକ ଶିକ୍ଷାର୍ଥୀ କେବଳ ସଂକ୍ଷେପରେ ଉତ୍ତର ଦେଇଥା'ନ୍ତି ଏବଂ କେତେକ ଶିକ୍ଷାର୍ଥୀ ଆଦୌ କିଛି କହିନଥା'ନ୍ତି। ଅଧିକ ଶିକ୍ଷାର୍ଥୀ ବିଶିଷ୍ଟ ଶ୍ରେଣୀରେ ପରିସ୍ଥିତି ଅତି ଗମ୍ଭୀର ହୋଇଥାଏ, ମାତ୍ର କେତେକ ହାତଗଣତି ଶିକ୍ଷାର୍ଥୀ (ଯେଉଁମାନଙ୍କର ଅନୁପାତ ଅତି କମ୍) କହିଥା'ନ୍ତି।

### ଯୋଡ଼ି କାର୍ଯ୍ୟର ବ୍ୟବହାର କାହିଁକି ?

କଥାବାର୍ତ୍ତା ହେବା ପାଇଁ ଓ ଅଧିକ ଶିଖିବା ପାଇଁ ଯୋଡ଼ି କାର୍ଯ୍ୟ ହେଉଛି ଏକ ସ୍ୱାଭାବିକ ପନ୍ଥା। ଏହା ସେମାନଙ୍କୁ ଚିନ୍ତା କରିବାକୁ ଓ ନୂଆ ଧାରଣା ଓ ଭାଷାର ପରୀକ୍ଷାନିରୀକ୍ଷା କରିବାକୁ ସୁଯୋଗ ଦେଇଥାଏ। ଏହା ସେମାନଙ୍କୁ ନୂଆ କୌଶଳ ଓ ଧାରଣା ନେଇ କାର୍ଯ୍ୟ କରିବାକୁ ଓ ଅଧିକ ଶିକ୍ଷାର୍ଥୀଙ୍କ ସହ ଭଲଭାବରେ କାର୍ଯ୍ୟ କରିବା ପାଇଁ ଏହା ଶିକ୍ଷାର୍ଥୀମାନଙ୍କୁ ସୁଖଦ ଉପାୟ ଯୋଗାଇଥାଏ।

ସବୁ ସମୟରେ ଶିକ୍ଷାର୍ଥୀଙ୍କ ପାଇଁ ଓ ସବୁ ଶ୍ରେଣୀ ପାଇଁ ଯୋଡ଼ି କାର୍ଯ୍ୟ ହେଉଛି ବିଶେଷ କରି ବହୁଭାଷା, ବହୁ ଶ୍ରେଣୀ ପରିସ୍ଥିତିରେ ଏହା ବ୍ୟବହାରଯୋଗ୍ୟ ଉପଯୁକ୍ତ କାରଣ ଯୋଡ଼ିରେ ଶିକ୍ଷାର୍ଥୀମାନେ ପରସ୍ପରକୁ ସାହାଯ୍ୟ କରିଥା'ନ୍ତି। ଏହା ସର୍ବୋତ୍କୃଷ୍ଟ ଭାବେ କାର୍ଯ୍ୟ କରିଥାଏ ଯେତେବେଳେ ଆପଣ ନିର୍ଦ୍ଦିଷ୍ଟ କାର୍ଯ୍ୟ ପାଇଁ ଯୋଜନା କରିଥା'ନ୍ତି ଏବଂ ଯୋଡ଼ିକୁ ପରିଚାଳନା କରିବା ପାଇଁ ରୁଟିନ୍ ପ୍ରସ୍ତୁତ କରନ୍ତି। ଏଥିପାଇଁ ଆପଣଙ୍କୁ ନିଶ୍ଚିତ ହେବାକୁ ହେବ ଯେ, ଆପଣଙ୍କର ପ୍ରତ୍ୟେକ ଶିକ୍ଷାର୍ଥୀ ସଂପୃକ୍ତ ହେଉଛନ୍ତି, ଶିଖୁଛନ୍ତି ଓ ଅଗ୍ରଗତି କରୁଛନ୍ତି। ଯେତେବେଳେ ଏହି ନିତ୍ୟକାର୍ଯ୍ୟ (routine) ପ୍ରତିଷ୍ଠିତ ହୋଇଯିବ, ଆପଣ ଲକ୍ଷ୍ୟ କରିବେ ଯେ ଶିକ୍ଷାର୍ଥୀମାନେ ଖୁବ୍ ଶୀଘ୍ର ଯୋଡ଼ିରେ କାର୍ଯ୍ୟ କରିପାରୁଛନ୍ତି ଓ ଶିକ୍ଷଣକୁ ଉପଯୋଗ କରୁଛନ୍ତି।

### ଯୋଡ଼ିକାର୍ଯ୍ୟ

ଆପଣ ବିଭିନ୍ନ ପ୍ରକାରର ଯୋଡ଼ି କାର୍ଯ୍ୟ ପାଇଁ ଉପାୟ ଅବଲମ୍ବନ କରିପାରିବେ, ଏହା ପ୍ରତ୍ୟାଶିତ ଶିକ୍ଷଣ ଫଳାଫଳ ଉପରେ ନିର୍ଭର କରିଥାଏ। ଯୋଡ଼ିକାର୍ଯ୍ୟ ସ୍ପଷ୍ଟ ଓ ଉପଯୁକ୍ତ ହେବା ଆବଶ୍ୟକ, ଯାହା ଶିକ୍ଷାର୍ଥୀଙ୍କୁ ଏକୁଟିଆ ଶିଖିବା ତୁଳନାରେ ଅଧିକ ଶିଖିବାରେ ସାହାଯ୍ୟ କରିଥାଏ।

ଆପଣଙ୍କର ଶିକ୍ଷାର୍ଥୀମାନେ ସେମାନଙ୍କର ଭାବନା ସଂପର୍କରେ କଥାବାର୍ତ୍ତା କରିବା ଦ୍ୱାରା ସ୍ୱୟଂକ୍ରିୟଭାବେ ଚିନ୍ତା କରିଥା'ନ୍ତି ଓ ଭାବନାର ବିକାଶ କରିଥା'ନ୍ତି।

ଯୋଡ଼ିକାର୍ଯ୍ୟର କେତେକ ଉପାୟ ନିମ୍ନମତେ ହୋଇପାରେ !

**'ଚିନ୍ତା କର – ଯୋଡ଼ି ହୁଅ - ଆଲୋଚନା କର' :** ଶିକ୍ଷାର୍ଥୀମାନେ କୌଣସି ସମସ୍ୟା ସଂପର୍କରେ ଚିନ୍ତା କରନ୍ତି ଓ ଅନ୍ୟ ଶିକ୍ଷାର୍ଥୀଙ୍କ ସହ ଉତ୍ତରକୁ ଆଲୋଚନା କରିଥା'ନ୍ତି। ବନାନ କରିବା, ହିସାବ ଦ୍ୱାରା କାର୍ଯ୍ୟ କରିବା, ଜିନିଷଗୁଡ଼ିକୁ ବର୍ଗୀକରଣ କରିବା ବା କ୍ରମରେ ସଜାଡ଼ିବା, ବିଭିନ୍ନ ଦୃଷ୍ଟିକୋଣ ରଖିବା, କାହାଣୀରୁ ଚରିତ୍ରର ଭୁଲ୍ ରୂପ ଦେଖାଇବା ଭଳି କାର୍ଯ୍ୟରେ ଏହାର ବ୍ୟବହାର କରାଯାଇ ପାରିବ।

**ତଥ୍ୟକୁ ଅନ୍ୟମାନଙ୍କୁ ବାଣ୍ଟିବା :** ଶ୍ରେଣୀର ଅଧା ଶିକ୍ଷାର୍ଥୀଙ୍କୁ ବିଷୟବସ୍ତୁର ଗୋଟିଏ ଦିଗ ସଂପର୍କରେ ତଥ୍ୟ ଦିଆଯାଏ ଓ ଅନ୍ୟ ଅଧା ଶିକ୍ଷାର୍ଥୀଙ୍କୁ ବିଷୟବସ୍ତୁର ଅନ୍ୟ ଦିଗ ସଂପର୍କରେ ତଥ୍ୟ ଦିଆଯାଇଥାଏ। ସେମାନେ ଯୋଡ଼ିରେ କାର୍ଯ୍ୟ କରି ପରସ୍ପର ମଧ୍ୟରେ ପାଇଥିବା ତଥ୍ୟକୁ ବାଣ୍ଟିଥାଆନ୍ତି।

**ଶୁଣିବା ଭଳି କୌଶଳର ଅଭ୍ୟାସ :** ଗୋଟିଏ ଶିକ୍ଷାର୍ଥୀ କାହାଣୀକୁ ପଢ଼ିବ ଓ ଅନ୍ୟ ଜଣେ ଶିକ୍ଷାର୍ଥୀ ପ୍ରଶ୍ନ ପଚାରିବ। ଜଣେ ଶିକ୍ଷାର୍ଥୀ ଗୋଟିଏ ଇଂରାଜୀ ଅନୁଚ୍ଛେଦ ପଢ଼ିବ ଅନ୍ୟ ଶିକ୍ଷାର୍ଥୀମାନେ ଏହାକୁ ଲେଖି ରଖିବେ। ଜଣେ ଶିକ୍ଷାର୍ଥୀ ଚିତ୍ରକୁ ବର୍ଣ୍ଣନା କରିପାରିବ ଓ ଅନ୍ୟ ଶିକ୍ଷାର୍ଥୀମାନେ ଏହି ବର୍ଣ୍ଣନାକୁ ଚିତ୍ରରେ ପ୍ରକାଶ କରିବେ।

**ସୂଚନା ମାନି କାର୍ଯ୍ୟ କରିବା :** ଜଣେ ଶିକ୍ଷାର୍ଥୀ ସୂଚନାଗୁଡ଼ିକୁ ପଢ଼ିବେ ଓ ସେହି ସୂଚନା ଅନୁଯାୟୀ ଅନ୍ୟ ଶିକ୍ଷାର୍ଥୀମାନେ କାର୍ଯ୍ୟ କରିବେ।

**ଗଳ୍ପ କଥନ ବା ଚରିତ୍ର ଅଭିନୟ :** ଶିକ୍ଷାର୍ଥୀମାନେ ଦଳରେ କାର୍ଯ୍ୟ କରିପାରିବେ। ସେମାନେ ଯୋଡ଼ିରେ ଆଲୋଚନା କରି କହିବେ କିମ୍ବା ଡ୍ରାମା ପାଇଁ ସଂଳାପ ପ୍ରସ୍ତୁତ କରିବା।

### ସମସ୍ତଙ୍କ ସଂପୃକ୍ତି ପାଇଁ ଯୋଡ଼ିକାର୍ଯ୍ୟର ପରିଚାଳନା:

- ଯୋଡ଼ିକାର୍ଯ୍ୟ ହେଉଛି ସମସ୍ତଙ୍କୁ ସଂପୃକ୍ତି କରିବା। ଯେହେତୁ ଶିକ୍ଷାର୍ଥୀମାନେ ଭିନ୍ନ, ତେଣୁ ଯୋଡ଼ିଗୁଡ଼ିକୁ ଏପରି ପରିଚାଳନା କରିବା ଆବଶ୍ୟକ ଯେପରି ପ୍ରତ୍ୟେକ ଜାଣିବା ଦରକାର ସେମାନେ କ'ଣ କରିବା ଦରକାର। ସେମାନେ କ'ଣ ଶିଖୁଛନ୍ତି ଓ ଆପଣ ସେମାନଙ୍କଠାରୁ କ'ଣ ଆଶା କରୁଛନ୍ତି ! ଶ୍ରେଣୀରେ ଯୋଡ଼ିକାର୍ଯ୍ୟକୁ ନିଶ୍ଚିତ କରିବା ପାଇଁ ଆପଣ ନିମ୍ନଲିଖିତ କାର୍ଯ୍ୟ କରିବା ଆବଶ୍ୟକ:
- ଯୋଡ଼ିଗୁଡ଼ିକୁ ଏପରି ପରିଚାଳନା କରନ୍ତୁ ଯେପରି ଶିକ୍ଷାର୍ଥୀମାନେ କାର୍ଯ୍ୟରେ ଲାଗି ରହିବେ। ବେଳେବେଳେ ଶିକ୍ଷାର୍ଥୀମାନେ ନିଜର ଘନିଷ୍ଠ ବନ୍ଧୁମାନଙ୍କ ସହିତ କାର୍ଯ୍ୟ କରିବାବେଳେ ବେଳେବେଳେ ଅନ୍ୟମାନଙ୍କ ସହିତ କାର୍ଯ୍ୟ କରିବାକୁ ସୁଯୋଗ ପାଇବେ। ଆପଣ ଯେଉଁ ଯୋଡ଼ି ସ୍ଥିର କରୁଛନ୍ତି ତାହା ସେମାନଙ୍କ ସର୍ବାଧିକ ଶିକ୍ଷଣ ପାଇଁ ଉଦ୍ଦିଷ୍ଟ ସେମାନେ ବୁଝିବା ଆବଶ୍ୟକ ଓ ଆପଣ ଏହା ନିଶ୍ଚିତ କରିବା ଦରକାର।
- ସେମାନଙ୍କ ମତରେ ଆହ୍ୱାନ ସୃଷ୍ଟି କରିବା ପାଇଁ ବେଳେବେଳେ ଆପଣ ମିଶ୍ରିତ ଦକ୍ଷତା ସଂପନ୍ନ ନେଇ ତ ବେଳେବେଳେ ଭିନ୍ନ ଭାଷାକୁ ନେଇ ଯୋଡ଼ି କରିପାରିବେ ଯେପରି ସେମାନେ ପରସ୍ପରକୁ ସାହାଯ୍ୟ କରିପାରିବେ। ଅନ୍ୟ ସମୟରେ ଆପଣ ସମଦକ୍ଷତା ସଂପନ୍ନ ଶିକ୍ଷାର୍ଥୀଙ୍କୁ ନେଇ ଯୋଡ଼ି ଗଠନ କରିପାରିବେ।
- ଶିକ୍ଷାର୍ଥୀଙ୍କ ସାମର୍ଥ୍ୟକୁ ଆପଣ ଲିପିବଦ୍ଧ କରି ରଖିପାରିବେ ଓ ଏହା ଆପଣଙ୍କୁ ଯୋଡ଼ି କରିବାରେ ସାହାଯ୍ୟ କରିବ।
- ଆରମ୍ଭରେ ଯୋଡ଼ିକାର୍ଯ୍ୟର ଉପକାର (ଲାଭ) ସଂପର୍କରେ ଶିକ୍ଷାର୍ଥୀମାନଙ୍କୁ ବୁଝାନ୍ତୁ। ଏଥିପାଇଁ ଆପଣ ପରିବାର ଓ ଗୋଷ୍ଠୀରେ ଲୋକମାନେ କିପରି ସହଭାଗୀ ଉପାୟରେ ଶିଖୁଛନ୍ତି ତାହାର ଉଦାହରଣ ଦେଇପାରିବେ।
- ପ୍ରାରମ୍ଭିକ କାର୍ଯ୍ୟଗୁଡ଼ିକ ସଂକ୍ଷିପ୍ତ ଓ ସ୍ୱଷ୍ଟ ହେବା ଦରକାର।
- ଆପଣଙ୍କ ଆଶା ମୁତାବକ ଯୋଡ଼ିମାନେ କାର୍ଯ୍ୟ କରୁଛନ୍ତି କି ନାହିଁ ତାହା ତଦାରଖ କରନ୍ତୁ ।
- ଯୋଡ଼ିରେ ଶିକ୍ଷାର୍ଥୀମାନଙ୍କୁ ଦାୟିତ୍ୱ ଦିଅନ୍ତୁ : ଯେପରିକି କୌଣସି ଗଳ୍ପର ଦୁଇଟି ଚରିତ୍ର କିମ୍ବା ସିଧାସଳଖ ଦୁଇଜଣଙ୍କୁ 1 ଓ 2 କିମ୍ବା A ଓ B। ସେମାନେ ପରସ୍ପର ସହ କାର୍ଯ୍ୟ କରିବା ପୂର୍ବରୁ ଏହା ସ୍ଥିର କରନ୍ତୁ।
- ଏହା ମଧ୍ୟ ନିଶ୍ଚିତ କରନ୍ତୁ, ଶିକ୍ଷାର୍ଥୀମାନେ ପରସ୍ପର ସାମ୍ନାସାମ୍ନି ବସିବା ପାଇଁ ଓ ଚଳପ୍ରଚଳ କରିବା ପାଇଁ ପର୍ଯ୍ୟାପ୍ତ ସ୍ଥାନ ପାଉଛନ୍ତି।

ଯୋଡ଼ିକାର୍ଯ୍ୟ ଚାଲିଥିବା ସମୟରେ ଶିକ୍ଷାର୍ଥୀମାନଙ୍କୁ କୁହନ୍ତୁ ଯେ ପ୍ରତ୍ୟେକ କାର୍ଯ୍ୟ ପାଇଁ ସେମାନେ କେତେ ସମୟ ନେବେ ଓ ନିୟମିତ ସମୟ ବ୍ୟବଧାନରେ କାର୍ଯ୍ୟକୁ ତଦାରଖ କରିବେ। ଯେଉଁ ଯୋଡ଼ି ପରସ୍ପରକୁ ସାହାଯ୍ୟ କରୁଛନ୍ତି ଓ କାର୍ଯ୍ୟରେ ଲାଗି ରହୁଛନ୍ତି ସେମାନଙ୍କୁ ପ୍ରଶଂସା କରନ୍ତୁ। କାର୍ଯ୍ୟ କରିବା ଓ ସମାଧାନ ନିଜେ ବାହାର କରିବା ପାଇଁ ସମୟ ଦିଅନ୍ତୁ – ଅନେକ ସମୟରେ ଖୁବ୍ କମ୍ ଓ ସମୟରେ କାର୍ଯ୍ୟରେ ସେମାନେ ଲାଗିଯାଇଥା'ନ୍ତି ଓ ଚିନ୍ତା କରିବା ପାଇଁ ପର୍ଯ୍ୟାପ୍ତ ସମୟ ପାଇନଥାନ୍ତି। ଅଧିକାଂଶ ଶିକ୍ଷାର୍ଥୀ ଏଭଳି ପରିବେଶକୁ ଉପଭୋଗ କରନ୍ତି ଯେଉଁଥିରେ ପ୍ରତ୍ୟେକ କାର୍ଯ୍ୟ କରୁଥିବେ ଓ କଥାବାର୍ତ୍ତା କରୁଥିବେ। ଆପଣ ଯଦି ଶ୍ରେଣୀ ମଧ୍ୟରେ ପଦଚାରଣ କରିବେ ଓ ଶିକ୍ଷାର୍ଥୀଙ୍କୁ ଶୁଣିପାରିବେ ଓ ପର୍ଯ୍ୟବେକ୍ଷଣ କରିବେ, ତେବେ କେଉଁ ଯୋଡ଼ି ଆରାମରେ କାର୍ଯ୍ୟ କରୁଛନ୍ତି ତାହା ଆପଣ ଜାଣିପାରିବେ ଓ ସେଗୁଡ଼ିକୁ ଲିପିବଦ୍ଧ କରିପାରିବେ। କେଉଁମାନେ ସଂପୃକ୍ତ ହେଉନାହାନ୍ତି ସେମାନଙ୍କ ପ୍ରତି ସଜାଗ ରୁହନ୍ତୁ। ଶିକ୍ଷାର୍ଥୀଙ୍କ ସାଧାରଣ ଭୁଲ୍ ଓ ଉନ୍ନତ ଧାରଣା ଓ ସାରାଂଶଗୁଡ଼ିକୁ ଲିପିବଦ୍ଧ କରନ୍ତୁ। କାର୍ଯ୍ୟ ଶେଷରେ ଆପଣଙ୍କ ଦାୟିତ୍ୱ ହେଉଛି ଯେ ଶିକ୍ଷାର୍ଥୀମାନଙ୍କଠାରେ ଯେଉଁ ଧାରଣାଗୁଡ଼ିକ ସୃଷ୍ଟି ହୋଇଛି ସେଗୁଡ଼ିକ ମଧ୍ୟରେ ସଂପର୍କ ସ୍ଥାପନ କରିବା। ଆପଣ ମଧ୍ୟ କେତେକ ଯୋଡ଼ିକୁ ବାଛି ପାରନ୍ତି ଯେଉଁମାନେ ନିଜର କାର୍ଯ୍ୟକୁ ଶ୍ରେଣୀରେ ଦେଖାଇପାରିବେ କିମ୍ବା ସେମାନଙ୍କୁ ଆଲୋଚନାର ସଂକ୍ଷେପଣ କରିବାକୁ କହିପାରନ୍ତି। ଏକାଠି କାମ କରିବା ସମୟରେ ଶିକ୍ଷାର୍ଥୀମାନେ ସଫଳତାର ସନ୍ତୋଷ ଅନୁଭବ କରିବାକୁ ଚାହାନ୍ତି। ଆପଣ ପ୍ରତ୍ୟେକ ଯୋଡ଼ିର କାର୍ଯ୍ୟକୁ ଦେଖିବା ଆବଶ୍ୟକ ନାହିଁ, କାରଣ ଏହା ଅଧିକ ସମୟ ନେଇଥାଏ, କିନ୍ତୁ ଆପଣଙ୍କ ପର୍ଯ୍ୟବେକ୍ଷଣ ଆଧାରରେ ଏପରି ଯୋଡ଼ି ବାଛନ୍ତୁ ଯେଉଁମାନେ ଅନ୍ୟମାନଙ୍କୁ ଶିଖିବାରେ ସାହାଯ୍ୟ କରିପାରିବେ ଓ ଶ୍ରେଣୀରେ ସକାରାତ୍ମକ ଯୋଗଦାନ କରିପାରିବେ। ଏହିପରି କାର୍ଯ୍ୟ ଭୟାଳୁ / ଡ଼ରୁଆ ଶିକ୍ଷାର୍ଥୀମାନଙ୍କଠାରେ ଆତ୍ମବିଶ୍ୱାସ ସୃଷ୍ଟି କରିପାରିବ। ଯଦି ଆପଣ ଶିକ୍ଷାର୍ଥୀଙ୍କୁ ସମସ୍ୟା ସମାଧାନ କରିବାକୁ ଦେଇଛନ୍ତି, ତେବେ ଆପଣ ସେମାନଙ୍କୁ ନମୂନା ଉତ୍ତର ଦେଇପାରନ୍ତି ଓ ଯୋଡ଼ିରେ କାର୍ଯ୍ୟ କରି ସେମାନଙ୍କ ଉତ୍ତରରେ ଉନ୍ନତି ଆଣିବାକୁ କହିପାରନ୍ତି। ଏହା ସେମାନଙ୍କୁ ନିଜ ଶିକ୍ଷଣ ସଂପର୍କରେ ଚିନ୍ତା କରିବା ଓ ନିଜ ଭୁଲ୍‌ରୁ ଶିଖିବାରେ ସାହାଯ୍ୟ କରିବ।

ଯଦି ଆପଣ ନୂତନଭାବେ ଯୋଡ଼ିକାର୍ଯ୍ୟ କରୁଥାଆନ୍ତି, ତେବେ ଏହା ଖୁବ୍ ଗୁରୁତ୍ୱପୂର୍ଣ୍ଣ ଯେ ଆପଣ କାର୍ଯ୍ୟରେ ଯାହା ପରିବର୍ତ୍ତନ ଚାହୁଁଛନ୍ତି ତାହାକୁ ଲିପିବଦ୍ଧ କରନ୍ତୁ, ଏପରିକି ସମୟ ଓ କେଉଁ ପିଲାଙ୍କୁ ନେଇ ଯୋଡ଼ି କରୁଛନ୍ତି ତାହା ମଧ୍ୟ ଲିପିବଦ୍ଧ କରନ୍ତୁ। ଆପଣଙ୍କ ଶିଖିବା ଓ ଶିକ୍ଷାଦାନର ଉନ୍ନତି ନିମନ୍ତେ ଏହା ଗୁରୁତ୍ୱପୂର୍ଣ୍ଣ। ଫଳପ୍ରଦ ଯୋଡ଼ିକାର୍ଯ୍ୟ ପରିଚାଳନା କରିବା ସହିତ ସ୍ୱଷ୍ଟ ସୂଚନା, ସମୟ ପରିଚାଳନା ଓ ସଂକ୍ଷିପ୍ତ ସଂକ୍ଷେପଣର ସଂପର୍କ ଅଛି – ଏ ସବୁ ପାଇଁ ପର୍ଯ୍ୟାପ୍ତ ଅଭ୍ୟାସ ଆବଶ୍ୟକ।

## ସମ୍ବଳ 6: ଦଳଗତ କାର୍ଯ୍ୟର ବ୍ୟବହାର

ଦଳଗତ କାର୍ଯ୍ୟ ଏକ ଶୃଙ୍ଖଳିତ, ସକ୍ରିୟ, ଶିକ୍ଷଣ କୌଶଳ ଯାହା ଶିକ୍ଷାର୍ଥୀମାନଙ୍କୁ ଛୋଟ ଦଳରେ ଏକାଠି କାର୍ଯ୍ୟ କରି ଏକ ସାଧାରଣ ଲକ୍ଷ୍ୟରେ ପହଞ୍ଚିବା ପାଇଁ ଉତ୍ସାହିତ କରିଥାଏ । ଏହି ଛୋଟ ଦଳସବୁ ସଂଗଠିତ କାର୍ଯ୍ୟକ୍ରମ ମାଧ୍ୟମରେ ଅଧିକ ସକ୍ରିୟ ଓ ପ୍ରଭାବଶାଳୀ ଶିକ୍ଷଣକୁ ଉତ୍ସାହିତ କରିଥା'ନ୍ତି ।

### ଦଳଗତ କାର୍ଯ୍ୟର ଉପକାରିତା

ଶିକ୍ଷାର୍ଥୀମାନଙ୍କୁ ଚିନ୍ତା କରିବା, ଭାବ ବିନିମୟ କରିବା, ଧାରଣା ଓ ଭାବନାର ବିନିମୟ କରିବା ଓ ନିଷ୍ପତ୍ତିନେବା ଦ୍ୱାରା ଶିଖିବାକୁ ଉତ୍ସାହିତ କରିବାର ଏକ ପ୍ରଭାବଶାଳୀ ତଥା ବଳିଷ୍ଠ ଉପାୟ ହେଉଛି ଦଳଗତ କାର୍ଯ୍ୟ । ଏହା ଦ୍ୱାରା ଆପଣଙ୍କର ଶିକ୍ଷାର୍ଥୀମାନେ ଉଭୟ ଶିକ୍ଷାଗ୍ରହଣ ଓ ଶିକ୍ଷାଦାନ କରିପାରିବେ :ଏହା ହେଉଛି ଶିକ୍ଷଣର ଏକ ଶକ୍ତିଶାଳୀ ଓ କ୍ରିୟାଶୀଳ ରୂପ ।

କେବଳ ଦଳରେ ବସିବାକୁ ଦଳଗତ କାର୍ଯ୍ୟ କୁହାଯାଏ ନାହିଁ ବରଂ ଏକ ସ୍ୱଷ୍ଟ ଲକ୍ଷ୍ୟ ହାସଲ ପାଇଁ ଦଳରେ କାର୍ଯ୍ୟ କରିବା ଓ ଭାଗଦାରୀ ଶିକ୍ଷଣରେ ଅଂଶଗ୍ରହଣ କରିବାକୁ ଦଳଗତ କାର୍ଯ୍ୟ କୁହାଯାଏ । ଶିକ୍ଷଣ ପାଇଁ ଦଳଗତ କାର୍ଯ୍ୟକୁ କାହିଁକି ବ୍ୟବହାର କରାଯାଉଛି ସେ ସମ୍ବନ୍ଧରେ ଆପଣ ସ୍ୱଷ୍ଟ ହେବା ଦରକାର। ଏହା କାହିଁକି ବ୍ୟାଖ୍ୟାନ, ଯୋଡ଼ି କାର୍ଯ୍ୟ ଓ ବ୍ୟକ୍ତିଗତ କାର୍ଯ୍ୟ ଠାରୁ ଅଧିକ ଗ୍ରହଣୀୟ ତାହା ମଧ୍ୟ ଜାଣିବା ଆବଶ୍ୟକ । ତେଣୁ ଦଳଗତ କାର୍ଯ୍ୟ ଯୋଜନାବଦ୍ଧ ଓ ଉଦ୍ଦେଶ୍ୟପୂର୍ଣ୍ଣ ହେବା ଆବଶ୍ୟକ।

## ଦଳଗତ କାର୍ଯ୍ୟର ଯୋଜନା

ପାଠଦାନ ଶେଷରେ କ'ଣ ଶିକ୍ଷଣ ହେବା ଆପଣ ଆଶା କରୁଛନ୍ତି ତା' ଉପରେ କେତେବେଳେ ଓ କିପରି ଦଳଗତ କାର୍ଯ୍ୟକୁ ବ୍ୟବହାର କରାଯିବ ଉପରେ ନିର୍ଭର କରେ । ପାଠ ଆରମ୍ଭରେ, ଶେଷରେ ଓ ଏପରିକି ପାଠପଢ଼ା ମଧ୍ୟରେ ଆପଣ ଦଳଗତ କାର୍ଯ୍ୟର ବ୍ୟବହାର କରିପାରିବେ ମାତ୍ର ଏଥିପାଇଁ ଆପଣ ପର୍ଯ୍ୟାପ୍ତ ସମୟ ଦେବା ଆବଶ୍ୟକ। ଦଳଗତ କାର୍ଯ୍ୟକୁ ଉତ୍ତମ ରୂପେ ପରିଚାଳନା କରିବା ପାଇଁ ଆପଣ ପ୍ରଥମେ ଚିନ୍ତା କରିବା ଆବଶ୍ୟକ ଯେ, ଶିକ୍ଷାର୍ଥୀମାନେ କେଉଁ କାର୍ଯ୍ୟ ସଂପାଦନ କରିବେ।

ଶିକ୍ଷକ ଭାବରେ ଯଦି ଆପଣ ପୂର୍ବରୁ ନିମ୍ନ ଅନୁଯାୟୀ ଯୋଜନା କରିବେ, ତେବେ ଦଳଗତ କାର୍ଯ୍ୟ ସଫଳ ହେବ ବୋଲି ନିଶ୍ଚିତ ହେବ।

- ଦଳଗତ କାର୍ଯ୍ୟର ଲକ୍ଷ୍ୟ ଓ ପ୍ରତ୍ୟାଶିତ ଫଳାଫଳ
- ଶିକ୍ଷଣକାର୍ଯ୍ୟ ନିମନ୍ତେ ସମୟ ବଣ୍ଟନ; ପ୍ରତିପୁଷ୍ଟି ବା ସଂକ୍ଷେପରେ କାର୍ଯ୍ୟ ଏହାର ଅନ୍ତର୍ଭୁକ୍ତ
- କିପରି ଦଳଗୁଡ଼ିକୁ ବିଭାଜନ କରାଯିବ (କେତୋଟି ଦଳ, ପ୍ରତ୍ୟେକ ଦଳରେ କେତେ ଜଣ ଶିକ୍ଷାର୍ଥୀ, ଦଳଗଠନ ପାଇଁ ମାନଦଣ୍ଡ)
- କିପରି ଦଳଗୁଡ଼ିକୁ ପରିଚାଳନା କରାଯିବ (ଦଳର ବିଭିନ୍ନ ସଦସ୍ୟଙ୍କର ଭୂମିକା, ଆବଶ୍ୟକୀୟ ସମୟ, ସାମଗ୍ରୀ, ଲିପିବଦ୍ଧକରଣ ଓ ବିବରଣୀ ପ୍ରସ୍ତୁତି)
- କିଭଳି କୌଣସି ମୂଲ୍ୟାୟନ କରାଯିବ ଓ ଲିପିବଦ୍ଧ କରାଯିବ (ଦଳଗତ ମୂଲ୍ୟାୟନ ଠାରୁ ବ୍ୟକ୍ତିଗତ ମୂଲ୍ୟାୟନକୁ ପୃଥକ୍ କରିବା ପାଇଁ ଯତ୍ନବାନ ହୁଅନ୍ତୁ )
- ଆପଣ କିଭଳି ଦଳଗତ କାର୍ଯ୍ୟକୁ ତଦାରଖ କରିବେ ।

## ଦଳରେ କି କି କାର୍ଯ୍ୟ କରାଯିବ ?

ଆପଣଙ୍କ ଶିକ୍ଷାର୍ଥୀମାନେ ଯାହା ଶିଖିବେ ବୋଲି ଆପଣ ଆଶା କରୁଛନ୍ତି ସେଥିପାଇଁ ଶିକ୍ଷାର୍ଥୀମାନଙ୍କୁ କ'ଣ କରିବାକୁ ହେବ ତାହା ସେମାନଙ୍କୁ କହିବା ଆବଶ୍ୟକ। ସେମାନେ ଦଳଗତ କାର୍ଯ୍ୟରେ ଭାଗ ନେଇ ଅନ୍ୟମାନଙ୍କୁ ଶୁଣିବା, ନିଜର ଭାବନାକୁ ବ୍ୟକ୍ତ କରିବା ଓ ସହଯୋଗ ଦ୍ୱାରା କାର୍ଯ୍ୟ କରିବା ଭଳି କୌଶଳ ସବୁ ଶିଖିବେ । ସେ ଯାହାହେଉ ଆପଣ ପଢ଼ାଇଥିବା ବିଷୟବସ୍ତୁ ସମ୍ବନ୍ଧରେ କିଛି ଶିଖିବା ହେଉଛି ଏହାର ମୁଖ୍ୟ ଲକ୍ଷ୍ୟ। ନିମ୍ନରେ ଦିଆଯାଇଥିବା କାର୍ଯ୍ୟଗୁଡ଼ିକ ଏଥିରେ ଅନ୍ତର୍ଭୁକ୍ତ କରାଯାଇପାରେ:

- **ଉପସ୍ଥାପନା:** ଶିକ୍ଷାର୍ଥୀମାନେ ଦଳରେ କାର୍ଯ୍ୟ କରି ଶ୍ରେଣୀର ଅନ୍ୟ ଶିକ୍ଷାର୍ଥୀଙ୍କ ପାଇଁ ପ୍ରସ୍ତାବନା ପ୍ରସ୍ତୁତ କରନ୍ତି । ଯଦି ପ୍ରତ୍ୟେକ ଦଳ ପ୍ରସଙ୍ଗର ଭିନ୍ନ ଭିନ୍ନ ଦିଗ ଉପରେ କାର୍ଯ୍ୟ କରନ୍ତି ତେବେ ଦଳଗତ କାର୍ଯ୍ୟ ଅଧିକ ଫଳପ୍ରଦ ହେବ । ଏକ ନିର୍ଦ୍ଦିଷ୍ଟ ଧାରଣାକୁ ବାରମ୍ବାର ଶୁଣିବା ଅପେକ୍ଷା ଭିନ୍ନ ଭିନ୍ନ ଧାରଣାକୁ ଅଲଗା ଅଲଗା ଶିକ୍ଷାର୍ଥୀଙ୍କଠାରୁ ଶୁଣିବା ପାଇଁ ସେମାନେ ଅଭିପ୍ରେରିତ ହୋଇଥା'ନ୍ତି। ଏକ ଉତ୍ତମ ଉପସ୍ଥାପନା ପାଇଁ କେତେକ ମାନଦଣ୍ଡ ଧାର୍ଯ୍ୟ ଏବଂ ପ୍ରତ୍ୟେକ ଦଳର ଉପସ୍ଥାପନା ପାଇଁ ନିର୍ଦ୍ଦିଷ୍ଟ ସମୟ ସ୍ଥିର କରିବା ଜରୁରୀ। ଶିକ୍ଷାଦାନ ପୂର୍ବରୁ ଏ ସବୁକୁ କଳାପଟାରେ ଲେଖି ଦିଅନ୍ତୁ। ଶିକ୍ଷାର୍ଥୀମାନେ ଏହି ମାନଦଣ୍ଡ ଆଧାରରେ ସେମାନଙ୍କର ଉପସ୍ଥାପନା ପାଇଁ ଯୋଜନା ପ୍ରସ୍ତୁତ କରିବେ ଓ ଅନ୍ୟମାନଙ୍କର କାର୍ଯ୍ୟର ମୂଲ୍ୟାୟନ କରିବେ, ମାନଦଣ୍ଡ ସ୍ଥିର କଲାବେଳେ ନିମ୍ନଲିଖିତ ଦିଗ ପ୍ରତି ଗୁରୁତ୍ୱ ଦିଆଯିବ।
  - ଉପସ୍ଥାପନା ସ୍ପଷ୍ଟ ଥିଲା କି ?
  - ଉପସ୍ଥାପନା ସୁ-ସଂଗଠିତ ହୋଇଥିଲା କି ?
  - ମୁଁ ଉପସ୍ଥାପନାରୁ କିଛି ଶିଖିଲି କି ?
  - ଉପସ୍ଥାପନା ମତେ କିଛି ଚିନ୍ତା କରିବାକୁ ସୁଯୋଗ ଦେଲା କି ?
- **ସମସ୍ୟା ସମାଧାନ –** ଶିକ୍ଷାର୍ଥୀମାନେ ଏକ ବା ଏକାଧିକ ସମସ୍ୟାର ସମାଧାନ ପାଇଁ ଦଳଗତ ଭାବେ କାର୍ଯ୍ୟ କରନ୍ତି । ଏହା ବିଜ୍ଞାନରେ ପରୀକ୍ଷଣ କରିବା, ଗଣିତର ଗୋଟିଏ ସମସ୍ୟା ସମାଧାନ କରିବା, ଇଂରାଜୀର ଗପ ବା ଗୀତକୁ ବିଶ୍ଳେଷଣ କରିବା କିମ୍ବା ଇତିହାସରେ ଏକ ଘଟଣାର ବିଶ୍ଳେଷଣ କରିବା ହୋଇପାରେ।

- **କଳାକୃତି ପ୍ରସ୍ତୁତି କରିବା :** ଶିକ୍ଷାର୍ଥୀମାନେ ଦଳରେ କାର୍ଯ୍ୟ କରି ଅଙ୍କ, ଛୋଟ ଡ୍ରାମା, ସଂଗୀତ, କୌଣସି ଧାରଣାକୁ ବୁଝାଇବା ପାଇଁ ମଡ଼େଲ, କୌଣସି ଘଟଣା / ସମସ୍ୟା ସମ୍ବନ୍ଧୀୟ ଖବର ବିବରଣୀ ପୋଷ୍ଟର ପ୍ରସ୍ତୁତ କରିପାରିବେ। ଏକ ନୂଆ ପ୍ରସଙ୍ଗର ଆରମ୍ଭ କରିବା ପାଇଁ ଦଳକୁ ପାଞ୍ଚ ମିନିଟ୍ ସମୟ ମାନସ ମନ୍ଥନ କରିବା ପାଇଁ ଦେଲେ ତାହା ଆପଣଙ୍କୁ ଶିକ୍ଷାର୍ଥୀମାନେ ପୂର୍ବରୁ କ'ଣ ଜାଣିଛନ୍ତି ତାହା ଜାଣିବାରେ ସାହାଯ୍ୟ କରିବ ଏବଂ ଆପଣଙ୍କୁ ଉପଯୁକ୍ତ ସ୍ତରରେ ଶିକ୍ଷାଦାନ କରିବାରେ ସାହାଯ୍ୟ କରିବ।
- **ପୃଥକ୍ ପୃଥକ କାର୍ଯ୍ୟର ବ୍ୟବସ୍ଥା :** ବିଭିନ୍ନ ବୟସର କିମ୍ବା ଭିନ୍ନ ଉପଲବ୍ଧି ସ୍ତରର ଶିକ୍ଷାର୍ଥୀଙ୍କୁ ଏକ କାର୍ଯ୍ୟରେ ମିଶି କାର୍ଯ୍ୟ କରିବାକୁ ସୁଯୋଗ ଦେଇଥାଏ ଦଳଗତ କାର୍ଯ୍ୟ। ଉଚ୍ଚ ଉପଲବ୍ଧି ସ୍ତରର ଶିକ୍ଷାର୍ଥୀମାନେ କାର୍ଯ୍ୟକୁ ବର୍ଣ୍ଣନା କରିବାର ସୁଯୋଗ ପାଇ ଲାଭବାନ ହୋଇଥା'ନ୍ତି ଓ ନିମ୍ନ ଉପଲବ୍ଧି ସ୍ତରର ଶିକ୍ଷାର୍ଥୀମାନେ ଛୋଟ ଦଳରେ ପ୍ରଶ୍ନ ପଚାରିବା ପାଇଁ ନିଜକୁ ସୁରକ୍ଷିତ ମନେକରିଥା'ନ୍ତି ଓ ସହପାଠୀମାନଙ୍କ ଠାରୁ ଶିଖିଥା'ନ୍ତି।
- **ଆଲୋଚନା :** ଶିକ୍ଷାର୍ଥୀମାନେ କୌଣସି ସମସ୍ୟା ସଂପର୍କରେ ମାନସିକ ଭାବେ ଅନୁଧ୍ୟାନ କରି ବିଚାର କରନ୍ତି ଓ ସିଦ୍ଧାନ୍ତରେ ପହଞ୍ଚିଥା'ନ୍ତି। ଏଥିପାଇଁ ଆପଣଙ୍କୁ କିଛି ପରିମାଣରେ ପ୍ରସ୍ତୁତ ହେବାକୁ ପଡ଼ିବ ଏବଂ ଏହା ନିଶ୍ଚିତ ହେବାକୁ ହେବ ଯେ ଆପଣଙ୍କ ଶିକ୍ଷାର୍ଥୀମାନଙ୍କ ଠାରେ ସମସ୍ୟାର ବିଭିନ୍ନ ଉପାୟକୁ ଜାଣିବା ପାଇଁ ପର୍ଯ୍ୟାପ୍ତ ଜ୍ଞାନ ଅଛି। କିନ୍ତୁ ଶ୍ରେଣୀରେ ଆଲୋଚନା ବା ତର୍କ ପରିଚାଳନା କରିବା ଆପଣ ଓ ଶିକ୍ଷାର୍ଥୀମାନଙ୍କ ପାଇଁ ଲାଭଜନକ ହୋଇଥାଏ।

## ଦଳ ପରିଚାଳନା

ଫଳପ୍ରଦ ଦଳଗତ କାର୍ଯ୍ୟ ପାଇଁ ଚାରିରୁ ଆଠଜଣ ଶିକ୍ଷାର୍ଥୀଙ୍କୁ ନେଇ ଦଳ ଗଠନ କରିବା ଉଚିତ୍ କିନ୍ତୁ ଏହା ଆପଣଙ୍କ ଶ୍ରେଣୀର ଶିକ୍ଷାର୍ଥୀଙ୍କ ସଂଖ୍ୟା ଉପରେ ନିର୍ଭର କରେ, ଯଥା-ଶ୍ରେଣୀର ଭୌତିକ ପରିବେଶ, ଆସବାବପତ୍ର, ଶିକ୍ଷାର୍ଥୀମାନଙ୍କର ଉପଲବ୍ଧି ସ୍ତର ଓ ବୟସର ସୀମା । ଗୋଟିଏ ଦଳରେ ପ୍ରତ୍ୟେକ ପରସ୍ପରକୁ ଦେଖି ପାରୁଥିବା ଦରକାର, କହିପାରୁଥିବା ଦରକାର ଓ ଦଳର ଫଳାଫଳରେ ଭାଗ ନେବା ଦରକାର।

- ଆପଣ କିପରି ଓ କାହିଁକି ଶିକ୍ଷାର୍ଥୀମାନଙ୍କୁ ଦଳରେ ବିଭକ୍ତ କରିବାକୁ ନିଷ୍ପତ୍ତି ନେଉଛନ୍ତି; ଉଦାହରଣ ସ୍ୱରୂପ- ଆପଣ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ବନ୍ଧୁତା ସୃଷ୍ଟି ପାଇଁ, ଆଗ୍ରହ ସୃଷ୍ଟି ପାଇଁ ଦଳ ଗଠନ କରିପାରନ୍ତି କିମ୍ବା ସମ ଓ ଭିନ୍ନ ଦକ୍ଷତା ସଂପନ୍ନ ଶିକ୍ଷାର୍ଥୀଙ୍କୁ ନେଇ ଦଳ ଗଠନ କରିପାରନ୍ତି, ଏ ସବୁକୁ ନେଇ ଆପଣ ପରୀକ୍ଷା କରିପାରନ୍ତି ଓ କେଉଁଥିରେ ଆପଣ ସଫଳ ହେଉଛନ୍ତି ତାହା ସମୀକ୍ଷା କରିବା ଆବଶ୍ୟକ।
- ଦଳର ପ୍ରତ୍ୟେକ ଶିକ୍ଷାର୍ଥୀ କେଉଁ କେଉଁ ଦାୟିତ୍ୱ ନେବେ ତା'ର ଯୋଜନା କରନ୍ତୁ, ଉଦାହରଣ ସ୍ୱରୂପ- କିଏ ଦଳରେ ବିବରଣୀ ଲେଖିବ, କିଏ ଦଳର ମୁଖପାତ୍ର ହେବ କିମ୍ବା କିଏ ସମୟ ରକ୍ଷକ ହେବ କିମ୍ବା କିଏ ସାମଗ୍ରୀ ସଂଗ୍ରହ କରିବ ଇତ୍ୟାଦି) ଏବଂ ଏହା ଆପଣ ସ୍ପଷ୍ଟ କରିବା ଆବଶ୍ୟକ।

## ଦଳଗତ କାର୍ଯ୍ୟ ପରିଚାଳନା

ଏକ ଉତ୍ତମ ଦଳଗତ କାର୍ଯ୍ୟ ପରିଚାଳନା ପାଇଁ ଆପଣଙ୍କୁ କେତେକ ନୀତିନିୟମ ଏବଂ ସମୟ ନିର୍ଘଣ୍ଟ ପ୍ରଣୟନ କରିବାକୁ ହେବ। ଆପଣ ଯେବେ ନିୟମିତ ଭାବେ ଦଳଗତ କାର୍ଯ୍ୟର ବ୍ୟବହାର କରୁଛନ୍ତି, ଶିକ୍ଷାର୍ଥୀମାନେ ଜାଣିବା ଆବଶ୍ୟକ ଯେ ଆପଣ କ'ଣ ଆଶା କରୁଛନ୍ତି ଓ ସେମାନେ କିପରି ଆନନ୍ଦ ପାଉଛନ୍ତି । ପ୍ରାରମ୍ଭିକ ପର୍ଯ୍ୟାୟରେ, ଶିକ୍ଷାର୍ଥୀମାନଙ୍କ ସହିତ ଦଳରେ କାମ କରିବାର ସୁଫଳକୁ ଚିହ୍ନଟ କରିବା ଏକ ଭଲ ଚିନ୍ତାଧାରା ହୋଇପାରେ । ତେଣୁ ଆପଣ ଶିକ୍ଷାର୍ଥୀମାନଙ୍କ ସହ ଏକ ଭଲ ଦଳଗତ କାର୍ଯ୍ୟର ଗୁଣାବଳୀ / ଲକ୍ଷଣ ସଂପର୍କରେ ଆଲୋଚନା କରନ୍ତୁ । ଦଳଗତ କାର୍ଯ୍ୟ ପରିଚାଳନା ନିମନ୍ତେ କେତେକ ନିୟମ ତିଆରି କରନ୍ତୁ ଓ ସେଗୁଡ଼ିକୁ ଶ୍ରେଣୀରେ ପ୍ରଦର୍ଶନ କରନ୍ତୁ । ଉଦାହରଣ ସ୍ୱରୂପ : 'ପରସ୍ପରକୁ ସମ୍ମାନ ଦେବା', 'ଶୁଣିବା', 'ପରସ୍ପରକୁ ସାହାଯ୍ୟ କରିବା', 'ଏକାଧିକ ଚିନ୍ତାଧାରାର ପ୍ରୟୋଗ କରିବା' ଇତ୍ୟାଦି ।

ଦଳଗତ କାର୍ଯ୍ୟ ସଂପର୍କରେ ସ୍ପଷ୍ଟ ମୌଖିକ ନିର୍ଦ୍ଦେଶନା ଦେବା ଗୁରୁତ୍ୱପୂର୍ଣ୍ଣ । ଏହି ସୂଚନାକୁ ମଧ୍ୟ କଳାପଟାରେ ଲେଖାଯାଇପାରେ। ଆପଣଙ୍କୁ ନିମ୍ନ ସୂଚନାଗୁଡ଼ିକୁ ଭଲଭାବରେ ଧ୍ୟାନଦେବାକୁ ହେବ:

- ଶିକ୍ଷାର୍ଥୀମାନଙ୍କୁ କହନ୍ତୁ ସେମାନେ ଦଳରେ ଆପଣଙ୍କ ଯୋଜନା ଅନୁଯାୟୀ କାମ କରିବେ, ଶ୍ରେଣୀର କେଉଁ ସୂଚିତ ସ୍ଥାନରେ କାର୍ଯ୍ୟ କରିବେ କିମ୍ବା ସୂଚନା ଅନୁଯାୟୀ ଶ୍ରେଣୀର ଆସବାବପତ୍ର ବା ସ୍କୁଲ ବ୍ୟାଗ୍‌କୁ ଗୋଟିଏ ସ୍ଥାନରୁ ନେଇ ଆଉ ଗୋଟିଏ ସ୍ଥାନରେ ରଖିବେ ।
- ଦିଆଯିବାକୁ ଥିବା କାର୍ଯ୍ୟ ସଂପର୍କରେ ସ୍ପଷ୍ଟ ଓ ନିଶ୍ଚିତ ରହନ୍ତୁ, ଏହାକୁ ସଂକ୍ଷେପରେ କଳାପଟାରେ ଲେଖନ୍ତୁ ବା ଚିତ୍ରରେ ଦେଖାନ୍ତୁ । ଆପଣ ଆରମ୍ଭ କରିବା ପୂର୍ବରୁ ସେମାନଙ୍କୁ ପ୍ରଶ୍ନ ପଚାରିବାକୁ ସୁଯୋଗ ଦିଅନ୍ତୁ ।

ପାଠପଢ଼ା କାର୍ଯ୍ୟ ଚାଲିଥିବାବେଳେ ବିଭିନ୍ନ ଦଳ ନିକଟକୁ ଯାଇ ଲକ୍ଷ୍ୟ କରନ୍ତୁ ଓ ସେମାନେ କିପରି କାର୍ଯ୍ୟକୁ କରୁଛନ୍ତି ତାହା ତଦାରଖ କରନ୍ତୁ । ଯଦି ସେମାନେ କାର୍ଯ୍ୟ ସୂଚନା ଅନୁଯାୟୀ କାର୍ଯ୍ୟ ନକରୁଥାନ୍ତି, ତେବେ ସେମାନଙ୍କୁ ସହାୟତା ଓ ପରାମର୍ଶ ଦିଅନ୍ତୁ ।

କାର୍ଯ୍ୟ ଚାଲିଥିବା ସମୟରେ ମଧ୍ୟ ଆପଣ ଦଳରେ ପରିବର୍ତ୍ତନ କରିପାରନ୍ତି । ଏଠାରେ ଦୁଇଟି କୌଶଳ ଦିଆଯାଇଛି ଯାହା ଆପଣ ଶ୍ରେଣୀରେ ପ୍ରୟୋଗ କରିପାରନ୍ତି, ବିଶେଷତଃ ଅଧିକ ସଂଖ୍ୟକ ଶିକ୍ଷାର୍ଥୀ ବିଶିଷ୍ଟ ଶ୍ରେଣୀ ପରିଚାଳନାରେ ଏହା ବିଶେଷ ଉପଯୋଗୀ ।

- **ବିଶେଷଜ୍ଞ ଦଳ**: ପ୍ରତ୍ୟେକ ଦଳକୁ ଅଲଗା ଅଲଗା କାର୍ଯ୍ୟ ଦିଅନ୍ତୁ । ଯେପରି, ବିଦ୍ୟୁତ୍ ଉତ୍ପାଦନ ପାଇଁ ନୂଆ ଉପାୟ ସ୍ଥିର କରିବା ବା ଡ୍ରାମା ପାଇଁ ଚରିତ୍ର ସ୍ଥିର ନିର୍ଣ୍ଣୟ କରିବା । କିଛି ସମୟ ପରେ ଦଳଗୁଡ଼ିକୁ ପୁଣି ଥରେ ନୂତନ ଭାବେ ତିଆରି କରନ୍ତୁ ଯେପରି ପ୍ରତ୍ୟେକ ନୂଆ ଦଳରେ ପ୍ରଥମରୁ ଥିବା ଦଳର ଜଣେ ଲେଖାଏ ବିଶେଷଜ୍ଞ ରହିବେ । ଏବେ ସେମାନଙ୍କୁ କାମ ଦିଅନ୍ତୁ ଯେପରି ସମସ୍ତ ବିଶେଷଜ୍ଞଙ୍କ ଠାରୁ ଜ୍ଞାନ ସଂଗ୍ରହ କରାଯାଇପାରିବ । ଯେପରି କେଉଁ ଭଳି ବିଦ୍ୟୁତ୍ କେନ୍ଦ୍ର (ଶକ୍ତି କେନ୍ଦ୍ର) ସ୍ଥିର କରାଯିବ ବା ଡ୍ରାମାର ପ୍ରସ୍ତୁତି ।
- **ପ୍ରତିନିଧି**: ଯଦି କାର୍ଯ୍ୟଟି କୌଣସି ସମସ୍ୟା ସମାଧାନ ବା କିଛି ଜିନିଷ ସୃଷ୍ଟି ପାଇଁ ହୋଇଥାଏ, କାମ ହେବାର କିଛି ସମୟ ପରେ ପ୍ରତି ଦଳକୁ କୁହନ୍ତୁ ସେମାନେ ସେମାନଙ୍କର ପ୍ରତିନିଧିକୁ ଅନ୍ୟ ଦଳକୁ ପଠେଇବେ । ସେମାନେ ଅନ୍ୟଦଳରେ ସମସ୍ୟାର ସମାଧାନ କିମ୍ବା ଧାରଣାକୁ ଲକ୍ଷ୍ୟ କରିବେ ଓ ପୁଣିଥରେ ନିଜ ଦଳକୁ ଆସି ସେ ସଂପର୍କରେ ବିବରଣୀ ଦେବେ ।

ଏହିଭଳି ଉପାୟରେ ଦଳମାନେ ପରସ୍ପର ଠାରୁ ଶିଖିପାରିବେ, କାର୍ଯ୍ୟ ସରିବା ପରେ ଶିକ୍ଷାର୍ଥୀମାନେ ଯାହା ସବୁ ଶିଖିଲେ ସେ ସବୁର ସଂକ୍ଷେପଣ କରନ୍ତୁ । ଶିକ୍ଷାର୍ଥୀମାନଙ୍କ ଠାରେ କୌଣସି ଭ୍ରାନ୍ତ ଧାରଣା ଲକ୍ଷ୍ୟ କରିଥିଲେ ସେଗୁଡ଼ିକୁ ସଂଶୋଧନ କରନ୍ତୁ । ଆପଣ ପ୍ରତି ଦଳରୁ ମତାମତ ଶୁଣିବାକୁ ଚାହିଁ ପାରନ୍ତି, କିମ୍ବା ଗୋଟିଏ ବା ଦୁଇଟି ଦଳକୁ ସେମାନଙ୍କ ପାଖରେ ଥିବା ଭଲ ଭାବନା / ଧାରଣା ଦେବାକୁ କହିପାରନ୍ତି । ଶିକ୍ଷାର୍ଥୀମାନଙ୍କୁ ସଂକ୍ଷେପରେ ମତାମତ ଦେବାକୁ ଉତ୍ସାହିତ କରନ୍ତୁ । ଦଳଗତ କାର୍ଯ୍ୟ ବେଳେ କ'ଣ ସବୁ ଠିକ୍ ଭାବେ କାମ ଦେଲା ଓ କେଉଁଗୁଡ଼ିକ ଆନନ୍ଦଦାୟକ ଥିଲା ଓ କେଉଁଗୁଡ଼ିକର ଉନ୍ନତି ଆବଶ୍ୟକ ସେ ସଂପର୍କରେ ମତାମତ ଦେବାକୁ ଶିକ୍ଷାର୍ଥୀଙ୍କୁ ସୁଯୋଗ ଦିଅନ୍ତୁ ।

ଆପଣ ଶ୍ରେଣୀ କକ୍ଷରେ ଦଳଗତ କାର୍ଯ୍ୟ ବ୍ୟବହାର କରିବାକୁ ଇଚ୍ଛା ପ୍ରକାଶ କରୁଥିଲେ ମଧ୍ୟ ବେଳେବେଳେ, ଆପଣ ତା'ର ପରିଚାଳନାରେ ସମସ୍ୟାର ସମ୍ମୁଖୀନ ହୋଇ ପାରନ୍ତି କାରଣ କେତେକ ଶିକ୍ଷାର୍ଥୀ

- ସକ୍ରିୟ ଶିକ୍ଷଣରେ ଓ ସଂପୃକ୍ତ ହୋଇ ନଥା'ନ୍ତି।
- ଦଳରେ ଆଧିପତ୍ୟ ବିସ୍ତାର କରିଥା'ନ୍ତି ।
- ଆତ୍ମବିଶ୍ୱାସର ଅଭାବ ବା ଦୁର୍ବଳ ପାରସ୍ପାରିକ ସଂପର୍କ ଯୋଗୁ ଅଂଶଗ୍ରହଣ କରିନଥା'ନ୍ତି।

ଦଳଗତ କାର୍ଯ୍ୟର ଫଳପ୍ରଦ ପରିଚାଳନା ନିମନ୍ତେ ଉପରୋକ୍ତ ଦିଗଗୁଡ଼ିକ ପ୍ରତି ଯତ୍ନଶୀଳ ହେବା ଆବଶ୍ୟକ । ଏହା ସହିତ, ଶିକ୍ଷଣ ଫଳାଫଳ କେତେ ଦୂର ହାସଲ ହୋଇଛି ଓ ଶିକ୍ଷାର୍ଥୀମାନେ କିପରି ଉତ୍ତର ଦେଉଛନ୍ତି ତାହା ମଧ୍ୟ ଲକ୍ଷ୍ୟ କରାଯିବା ଆବଶ୍ୟକ । ଖୁବ ଯତ୍ନ ଓ ସତର୍କତାର ସହ ଦଳୀୟ କାର୍ଯ୍ୟ, ସମ୍ବଳ, ସମୟ, ଦଳ ଗଠନ ବିଷୟରେ ଯୋଜନା କରନ୍ତୁ ।

ଗବେଷଣା ଲବ୍ଧ ଫଳାଫଳରୁ ଜଣାପଡ଼ିଛି ଯେ ଶିକ୍ଷାର୍ଥୀଙ୍କର ଶିକ୍ଷଣ ଉପଲବ୍ଧି ଉନ୍ନତି ହେବା ପାଇଁ ଦଳଗତ ଶିକ୍ଷଣ ସବୁ ସମୟରେ ବ୍ୟବହାର କରାଯିବା ଆବଶ୍ୟକ ନୁହେଁ, ଅର୍ଥାତ୍ ପ୍ରତ୍ୟେକ ପାଠ ପାଇଁ ଏହା କରାଯିବା ଜରୁରୀ ନୁହେଁ । ଆପଣ ଦଳଗତ କାର୍ଯ୍ୟକୁ ଏକ

ପରିପୂରକ କୌଶଳ ଭାବେ ବ୍ୟବହାର କରିପାରନ୍ତି, ଉଦାହରଣ ସ୍ୱରୂପ : ପ୍ରସଙ୍ଗ ପରିବର୍ତ୍ତନ ବେଳେ କିମ୍ବା ଶ୍ରେଣୀ ଆଲୋଚନାକୁ ଯିବା ସମୟରେ ବିରତି ଭାବେ ଏହାକୁ ବ୍ୟବହାର କରାଯାଇ ପାରିବ । ଶ୍ରେଣୀରେ ସକ୍ରିୟାତ୍ମକ କାର୍ଯ୍ୟ, ଅଭିଜ୍ଞତାଭିତ୍ତିକ ଶିକ୍ଷଣ ଓ ସମସ୍ୟା ସମାଧାନ କାର୍ଯ୍ୟ କିମ୍ବା କୌଣସି ପ୍ରସଙ୍ଗକୁ ସମୀକ୍ଷା କରିବାବେଳେ ଏହାକୁ ବ୍ୟବହାର କରାଯାଇପାରିବ ।

## ସମ୍ବଳ 7: ପାଠ ଯୋଜନା ପ୍ରସ୍ତୁତି

### ଯୋଜନା ଏବଂ ପ୍ରସ୍ତୁତିକରଣ କାହିଁକି ଗୁରୁତ୍ୱପୂର୍ଣ୍ଣ

ଭଲ ପାଠ ପାଇଁ ଯୋଜନା କରିବା ଉଚିତ୍। ଯୋଜନା ଆପଣଙ୍କ ଶିକ୍ଷାଦାନକୁ ସ୍ପଷ୍ଟ, ଅର୍ଥପୂର୍ଣ୍ଣ କରିଥାଏ, ଯଦ୍ଦ୍ୱାରା ଶିକ୍ଷାର୍ଥୀମାନେ ସକ୍ରିୟ ଓ ଆଗ୍ରହୀ ହୋଇଥାଆନ୍ତି। ଫଳପ୍ରଦ ଯୋଜନା ମଧ୍ୟରେ ନମନୀୟତା ରହିଥାଏ, ଯେଉଁଥିରେ ଶିକ୍ଷକ ଶିକ୍ଷାର୍ଥୀମାନଙ୍କଠାରୁ ଆଶା କରୁଥିବା ଶିକ୍ଷଣକୁ ଗୁରୁତ୍ୱ ଦେଇଥାନ୍ତି ।

ଏକାଧିକ ପାଠର ଯୋଜନା ପାଇଁ କାର୍ଯ୍ୟ କଲେ ଶିକ୍ଷାର୍ଥୀମାନଙ୍କୁ ବୁଝି ହେବ ଓ ତାଙ୍କର ଶିକ୍ଷଣକୁ ଜାଣିବାରେ ସଂଶ୍ଳିଷ୍ଟ କରାଏ। ଏହାର ଅର୍ଥ ପାଠ୍ୟକ୍ରମ ମାଧ୍ୟମରେ ବିକାଶ, ସର୍ବୋତ୍ତମ ସମ୍ବଳ ଚିହ୍ନଟ ଓ ଶିକ୍ଷଣକାର୍ଯ୍ୟ ବାଛିବା ଓ ଶିକ୍ଷାର୍ଥୀଙ୍କୁ ଶିଖିବାରେ ସାହାଯ୍ୟ କରିବା ।

ଯୋଜନା ଗୋଟିଏ ନିରବଚ୍ଛିନ୍ନ ପ୍ରକ୍ରିୟା । ଯାହା ଆପଣଙ୍କୁ ଉଭୟ ଏକକ ପାଠ ଓ ତତ୍‌ସହିତ ପାଠର ବିଭିନ୍ନ ପର୍ଯ୍ୟାୟ ପ୍ରସ୍ତୁତ କରିବାରେ ସାହାଯ୍ୟ କରେ। ପାଠ ଯୋଜନାର ସ୍ତରଗୁଡିକ ହେଲା-

- ଅଗ୍ରଗତି କରିବା ପାଇଁ ଆପଣଙ୍କ ଶିକ୍ଷାର୍ଥୀମାନେ କ'ଣ ଆବଶ୍ୟକ କରନ୍ତି ତାହା ସ୍ପଷ୍ଟ ହୁଅନ୍ତୁ।
- ଆପଣ କିପରି ଶିକ୍ଷାଦାନ କରିବାକୁ ଚାହୁଁଛନ୍ତି ଏହା ଶିକ୍ଷାର୍ଥୀମାନେ ବୁଝିବା ଉଚିତ୍ ଏବଂ ଆପଣଙ୍କ ପ୍ରତ୍ୟାଶା ଅନୁଯାୟୀ କିପରି ନମନୀୟତା ଅଣାଯାଇ ପାରିବ ତାହା ସ୍ଥିର କରନ୍ତୁ।
- ଆପଣଙ୍କ ଶିକ୍ଷାଦାନ କେତେ ଫଳପ୍ରଦ ହେଲା ଓ ଆପଣଙ୍କ ଶିକ୍ଷାର୍ଥୀମାନେ କ'ଣ ଶିଖିଲେ ତାହା ବିଚାର କରନ୍ତୁ। ଏହାକୁ ଆଧାର କରି ପରବର୍ତ୍ତୀ ଯୋଜନା ପ୍ରସ୍ତୁତ କରନ୍ତୁ।

### ଏକାଧିକ ପାଠ ଯୋଜନା ପ୍ରସ୍ତୁତି

ଯେତେବେଳେ ଆପଣ ଗୋଟିଏ ପାଠ୍ୟକ୍ରମ ଅନୁସରଣ କରୁଛନ୍ତି, ପ୍ରଥମ କାମ ହେଉଛି ବିଷୟ ଓ ପ୍ରସଙ୍ଗକୁ ଛୋଟ ଛୋଟ ଭାଗରେ ପରିଣତ କରିବା। ଆପଣ ଶିକ୍ଷାଦାନ ପାଇଁ ଉପଲବ୍ଧ ସମୟ ତଥା ଶିକ୍ଷାର୍ଥୀମାନଙ୍କ ପ୍ରଗତି, ଜ୍ଞାନ ଓ କୌଶଳର କ୍ରମ ବିକାଶ ସଂପର୍କରେ ଧ୍ୟାନ ଦେବା ଆବଶ୍ୟକ। ଆପଣଙ୍କର ଅଭିଜ୍ଞତା କିମ୍ବା ସହଯୋଗୀମାନଙ୍କ ସହିତ ଆଲୋଚନା କରି ସ୍ଥିର କରିବେ ଯେ ଗୋଟିଏ ପ୍ରସଙ୍ଗକୁ କେତୋଟି ପିରିୟଡରେ ପଢାଯିବ, ଗୋଟିଏ ପ୍ରସଙ୍ଗ ଚାରୋଟି ପିରିୟଡ ନେଇ ପାରେ ଓ ଅନ୍ୟ ଏକ ପ୍ରସଙ୍ଗ ଦୁଇଟି ପିରିୟଡ଼ ନେଇ ପାରେ। କିନ୍ତୁ ଆପଣଙ୍କୁ ଭିନ୍ନ ଉପାୟରେ ଶିକ୍ଷଣକୁ ନିଶ୍ଚିତ କରିବାକୁ ପଡ଼ିବ ଓ ଏସବୁକୁ ପରବର୍ତ୍ତୀ ସମୟରେ ବିଭିନ୍ନ ପାଠର ଶିକ୍ଷଣରେ ବ୍ୟବହାର କରିବାକୁ ହେବ।

ପ୍ରତ୍ୟେକ ପାଠଯୋଜନାରେ ଆପଣଙ୍କୁ ନିମ୍ନ ଦିଗଗୁଡ଼ିକ ସଂପର୍କରେ ସ୍ପଷ୍ଟ ହେବାକୁ ହେବ:

- ଆପଣଙ୍କ ଶିକ୍ଷାର୍ଥୀମାନେ କ'ଣ ଶିଖିବେ ବୋଲି ଆପଣ ଚାହୁଁଛନ୍ତି ?
- ଆପଣ ତାହାକୁ କିପରି ଶିକ୍ଷାର୍ଥୀଙ୍କୁ ପିରିଚିତ କରାଇବେ ?
- ଶିକ୍ଷାର୍ଥୀ କ'ଣ କରିବେ ଓ କାହିଁକି ସେପରି କରିବେ ?

ଯଦି ଆପଣ ଶିକ୍ଷଣକୁ ସକ୍ରିୟ ଓ ଆନନ୍ଦଦାୟୀ କରିବାକୁ ଚାହୁଁଛନ୍ତି, ତେବେ ଶିକ୍ଷାର୍ଥୀମାନେ ସୁବିଧାଜନକ ଏବଂ କୌତୁହଳ ଅନୁଭବ କରିବା ଆବଶ୍ୟକ। ଧାରାବାହିକ ଭାବେ କେତୋଟି ପାଠ ପଢିବାକୁ ଥିବା ବେଳେ ଶିକ୍ଷାର୍ଥୀମାନେ କ'ଣ ସବୁ ଶିଖିବେ ବୋଲି ଆଶା କରନ୍ତି ତାହା ପାଠ ଯୋଜନା ପ୍ରସ୍ତୁତ କରିବା ବେଳେ ସେ ସବୁ ବିଚାର କରନ୍ତୁ। ତା' ହେଲେ ଆପଣ ପାଠଗୁଡିକରେ ବିବିଧତା ଓ

କୌତୁହଳ ନିଶ୍ଚିତ କରିବା ସହିତ ସେଗୁଡିକୁ ନମନୀୟ କରିପାରିବେ। ଏହି ପାଠ ଗୁଡିକରେ ସେମାନେ ଅଗ୍ରଗତି କରୁଥିବା ବେଳେ ସେମାନେ ବୁଝିପାରନ୍ତି ନାହିଁ ତା'ର ତଦାରଖ ପାଇଁ ଯୋଜନା ପ୍ରସ୍ତୁତ କରନ୍ତୁ। କେତେକ ପାଠ ଅଧିକ ସମୟ ନେଇପାରେ ବା କେତେକ ଖୁବ୍ କମ୍ ସମୟରେ ଆହରଣ କରାଯାଇ ପାରେ- ସେଥିପାଇଁ ନମନୀୟ ହେବା ପାଇଁ ପ୍ରସ୍ତୁତି ରୁହନ୍ତୁ।

## ଗୋଟିଏ ପାଠ ଯୋଜନା ପାଇଁ ପ୍ରସ୍ତୁତି

ଆପଣ ଧାରାବାହିକ ଭାବେ ଏକାଧିକ ପାଠ ଯୋଜନା ପ୍ରସ୍ତୁତ କରିବା ପରେ ପ୍ରତ୍ୟେକ ପାଠ ପାଇଁ ଯୋଜନା ପ୍ରସ୍ତୁତ କରିବାକୁ ହେବ ଏବଂ ଏହା ସେହି ସମୟ ହୋଇଥିବେ ଶିକ୍ଷାର୍ଥୀମାନଙ୍କର ଶିକ୍ଷଣ ଅଗ୍ରଗତି ଉପରେ ଆଧାରିତ ପର୍ଯ୍ୟନ୍ତ ହେବା ଆବଶ୍ୟକ। ଶିକ୍ଷାର୍ଥୀମାନେ କ'ଣ ଶିଖିଛନ୍ତି ବା ଏକାଧିକ ପାଠରେ ଶିକ୍ଷାଦାନ ପରେ ସେମାନେ କ'ଣ ଶିଖିବା ଦରକାର ତାହା ଆପଣ ଜାଣିଥାନ୍ତି। କିନ୍ତୁ କ'ଣ ଅପ୍ରତ୍ୟାଶିତ ଘଟିପାରେ ବା ଆପଣ ପାଠଟିକୁ ତ୍ୱରାନ୍ୱିତ କରିବା ଆବଶ୍ୟକ ହୋଇପାରେ ତାହା ବିଚାର କରନ୍ତୁ।

ତେଣୁ ପ୍ରତ୍ୟେକ ଶ୍ରେଣୀ ପାଇଁ ଯୋଜନା କରାଯିବା ଆବଶ୍ୟକ ଯେପରି ସମସ୍ତ ଶିକ୍ଷାର୍ଥୀ ଅଗ୍ରଗତି କରିବେ, ସଫଳ ହେବେ ଓ ଶିକ୍ଷାଦାନ କାର୍ଯ୍ୟରେ ସଂପୃକ୍ତ ହେବେ।

ପାଠ ଯୋଜନାରେ ଦିଆଯାଇଥିବା ପ୍ରତ୍ୟେକ ଶିକ୍ଷଣକାର୍ଯ୍ୟ ପାଇଁ ପର୍ଯ୍ୟାପ୍ତ ସମୟ ଦିଆଯାଇଛି, ବ୍ୟବହାରିକ ଓ ଦଳଗତ କାର୍ଯ୍ୟ ନିମନ୍ତେ ଆବଶ୍ୟକ ସମ୍ବଳ ଉପଲବ୍ଧ ଅଛି–ଏହା ନିଶ୍ଚିତ ହୁଅନ୍ତୁ। ଅଧିକ ଶିକ୍ଷାର୍ଥୀ ବିଶିଷ୍ଟ ଶ୍ରେଣୀ ପାଇଁ ଯୋଜନା କରିବାବେଳେ ଭିନ୍ନ ଭିନ୍ନ ଦଳ ପାଇଁ ଅଲଗା ପ୍ରଶ୍ନ ଓ କାର୍ଯ୍ୟର ଆବଶ୍ୟକ ପଡ଼ିପାରେ। ଯୋଜନା ପ୍ରସ୍ତୁତ ବେଳେ ଏଥିପ୍ରତି ଧ୍ୟାନ ଦିଆଯିବା ଆବଶ୍ୟକ।

ଯେତେବେଳେ ଆପଣ କୌଣସି ନୂଆ ପ୍ରସଙ୍ଗର ଶିକ୍ଷାଦାନ କରିବାକୁ ଯାଉଛନ୍ତି, ସେଥିପାଇଁ ଅଭ୍ୟାସ କରିବା ନିମନ୍ତେ ଅଧିକ ସମୟ ସ୍ଥିର କରିବା ଓ ଆପଣ ସେ ସଂପର୍କରେ ଅନ୍ୟ ଶିକ୍ଷକଙ୍କ ସହ କଥାବାର୍ତ୍ତା (ଆଲୋଚନା) କରିବା ଆବଶ୍ୟକ। ଏହା ଆପଣଙ୍କ ଆତ୍ମବିଶ୍ୱାସ ବଢ଼ାଇଥାଏ।

ଆପଣଙ୍କ ପାଠଗୁଡ଼ିକୁ ତିନୋଟି ଭାଗରେ ପ୍ରସ୍ତୁତ କରିବା ପାଇଁ ଚିନ୍ତା କରନ୍ତୁ;

### 1 ଉପକ୍ରମ

ପାଠ ଆରମ୍ଭରେ ଶିକ୍ଷାର୍ଥୀମାନେ କଣ ଶିଖିବେ ଏବଂ କଣ କରିବେ ତାହା ସେମାନଙ୍କୁ ବୁଝାଇ ଦିଅନ୍ତୁ, ତେଣୁ ସମସ୍ତେ ଜାଣିବେ ଯେ ତାଙ୍କଠାରୁ କ'ଣ ଆଶା କରାଯାଉଛି। ପରସ୍ପର ସହିତ ଆଲୋଚନା କରିବା ପାଇଁ ଶିକ୍ଷାର୍ଥୀ ସୁଯୋଗ ଦେଲେ ସେମାନେ ଶିକ୍ଷଣ ବିଷୟ ପ୍ରତି ଆଗ୍ରହାନ୍ୱିତ ହେବେ ଓ ସେମାନେ କ'ଣ ଶିଖିବାକୁ ଯାଉଛନ୍ତି ତାହା ଜାଣିପାରିବେ।

### 2 ପାଠ ଯୋଜନାର ମୁଖ୍ୟ ଅଂଶ

ଶିକ୍ଷାର୍ଥୀମାନେ ପୂର୍ବରୁ କ'ଣ ଜାଣିଛନ୍ତି ତାହାକଲୁ ଆଧାର କରି ପଢାଇବାକୁ ଥିବା ବିଷୟବସ୍ତୁର ସଂକ୍ଷିପ୍ତ ରୂପରେଖ ପ୍ରସ୍ତୁତ କରନ୍ତୁ। ଆଞ୍ଚଳିକ ସମ୍ବଳ, ନୂଆ ସୂଚନା, ସକ୍ରିୟ ପନ୍ଥା, ସମସ୍ୟା ସମାଧାନ, ଦଳଗତ କାର୍ଯ୍ୟ ଆଦି ପାଠ ଯୋଜନାରେ ଅନ୍ତର୍ଭୁକ୍ତ କରିବା ସ୍ଥିର କରିପାରନ୍ତି, ବ୍ୟବହାର କରିବା ପାଇଁ ସମ୍ବଳଗୁଡିକୁ ଚିହ୍ନଟ କରନ୍ତୁ ଏବଂ ଶ୍ରେଣୀଗୃହରେ ମିଳୁଥିବା ସ୍ଥାନର କିପରି ବ୍ୟବହାର କରିବେ ତାହା ମଧ୍ୟ ସ୍ଥିର କରନ୍ତୁ। ବିଭିନ୍ନ ପ୍ରକାରର ଶିକ୍ଷଣକାର୍ଯ୍ୟ, ସମ୍ବଳ ଏବଂ ସମୟର ସଦୁପଯୋଗ ହେଉଛି ପାଠ ଯୋଜନାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଯଦି ଆପଣ ବିଭିନ୍ନ ପ୍ରକାରର ପଦ୍ଧତି ଏବଂ ଶିକ୍ଷଣକାର୍ଯ୍ୟକୁ ବ୍ୟବହାର କରନ୍ତି ତେବେ ଆପଣ ଅଧିକରୁ ଅଧିକ ଶିକ୍ଷାର୍ଥୀଙ୍କ ପାଖରେ ପହଞ୍ଚିପାରିବେ କାରଣ ସେମାନେ ଭିନ୍ନ ଭିନ୍ନ ଉପାୟରେ ଶିଖିଥାଆନ୍ତି।

### 3 ଶିକ୍ଷାଦାନ ଶେଷରେ ଶିକ୍ଷଣକୁ ଯାଞ୍ଚ କରିବା

ଶିକ୍ଷାଦାନ ଚଳିଥିବା ସମୟରେ ହେଉ ବା ଶେଷରେ ହେଉ ଆପଣ କିଛି ସମୟ ବାହାର କରନ୍ତୁ, ଯେଉଁଥିରେ ଶିକ୍ଷାର୍ଥୀମାନଙ୍କର ଶିକ୍ଷଣ ଅଗ୍ରଗତିକୁ ଯାଞ୍ଚ କରାଯାଇ ପାରିବ। ଏହି ଯାଞ୍ଚର ଅର୍ଥ ନୁହେଁ ଏକ ସବୁବେଳେ ପରୀକ୍ଷଣ କରିବା। ସାଧାରଣତଃ ଏହା ଖୁବ୍ କମ୍ ସମୟ

ମଧ୍ୟରେ ଏବଂ ତତ୍‌କ୍ଷଣାତ୍ ହେବା ଉଚିତ୍– ଯେପରି ଶିକ୍ଷାର୍ଥୀମାନେ କ'ଣ ଶିଖିଲେ ତାହା ଉପସ୍ଥାପନ କରିବାବେଳେ କିମ୍ବା କେତେକ ଯୋଜନାବଦ୍ଧ ପ୍ରଶ୍ନ ମାଧ୍ୟମରେ। କିନ୍ତୁ ଆପଣ ଶିକ୍ଷାର୍ଥୀଙ୍କ ଉତ୍ତର ଆଧାରରେ ନିଜର ଯୋଜନା ପରିବର୍ତ୍ତନ କରିବା ଆବଶ୍ୟକ।

ଶିକ୍ଷାଦାନର ସମାପ୍ତି କରିବାର ଏକ ଭଲ ଉପାୟ ହେଉଛି ପୂର୍ବରୁ ସ୍ଥିର କରାଯାଇଥିବା ଶିକ୍ଷଣ ଉଦ୍ଦେଶ୍ୟକୁ ଫେରନ୍ତୁ ଓ ଶିକ୍ଷଣ ଅଗ୍ରଗତି ସଂପର୍କରେ ଆପଣ ଓ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ପାରସ୍ପରିକ ଆଲୋଚନା ପାଇଁ ସମୟ ଦିଅନ୍ତୁ। ଶିକ୍ଷାର୍ଥୀଙ୍କୁ ଶୁଣିବା ଦ୍ୱାରା ଆପଣ ପରବର୍ତ୍ତୀ ପାଠ ପାଇଁ ଯୋଜନା ପ୍ରସ୍ତୁତ କରିବା ସହଜ ହୋଇଯିବ।

## ପାଠ ଯୋଜନାର ସମୀକ୍ଷା

ପ୍ରତ୍ୟେକ ଶ୍ରେଣୀ ପରେ ତା'ର ଏକ ବିବରଣୀ ରଖନ୍ତୁ ଯେଉଁଥିରେ ଆପଣ କ'ଣ କଲେ, ଶିକ୍ଷାଥୀମାନେ କ'ଣ ଶିଖିଲେ, କେଉଁ ସମ୍ବଳର ବ୍ୟବହାର ହୋଇଥିଲା ଏବଂ ଶ୍ରେଣୀକାର୍ଯ୍ୟ କିପରି ଚାଲିଲା ତାହା ସ୍ଥାନ ପାଇବ। ଏହା ପରବର୍ତ୍ତୀ ପାଠଗୁଡ଼ିକର ଯୋଜନାକୁ ଉନ୍ନତ କରିବାରେ ସହାୟକ ହେବ। ଉଦାହରଣ ସ୍ୱରୂପ, ଆପଣ ସ୍ଥିର କରିପାରନ୍ତି:

- ଶିକ୍ଷଣକାର୍ଯ୍ୟରେ ପରିବର୍ତ୍ତନ କରିବା ବା ବିକଳ୍ପ କାର୍ଯ୍ୟ ବ୍ୟବହାର କରିବା
- ବହୁ ପ୍ରକାରର ମୁକ୍ତ ଓ ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ ପ୍ରସ୍ତୁତ କରିବା
- ଅତିରିକ୍ତ ସହାୟତା ଆବଶ୍ୟକ କରୁଥିବା ଶିକ୍ଷାର୍ଥୀଙ୍କ ପାଇଁ ସ୍ୱତନ୍ତ୍ର ଅଧିବେଶନର ବ୍ୟବସ୍ଥା କରିବା

ଚିନ୍ତା କରନ୍ତୁ, ଆପଣ ଶିକ୍ଷାର୍ଥୀଙ୍କୁ ଶିକ୍ଷଣରେ ସହାୟତା ଦେବା ପାଇଁ କ'ଣ କ'ଣ ଅଧିକ କରିଥାନ୍ତେ।

ଆପଣ ଶିକ୍ଷାଦାନ କାର୍ଯ୍ୟରେ ଅଗ୍ରସର ହେବା ସମୟରେ ଆପଣଙ୍କ ପାଠଯୋଜନାରେ ପରିବର୍ତ୍ତନ ଅବଶ୍ୟମ୍ଭାବୀ, କାରଣ ଆପଣଙ୍କ ଯୋଜନା ମୁତାବକ ସବୁ ଜିନିଷ ଠିକ୍ ଚାଲି ନ ପାରେ। ଏକ ଫଳପ୍ରଦ ଯୋଜନାର ଅର୍ଥ ହେଉଛି ଆପଣ କ'ଣ ଶିକ୍ଷଣ ଘଟିବା ଆଶା କରୁଛନ୍ତି ଓ ସେଥିପାଇଁ ଆପଣଙ୍କୁ ନମନୀୟଭାବେ ସମସ୍ତ ପରିସ୍ଥିତିକୁ ସାମ୍ନା କରିବାକୁ ପ୍ରସ୍ତୁତି ରହିବାକୁ ହେବ ଯେପରି ଶିକ୍ଷାର୍ଥୀମାନେ ପ୍ରକୃତରେ ଶିଖି ପାରିବେ।

# ସମ୍ବଳ 8 : ଚିନ୍ତନର ବିକାଶ ପାଇଁ 'ପ୍ରଶ୍ନ ପଚାରିବା' ବ୍ୟବହାର କରିବା

ଶିକ୍ଷକ ସବୁବେଳେ ସେମାନଙ୍କ ଶିକ୍ଷାର୍ଥୀଙ୍କୁ ପ୍ରଶ୍ନ ପଚାରି ଥାଆନ୍ତି: ପ୍ରଶ୍ନ ପଚାରିବାର ଅର୍ଥ ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ ଅଧିକରୁ ଅଧିକ ଶିଖିବାରେ ସାହାଯ୍ୟ କରିବା। ମୋଟ ଉପରେ ଜଣେ ଶିକ୍ଷକ ଶ୍ରେଣୀ ସମୟର ଏକତୃତୀୟାଂଶ ସମୟ ଶିକ୍ଷାର୍ଥୀମାନଙ୍କୁ ପ୍ରଶ୍ନ ପଚାରିବାରେ ବ୍ୟୟ କରିଥାନ୍ତି (Hastings, 2003)। ପଚରାଯାଉଥିବା ପ୍ରଶ୍ନଗୁଡ଼ିକ ମଧ୍ୟରୁ 60% ପ୍ରଶ୍ନ କେବଳ ତଥ୍ୟକୁ ମନେପକାଇବା ଓ 20% ହେଉଛି ପଦ୍ଧତିଗତ (Hattie 2012), ଅଧିକାଂଶ ପ୍ରଶ୍ନଗୁଡିକର ଉତ୍ତର ଠିକ୍ ବା ଭୁଲରେ ଆସିଥାଏ। କିନ୍ତୁ ଠିକ୍ ବା ଭୁଲ ଉତ୍ତର ବିଶିଷ୍ଟ ପ୍ରଶ୍ନ ଗୁଡ଼ିକ ପଚାରିବା ଦ୍ୱାରା ଶିକ୍ଷାର୍ଥୀଙ୍କ ଶିକ୍ଷଣ ତ୍ୱରାନ୍ୱିତ ହୋଇଥାଏ କି ?

ବିଭିନ୍ନ ପ୍ରକାରର ପ୍ରଶ୍ନ ଅଛି ଯାହା ଶିକ୍ଷାର୍ଥୀଙ୍କୁ ପଚରାଯାଇ ପାରିବ। ଶିକ୍ଷକ କେଉଁଭଳି ଉତ୍ତର ଓ ଫଳାଫଳ ଆଶା କରନ୍ତି, ତାହାକୁ ଭିତ୍ତି କରି ପ୍ରଶ୍ନର ପ୍ରକାର ସ୍ଥିର କରି ବ୍ୟବହାର କରାଯାଇପାରିବ। ସାଧାରଣତଃ ଶିକ୍ଷକ ନିମ୍ନ ଉଦ୍ଦେଶ୍ୟରେ ପ୍ରଶ୍ନ ପଚାରିଥାନ୍ତି:

- କୌଣସି ନୂଆ ବିଷୟବସ୍ତୁକୁ ବୁଝିବା ନିମନ୍ତେ ମାର୍ଗଦର୍ଶନ କରିବା
- ଶିକ୍ଷାର୍ଥୀମାନଙ୍କର ଚିନ୍ତନକୁ ଅନ୍ୟମାନଙ୍କୁ ଜଣାଇବା ପାଇଁ ଉତ୍ସାହିତ କରିବା ନିମନ୍ତେ
- କୌଣସି ତ୍ରୁଟିକୁ ସୁଧାରିବା ନିମନ୍ତେ
- ଶିକ୍ଷାର୍ଥୀମାନଙ୍କ କାର୍ଯ୍ୟକ୍ଷମତା ବୃଦ୍ଧି କରିବା ନିମନ୍ତେ ଚାପ ପକାଇବା
- ଶିକ୍ଷାର୍ଥୀମାନଙ୍କର ବୋଧକୁ ପରୀକ୍ଷା କରିବା

ସାଧାରଣତଃ ଶିକ୍ଷାର୍ଥୀମାନେ କଣ ଜାଣିଛନ୍ତି ତାହା ନିର୍ଣ୍ଣୟ କରିବା ପାଇଁ ପ୍ରଶ୍ନ ପଚରାଯାଇଥାଏ। ଏହା ମଧ୍ୟ ସେମାନଙ୍କର ଅଗ୍ରଗତିର ମୂଲ୍ୟାୟନ ପାଇଁ ଗୁରୁତ୍ୱପୂର୍ଣ୍ଣ। ଶିକ୍ଷାର୍ଥୀମାନଙ୍କୁ ଅନୁପ୍ରେରିତ କରିବା, ସେମାନଙ୍କର ଚିନ୍ତନ କୌଶଳକୁ ପରିବ୍ୟାପ୍ତ କରିବା ଓ ସେମାନଙ୍କଠାରେ ଏକ ଆବିଷ୍କାରକ ମନ ସୃଷ୍ଟି କରିବା ପାଇଁ ପ୍ରଶ୍ନକୁ ବ୍ୟବହାର କରାଯାଇଥାଏ। ପ୍ରଶ୍ନଗୁଡ଼ିକ ଦୁଇ ପ୍ରମୁଖ ବିଭାଗର ଅନ୍ତର୍ଭୁକ୍ତ :

**ନିମ୍ନମାନର ପ୍ରଶ୍ନ (Lower order questions),** ଯେଉଁ ପ୍ରଶ୍ନଗୁଡିକ କେବଳ ଶିକ୍ଷାର୍ଥୀଙ୍କୁ ସ୍ମୃତିଶକ୍ତି ବ୍ୟବହାର କରି ଘଟଣାକୁ ମନେପକାଇବା ପାଇଁ ପ୍ରେରିତ କରିଥାଏ। ସାଧାରଣତଃ ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ (ଉତ୍ତର 'ହଁ' କିମ୍ବା 'ନା' ରେ ହୋଇପାରେ)

**ଉଚ୍ଚମାନର ପ୍ରଶ୍ନ (Higher order questions),** ଏ ପ୍ରକାରର ପ୍ରଶ୍ନ ଅଧିକ ଚିନ୍ତନ ଉପରେ ଗୁରୁତ୍ୱ ଦେଇଥାଏ। ତଥ୍ୟଗୁଡିକୁ ଏକାଠି କରି ଏକ ଯୁକ୍ତିସଂଗତ ଉପାୟରେ ଉତ୍ତର ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦେଇଥାଏ। ସାଧାରଣତଃ ମୁକ୍ତ ଉତ୍ତରମୂଳକ ପ୍ରଶ୍ନ ଏହାର ଅନ୍ତର୍ଭୁକ୍ତ ମୁକ୍ତ ଉତ୍ତରମୂଳକ ପ୍ରଶ୍ନ ଶିକ୍ଷାର୍ଥୀଙ୍କୁ ପାଠ୍ୟପୁସ୍ତକ ବାହାରକୁ ଯାଇ ଚିନ୍ତା କରିବା, ପାଠ୍ୟ ପୁସ୍ତକର ଭାଷାକୁ ନକଲ ନକରି ଉତ୍ତର ଲେଖିବା ଓ ଏକାଧିକ ଠିକ୍ ଉତ୍ତର ସଂପର୍କରେ ଚିନ୍ତା କରିବାକୁ ଉତ୍ସାହିତ କରିଥାଏ।

## ଉତ୍ତର ଦେବାକୁ ଶିକ୍ଷାର୍ଥୀଙ୍କୁ ଉତ୍ସାହିତ କରିବା

ଅଧିକାଂଶ ଶିକ୍ଷକ ପ୍ରଶ୍ନ ପଚାରିବା ପରେ ଉତ୍ତର ଦେବା ପାଇଁ , ଏକ ସେକେଣ୍ଡରୁ କମ୍ ସମୟ ଶିକ୍ଷାର୍ଥୀଙ୍କୁ ଦେଇଥାନ୍ତି ଓ ସେଇଥିପାଇଁ ସେମାନେ ନିଜେ ପ୍ରଶ୍ନର ଉତ୍ତର କହି ଦେଇଥାନ୍ତି ବା ପ୍ରଶ୍ନର ଭାଷାକୁ ବଦଳାଇ ଦେଇଥାନ୍ତି (Hastings, 2003) । ଶିକ୍ଷାର୍ଥୀମାନଙ୍କ ପାଖରେ କେବଳ ପ୍ରତିକ୍ରିୟା ପ୍ରକାଶ କରିବା ନିମନ୍ତେ ଖୁବ୍ କମ୍ ଉପାୟ ଥାଏ – ଚିନ୍ତା କରିବା ନିମନ୍ତେ ସମୟ ନଥାଏ। ଯଦି ଆପଣ ସେମାନଙ୍କ ଉତ୍ତର ପାଇବା ପାଇଁ କିଛି ସମୟ ଅପେକ୍ଷା କରିବେ, ତେବେ ତାହା ସେମାନଙ୍କୁ ଚିନ୍ତା କରିବା ପାଇଁ ସମୟ ଦେବ। ଏହା ସେମାନଙ୍କର ଶିକ୍ଷଣ ଫଳାଫଳ ଉପରେ ସକାରାତ୍ମକ ପ୍ରଭାବ ପକାଇଥାଏ। ପ୍ରଶ୍ନ ପଚାରିବା ପରେ, ଉତ୍ତର ପାଇବା ପାଇଁ ଅପେକ୍ଷା କରିବା ଦ୍ୱାରା ନିମ୍ନଲିଖିତ ଦିଗଗୁଡିକର ବିକାଶ ହୋଇଥାଏ:

- ଶିକ୍ଷାର୍ଥୀମାନଙ୍କର ଉତ୍ତରର ବିସ୍ତାର
- ଉତ୍ତର ଦେଉଥିବା ଶିକ୍ଷାର୍ଥୀଙ୍କ ସଂଖ୍ୟା
- ଶିକ୍ଷାର୍ଥୀଙ୍କ ପ୍ରଶ୍ନ ପଚାରିବାର ବାରମ୍ବାରତା
- ମନ୍ଥରଗାମୀ ଶିକ୍ଷାର୍ଥୀଙ୍କ ଦ୍ୱାରା ଦିଆଯାଉଥିବା ଉତ୍ତର ସଂଖ୍ୟା
- ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ସକାରାତ୍ମକ ପାରସ୍ପରିକ ଭାବ-ବିନିମୟ

## ଆପଣଙ୍କ ଉତ୍ତର ଓ ମନୋଭାବ ଗୁରୁତ୍ୱପୂର୍ଣ୍ଣ

ଆପଣ ଯେତେ ସକାରାତ୍ମକ ମନୋଭାବ ସହ ଶିକ୍ଷାର୍ଥୀମାନଙ୍କର ଉତ୍ତରକୁ ଶୁଣିବେ ସେତେ ଅଧିକ ଶିକ୍ଷାର୍ଥୀ ଚିନ୍ତା କରିବା ଓ ଉତ୍ତର ଦେବା ପାଇଁ ଚେଷ୍ଟା କରିବାକୁ ଇଚ୍ଛା ପ୍ରକାଶ କରିବେ। ଶିକ୍ଷାର୍ଥୀମାନଙ୍କର ଭୁଲ ଉତ୍ତର ଓ ଭ୍ରାନ୍ତଧାରଣାକୁ ଠିକ୍ କରିବାର ଅନେକଗୁଡିଏ ଉପାୟ ଅଛି। ଯଦି ଜଣେ ଶିକ୍ଷାର୍ଥୀର ଭ୍ରାନ୍ତ ଧାରଣା ଥାଏ ତେବେ ନିମ୍ନଲିଖିତ ଉପାୟକୁ ଆପଣ ପରୀକ୍ଷା କରିପାରନ୍ତି:

- ଉତ୍ତରର ଠିକ୍ ଅଂଶକୁ ବାଛନ୍ତୁ ଓ ଶିକ୍ଷାର୍ଥୀଙ୍କୁ ସେହି ଉତ୍ତର ସଂପର୍କରେ ଅଧିକ ଚିନ୍ତା କରିବା ପାଇଁ ଜଣେ ସାହାଯ୍ୟକାରୀ ଭାବେ ପଚାରନ୍ତୁ। ଏହା ଶିକ୍ଷାର୍ଥୀକୁ ଅଧିକ ସକ୍ରିୟ ଭାବେ ଅଂଶ ଗ୍ରହଣ କରିବାକୁ ଉତ୍ସାହିତ କରେ ଓ ସେମାନଙ୍କର ନିଜ ଭୁଲରୁ ଶିଖିବାରେ ସାହାଯ୍ୟ କରିଥାଏ। ସେମାନଙ୍କର ଭୁଲ ଉତ୍ତରକୁ କିପରି ସକାରାତ୍ମକ ମନୋଭାବ ସହିତ ଜବାବ ଦେବେ ତାର ଏକ ଉଦାହରଣ ନିମ୍ନରେ ଦିଆଯାଇଛି। ବାଷ୍ପୀକରଣ ଯୋଗୁଁ ମେଘ ସୃଷ୍ଟି ହେବା ସଂପର୍କରେ ତୁମେ ଯାହା କହିଛ ତାହା ସଂପୂର୍ଣ୍ଣ ଠିକ୍, କିନ୍ତୁ ମୁଁ ଭାବୁଛି ବର୍ଷା ସଂପର୍କରେ ତୁମେ ଆଉ ଟିକେ ଅଧିକ ଚିନ୍ତା କରିବା ଆବଶ୍ୟକ। ଏ ସଂପର୍କରେ ଆଉ କିଏ ନୂଆ ଧାରଣା ଦେଇପାରିବ କି ?

- ଶିକ୍ଷାର୍ଥୀମାନେ ଦେଇଥିବା ସମସ୍ତ ଉତ୍ତରକୁ କଳାପଟାରେ ଲେଖି ଦିଅନ୍ତୁ ଏବଂ ସେଗୁଡିକ ସଂପର୍କରେ ଚିନ୍ତା କରିବା ପାଇଁ ଶିକ୍ଷାର୍ଥୀମାନଙ୍କୁ କୁହନ୍ତୁ। କେଉଁ ଉତ୍ତରଗୁଡିକୁ ସେମାନେ ଠିକ୍ ବୋଲି ଭାବୁଛନ୍ତି ? ଅନ୍ୟ ଏକ ଉତ୍ତର ଦେବା ପାଇଁ କ'ଣ କରିବା ଦରକାର ? ଶିକ୍ଷାର୍ଥୀମାନେ କ'ଣ ସବୁ ଚିନ୍ତା କରୁଛନ୍ତି ତାହା ଜାଣିବାରେ ଏହା ସୁଯୋଗ ସୃଷ୍ଟି କରିଥାଏ ଏବଂ ସେମାନଙ୍କଠାରେ ଥିବା ଭ୍ରାନ୍ତ ଧାରଣାକୁ ଠିକ୍ କରିବାରେ ଏକ ଭୟ ଶୂନ୍ୟ ପରିବେଶ ସୃଷ୍ଟି କରିଥାଏ।

ଶିକ୍ଷାର୍ଥୀମାନଙ୍କର ସମସ୍ତ ଉତ୍ତରକୁ ଯତ୍ନ ସହକାରେ ଶୁଣନ୍ତୁ ଓ ସେମାନଙ୍କୁ ତାହାକୁ ବୁଝାଇବାକୁ କୁହନ୍ତୁ। ଏହା ଶିକ୍ଷାର୍ଥୀମାନଙ୍କୁ ଗୁରୁତ୍ୱ ଦେଇଥାଏ। ଯଦି ସମସ୍ତ ଉତ୍ତର (ତାହା ଭୁଲ ହେଉ କି ଠିକ୍ ହେଇଥାଉ)ର ସେମାନେ ସ୍ପଷ୍ଟୀକରଣ ଦିଅନ୍ତି ବା ବ୍ୟାଖ୍ୟା କରିଥାନ୍ତି ତେବେ ଶିକ୍ଷାର୍ଥୀମାନେ ନିଜର ଭୁଲକୁ ନିଜ ନିଜ ଦ୍ୱାରା ଠିକ୍ କରିଥାନ୍ତି। ଏହାଦ୍ୱାରା ଆପଣ ଏକ ଚିନ୍ତନଶୀଳ ଶ୍ରେଣୀ ସୃଷ୍ଟି କରିପାରିବେ। ଆପଣ ପ୍ରକୃତରେ ଶିକ୍ଷାର୍ଥୀମାନେ କ'ଣ ଶିଖିଛନ୍ତି ତାହା ଜାଣିପାରିବେ ଓ କିପରି ଆଗକୁ ଯିବେ ତାହା ସ୍ଥିର କରିପାରିବେ। ଯଦି ଭୁଲ ଉତ୍ତର ପାଇଁ ଆପଣ ସେମାନଙ୍କୁ ଦଣ୍ଡ ଦେଉଥାନ୍ତି ବା ଅପମାନିତ କରୁଥାନ୍ତି, ତେବେ ସେହି ଭୟରେ ଆପଣଙ୍କ ଶ୍ରେଣୀର ଶିକ୍ଷାର୍ଥୀମାନେ ଉତ୍ତର ଦେବା ପାଇଁ ଚେଷ୍ଟା କରିବା ବନ୍ଦ କରିଦେବେ।

## ଉତ୍ତରର ଗୁଣାତ୍ମକତା ବୃଦ୍ଧି

ଏହା ଖୁବ୍ ଗୁରୁତ୍ୱପୂର୍ଣ୍ଣ ଯେ, ଆପଣ ପ୍ରଶ୍ନଗୁଡିକୁ କ୍ରମରେ ପଚାରିବାକୁ ପ୍ରଚେଷ୍ଟା କରୁଛନ୍ତି ଯେଉଁ ପ୍ରଶ୍ନଗୁଡିକ କେବଳ ଠିକ୍ ଉତ୍ତରରେ ଶେଷ ହେଉନଥିବ। ଶିକ୍ଷାର୍ଥୀ ଠିକ୍ ଉତ୍ତର ଦେବା ପରେ ଆଉ ଗୋଟିଏ ଅଧିକ ଅନୁସନ୍ଧାନମୂଳକ ପ୍ରଶ୍ନ ପଚାରିବା ଉଚିତ୍। ଯାହା ସେମାନଙ୍କର ଜ୍ଞାନର ପରିସୀମା ବୃଦ୍ଧି କରିବ ଓ ଶିକ୍ଷକଙ୍କ ସହ ମିଶି କାମ କରିବାର ସୁଯୋଗ ସୃଷ୍ଟି କରିପାରିବ। ଆପଣ ନିମ୍ନଲିଖିତ ପ୍ରକାରର କାମ ସଂପର୍କରେ ପଚାରି ଏହା କାରିପାରିବେ।

- କିପରି ଓ କାହିଁକି ଥିବା ପ୍ରଶ୍ନ ପଚାରି
- ଅନ୍ୟ ଗୋଟିଏ ଉପାୟରେ ଉତ୍ତର ଦେବାକୁ କହିବା
- ଗୋଟିଏ ଶବ୍ଦ ବଦଳରେ ଅନ୍ୟ ଏକ ଭଲ ଶବ୍ଦର ବ୍ୟବହାର କରିବା
- ଉତ୍ତର ସପକ୍ଷରେ ଯୁକ୍ତିଯୁକ୍ତ ପ୍ରମାଣ ଦେବା
- ସମ୍ବନ୍ଧିତ କୌଶଳ ସହ ସମନ୍ୱିତ କରିବା
- ନୂତନ ପରିସ୍ଥିତିରେ ଶିଖିଥିବା କୌଶଳ ବା ଯୁକ୍ତି ପ୍ରୟୋଗ କରିବା

ଏ କ୍ଷେତ୍ରରେ ଆପଣଙ୍କର ଭୂମିକା ହେଉଛି ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କର ଉତ୍ତର ସଂପର୍କରେ ଅଧିକ ଚିନ୍ତା କରିବା ପାଇଁ ସୁଯୋଗ ଦେବାରେ ସାହାଯ୍ୟ କରିବା। ନିମ୍ନଲିଖିତ କୌଶଳ ଗୁଡିକ ଶିକ୍ଷାର୍ଥୀମାନଙ୍କୁ ଅଧିକ ହାସଲ କରିବାରେ ସହାୟକ ହେବ।

- **ସ୍ମାରକ କାର୍ଯ୍ୟ (Prompting):** ଏଥିରୁ ଶିକ୍ଷାର୍ଥୀକୁ ଉପଯୁକ୍ତ ସୂଚନା / ଇସାରା ଦଆଯାଇଥାଏ ଯଦ୍ୱାରା ସେ ତାର ଉତ୍ତରରେ ପରିବର୍ତ୍ତନ କରି ସେଥିରେ ଉନ୍ନତି ଆଣିଥାଏ। ସେଥିପାଇଁ ଆପଣ ପ୍ରଥମେ ଉତ୍ତରରେ କଣ ଠିକ୍ ଅଛି ତାହା ଶିକ୍ଷାର୍ଥୀକୁ କହିବା ଆବଶ୍ୟକ ଓ ଉତ୍ତରକୁ ସଂପୂର୍ଣ୍ଣ ଠିକ୍ କରିବା ପାଇଁ ସୂଚନା, ତଥ୍ୟ ଦେବା ଆବଶ୍ୟକ (ଯଦି ତୁମେ ତିଆରି କରିଥିବା କାଗଜ ଉଡାଯାହାଜର ପଛପଟେ କିଛି ଓଜନ ରଖିବ ତା'ହେଲେ କଣ ହେବ) ?
- **ଗଭୀର ଅନୁସନ୍ଧାନ କରିବା (Probing):** ଏହା ହେଉଛି ଅଧିକ ଖୋଜିବାରେ ସାହାଯ୍ୟ କରିବା। ଶିକ୍ଷାର୍ଥୀଙ୍କ ଅଣସଂଗଠିତ ଉତ୍ତର ସଂପର୍କରେ ସ୍ପଷ୍ଟୀକରଣ ଦେବା ପାଇଁ ସେମାନଙ୍କୁ ସାହାଯ୍ୟ କରିବା ଏହାର ଅନ୍ତର୍ଭୁକ୍ତ। (ଏଗୁଡିକ ପରସ୍ପର ସହ କିପରି ସଂଯୁକ୍ତ ହୋଇ ପାରିବେ ସେ ସଂପର୍କରେ ତୁମେ ମୋତେ ଅଧିକ କିଛି କହିପାରିବ କି ?)
- **ପୁନଃକେନ୍ଦ୍ରିତ କରିବା (Refocusing):** ଶିକ୍ଷାର୍ଥୀମାନେ ପୂର୍ବରୁ କ'ଣ ଶିଖିଛନ୍ତି ବା ସେମାନଙ୍କ ପୂର୍ବଜ୍ଞାନ ସହ ଠିକ୍ ଉତ୍ତରକୁ ଯୋଡିବା। ଏହା ସେମାନଙ୍କ ବୋଧକୁ ବ୍ୟାପକ କରିଥାଏ (ତୁମେ ଯାହା କହିଛ ତାହା ଠିକ୍, କିନ୍ତୁ ଗତ ସପ୍ତାହରେ ଆମେ ପଢିଥିବା ଆଞ୍ଚଳିତ ପରିବେଶ ବିଷୟବସ୍ତୁ ସହ ଏହାକୁ କିପରି ସଂପର୍କିତ କରାଯାଇ ପାରିବ ?)

- **ଆନୁକ୍ରମିକ (Sequencing):** ପ୍ରଶ୍ନଗୁଡିକର ଆନୁକ୍ରମିକ କହିଲେ ଶିକ୍ଷାର୍ଥୀଙ୍କର ଚିନ୍ତନକୁ ବ୍ୟାପକ କରିବା ପାଇଁ ପ୍ରଶ୍ନଗୁଡିକୁ ଏକ ନିର୍ଦ୍ଧିଷ୍ଟ କ୍ରମରେ ପଚାରିବା। ଏହି ପ୍ରଶ୍ନଗୁଡିକ ଶିକ୍ଷାର୍ଥୀଙ୍କୁ ସାରାଂଶ ନିର୍ଣ୍ଣୟ କରିବା, ତୁଳନା କରିବା, ବର୍ଣ୍ଣନା କରିବା ଓ ବିଶ୍ଳେଷଣ କରିବାରେ ସାହାଯ୍ୟ କରିବ। ଏପରି ପ୍ରଶ୍ନ ତିଆରି କରନ୍ତୁ ଯାହା ଶିକ୍ଷାର୍ଥୀଙ୍କୁ ଅଧିକ ନମନୀୟ କରିବାରେ ସହାୟକ ହେବ କିନ୍ତୁ ସେମାନଙ୍କ ପାଇଁ ଆହ୍ୱାନ ସୃଷ୍ଟି କରିବ ନାହିଁ କାରଣ ସେମାନେ ପ୍ରଶ୍ନର ଅର୍ଥ ବୁଝିପାରି ନଥାନ୍ତି। (ତୁମର ପୂର୍ବ ସମସ୍ୟାଗୁଡିକୁ ତୁମେ କିପରି ଦୂର କରିପାରିଲ ତାହା ବର୍ଣ୍ଣନା କର। ତୁମେ କିପରି ଭିନ୍ନ ଭାବରେ କାର୍ଯ୍ୟ କରି ଏହା କରିପାରିଲ ? ଏହିଭଳି ସମସ୍ୟାକୁ ସମାଧାନ କରିବା ପାଇଁ ତୁମେ ପରବର୍ତ୍ତୀ ଅବସ୍ଥାରେ କଣ କରିପାରିବ ବୋଲି ଭାବୁଛ ?)
- **ଶୁଣିବା (Listening):** ଏହା କେବଳ ଆପଣଙ୍କ ପ୍ରତ୍ୟାଶିତ ଉତ୍ତର ପାଇବାରେ ଆପଣଙ୍କୁ ସମର୍ଥ କରାଇନଥାଏ ବରଂ ଆପଣଙ୍କ ଆଶାର ବାହାରେ ଅନେକ ଅଭିନବ ଉତ୍ତର ପାଇବାରେ ସହାୟକ ହୋଇଥାଏ। ଆପଣଙ୍କ ଶିକ୍ଷାର୍ଥୀଙ୍କ ଉତ୍ତରକୁ ଗୁରୁତ୍ୱ ଦେଉଛନ୍ତି ବୋଲି ଏହା ପ୍ରମାଣ କରିଥାଏ। ଶିକ୍ଷାର୍ଥୀମାନଙ୍କର ଉତ୍ତର ସେମାନଙ୍କଠାରେ ଥିବା ଭ୍ରାନ୍ତ ଧାରଣାକୁ ସାମ୍ନାକୁ ଆଣିଥାଏ ଯାହା ସେଗୁଡିକୁ ଠିକ୍ କରିବାରେ ସହାୟକ ହୋଇଥାଏ। (ମୁଁ ଏ ବିଷୟରେ ଚିନ୍ତା କଲିନାହିଁ। ଏ ସଂପର୍କରେ ତୁମେ କ'ଣ ଚିନ୍ତା କରୁଛ କୁହ)

ଜଣେ ଶିକ୍ଷକ ହିସାବରେ ଆପଣ ଶିକ୍ଷାର୍ଥୀମାନଙ୍କୁ ଏପରି ପ୍ରଶ୍ନ ପଚାରିବା ଆବଶ୍ୟକ ଯାହା ସେମାନଙ୍କ ପାଇଁ ଆହ୍ୱାନମୂଳକ ପରିସ୍ଥିତି ସୃଷ୍ଟି କରିପାରିବ ଓ ଅଧିକ ଶିଖିବା ପାଇଁ ପ୍ରବର୍ତ୍ତାଇ ପାରିବ ଏବଂ ସେମାନଙ୍କଠାରେ ଆନନ୍ଦ ସୃଷ୍ଟି କରିପାରିବ। ଆପଣ ସେମାନଙ୍କୁ ଚିନ୍ତା କରିବା ପାଇଁ ସମୟ ଦେବା ଆବଶ୍ୟକ ଓ ଏହା କଲେ ଆପଣ ଦେଖିବେ ଯେ ସେମାନେ କେତେ ଅଧିକ ରୁ ଅଧିକ ଶିଖୁଛନ୍ତି ଓ ଆପଣ ସେମାନଙ୍କ ଶିକ୍ଷଣ ଅଗ୍ରଗତିରେ ସହାୟକ ହୋଇ ପାରୁଛନ୍ତି।

ମନେରଖନ୍ତୁ, ପ୍ରଶ୍ନ ପଚାରିବା କେବଳ ଶିକ୍ଷକ କ'ଣ ଜାଣିଛନ୍ତି ତାହା ନୁହେଁ, ବରଂ ଶିକ୍ଷାର୍ଥୀମାନେ କ'ଣ ଜାଣିଛନ୍ତି ତାହା ଜାଣିବା। ଏହା ମନେରଖିବାକୁ ହେବ ଯେ, ଆପଣ ନିଜେ ପଚାରିଥିବା ପ୍ରଶ୍ନର ଉତ୍ତର ନିଜେ ଦେଉ ନାହାନ୍ତି ! ଯଦି ଆପଣଙ୍କ ଶିକ୍ଷାର୍ଥୀମାନେ ଜାଣିବେ ଯେ ଆପଣ ପଚାରିଥିବା ପ୍ରଶ୍ନର ଉତ୍ତର କିଛି ସମୟର ନୀରବତା ପରେ ଆପଣ ନିଜେ କହିଦେଉଛନ୍ତି, ତେବେ ସେମାନଙ୍କର ଉତ୍ତରଦେବା ପାଇଁ ଆପଣ ସେମାନଙ୍କୁ କଣ ପ୍ରୋତ୍ସାହନ ବା ପ୍ରେରଣା ଦେଉଛନ୍ତି ?

## ସମ୍ବଳ 9: ଶିକ୍ଷଣ ପାଇଁ କଥାବାର୍ତ୍ତା

### ଶିକ୍ଷଣରେ କଥାବାର୍ତ୍ତା କାହିଁକି ଗୁରୁତ୍ୱପୂର୍ଣ୍ଣ ?

ମଣିଷର ବିକାଶ ପ୍ରକ୍ରିୟାରେ କଥାବାର୍ତ୍ତା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ଯାହା ଆମକୁ ଚିନ୍ତାକରିବା, ଶିଖିବା ଓ ପୃଥିବୀକୁ ବୁଝିବାରେ ସାହାଯ୍ୟ କରିଥାଏ । ଲୋକମାନେ ନିଜର ଯୁକ୍ତିଶକ୍ତି, ଜ୍ଞାନ ଓ ବୋଧର ବିକାଶରେ ଭାଷାକୁ ଏକ ସାଧନୀ ଭାବେ ବ୍ୟବହାର କରିଥାନ୍ତି ସେଥିପାଇଁ ଶିକ୍ଷାର୍ଥୀମାନଙ୍କୁ ପରସ୍ପର ମଧ୍ୟରେ କଥାବାର୍ତ୍ତା କରିବା ପାଇଁ ପ୍ରୋତ୍ସାହିତ କଲେ ସେମାନଙ୍କର ଶୈକ୍ଷିକ ଅଭିଜ୍ଞତାର ଆଦାନପ୍ରଦାନ ଓ ସେମାନଙ୍କର ଶୈକ୍ଷିକ ଅଗ୍ରଗତି ତ୍ୱରାନ୍ୱିତ ହୋଇଥାଏ ।

ଧାରଣାଗୁଡ଼ିକ ଶିଖିବା ପାଇଁ ସେଗୁଡ଼ିକ ସଂପର୍କରେ କଥାବାର୍ତ୍ତା କରିବାର ଅର୍ଥ ହେଉଛି:

- ସେହି ଧାରଣାଗୁଡ଼ିକୁ ଅନୁସନ୍ଧାନ କରାଯାଇଥାଏ
- ଯୁକ୍ତି ଶକ୍ତିର ବିକାଶ ଓ ସେଗୁଡ଼ିକ ସଂଗଠିତ ହୋଇଥାଏ
- ଶିକ୍ଷାର୍ଥୀମାନେ ଅଧିକରୁ ଅଧିକ ଶିକ୍ଷଣ କରିଥାନ୍ତି

ଶ୍ରେଣୀ କକ୍ଷରେ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ କଥାବାର୍ତ୍ତାକୁ ନିଶ୍ଚିତ କରିବା ପାଇଁ ବିଭିନ୍ନ ଉପାୟ ଅବଲମ୍ବନ କରାଯାଇଥାଏ । ପାଠକୁ ଘୋଷି କହିବା ଠାରୁ ଆରମ୍ଭ କରି ଉଚ୍ଚମାନର ଆଲୋଚନା ପର୍ଯ୍ୟନ୍ତ ଏହି କଥାବାର୍ତ୍ତା ସ୍ୱରୂପ ପରିବ୍ୟାପ୍ତ ହୋଇପାରେ ।

ପାରମ୍ପରିକ ଶ୍ରେଣୀରେ, ଶିକ୍ଷକଙ୍କ କଥା ପ୍ରମୁଖ ଭୂମିକା ଗ୍ରହଣ ଆଲୋଚନା କରୁଥିଲା। ଶିକ୍ଷାର୍ଥୀମାନଙ୍କର କଥାବାର୍ତ୍ତା ବା ଜ୍ଞାନ ଅପେକ୍ଷା ଶିକ୍ଷକଙ୍କ କଥାକୁ ଅଧିକ ଗୁରୁତ୍ୱ ଦିଆଯାଉଥିଲା । କିନ୍ତୁ, ଆଜିକାଲି ଶିକ୍ଷାଦାନର ଯୋଜନାରେ ଶିକ୍ଷାର୍ଥୀମାନେ କିପରି ଅଧିକ କଥାବାର୍ତ୍ତା କରିବେ ଓ ସେମାନଙ୍କର ପୂର୍ବ ଅଭିଜ୍ଞତାକୁ କଥାବାର୍ତ୍ତା ସହିତ ସଂପର୍କିତ କରିବେ ତାହା ଉପରେ ଗୁରୁତ୍ୱ ଦିଆଯାଉଛି । ଏହି କଥାବାର୍ତ୍ତା ଶିକ୍ଷକ-ଶିକ୍ଷାର୍ଥୀ ମଧ୍ୟରେ ପ୍ରଶ୍ନୋତ୍ତର ମଧ୍ୟରେ ସୀମିତ ନୁହେଁ ବରଂ ତା'ଠାରୁ ବହୁତ ବ୍ୟାପକ, ଯେଉଁଥିରେ ଶିକ୍ଷାର୍ଥୀର ନିଜସ୍ୱ ଭାଷା, ଯୁକ୍ତି, ପସନ୍ଦକୁ ପ୍ରାଧାନ୍ୟ ଦିଆ ଯାଇଥାଏ। ଆମମାନଙ୍କ ମଧ୍ୟରୁ ଅନେକ କୌଣସି ଏକ ଜଟିଳ ସମସ୍ୟା ସଂପର୍କରେ ଅନ୍ୟମାନଙ୍କ ସହ କଥାବାର୍ତ୍ତା କରିଥାଉ ଓ ସେଥିରୁ କିଛି ନିଷ୍କର୍ଷ ବାହାର କରିଥାଉ । ଶିକ୍ଷକ ଏହିପରି ସୁବ୍ୟବସ୍ଥିତ ଓ ଯୋଜନାବଦ୍ଧ କାର୍ଯ୍ୟକରାଇ ଶିକ୍ଷାର୍ଥୀଙ୍କ ମଧ୍ୟରେ କଥାବାର୍ତ୍ତାକୁ ଆଗକୁ ନେଇପାରିବେ ।

## ଶ୍ରେଣୀ କକ୍ଷରେ ଶିକ୍ଷଣକାର୍ଯ୍ୟରେ କଥାବାର୍ତ୍ତା ପାଇଁ ଯୋଜନା

କଥାବାର୍ତ୍ତା କାର୍ଯ୍ୟ ପାଇଁ ଯୋଜନା କରିବା କେବଳ ଭାଷା ବା ଶବ୍ଦଭଣ୍ଡାର (Vocabulary) ପାଠର ଅନ୍ତର୍ଭୁକ୍ତ ନୁହେଁ, ବରଂ ଏହା ଗଣିତ, ବିଜ୍ଞାନ ତଥା ଅନ୍ୟାନ୍ୟ ବିଷୟର ଯୋଜନାର ଅନ୍ତର୍ଭୁକ୍ତ। ଏହାର ଯୋଜନା ପାଇଁ ସମଗ୍ର ଶ୍ରେଣୀ କାର୍ଯ୍ୟ, ଯୋଡ଼ି ବା ଦଳଗତ କାର୍ଯ୍ୟ, ଶ୍ରେଣୀଗୃହ ବାହାରେ କାର୍ଯ୍ୟ, ଅଭିନୟ ଆଧାରିତ କାର୍ଯ୍ୟ, ଲିଖନ, ପଠନ ଓ ସୃଜନାତ୍ମକ କାର୍ଯ୍ୟ କରାଯାଇପାରେ ।

ଏପରିକି ସୀମିତ ଭାଷା ଓ ଗାଣିତିକ ଦକ୍ଷତା ଥିବା ଅଳ୍ପ ବୟସର ଶିକ୍ଷାର୍ଥୀମାନେ ଉନ୍ନତ ମାନର ଚିନ୍ତା କରିବାର ଦକ୍ଷତା ପ୍ରଦର୍ଶନ କରିଥାନ୍ତି। ଏହା ସେତେବେଳେ ସମ୍ଭବ ହୋଇଥାଏ ଯେତେବେଳେ ଶିକ୍ଷାର୍ଥୀଙ୍କର ପୂର୍ବ ଅଭିଜ୍ଞତା ଉପରେ ଆଧାରିତ ଆନନ୍ଦମୟ କାର୍ଯ୍ୟ ସଂପାଦନ କରିବାକୁ ସେମାନଙ୍କୁ ସୁଯୋଗ ଦିଆଯାଇଥାଏ । ଉଦାହରଣ ସ୍ୱରୂପ : ଶିକ୍ଷାର୍ଥୀମାନେ କୌଣସି ଗଳ୍ପର ଫଳାଫଳ ସଂପର୍କରେ ଅନୁମାନ କରିପାରନ୍ତି, ଫଟୋରୁ ପଶୁ ବା ଆକୃତିକୁ ଚିହ୍ନିପାରନ୍ତି । ଅଭିନୟ ବା କଣ୍ଢେଇ ନାଚ କାର୍ଯ୍ୟରୁ ସେମାନେ କୌଣସି ସମସ୍ୟାର ସମ୍ଭାବ୍ୟ ସମାଧାନର ତାଲିକା ପ୍ରସ୍ତୁତ କରିପାରନ୍ତି ।

ଶିକ୍ଷାର୍ଥୀମାନେ କ'ଣ ଶିଖିବେ ଓ ଚିନ୍ତା କରିବେ—ସେମାନଙ୍କ ଠାରୁ ଆପଣ କ'ଣ ଆଶା କରୁଛନ୍ତି ତାହା ସ୍ଥିର କରନ୍ତୁ ଓ ତଦନୁଯାୟୀ ପାଠ ଯୋଜନା ପ୍ରସ୍ତୁତ କରନ୍ତୁ, ଯେଉଁଥିରେ ସେମାନେ କି ପ୍ରକାରର କଥାବାର୍ତ୍ତା ହେବେ ତାହା ସ୍ପଷ୍ଟ ହେବା ଆବଶ୍ୟକ ।

କେତେକ କଥାବାର୍ତ୍ତା ବର୍ଣ୍ଣନାତ୍ମକ ହୋଇପାରେ, ଯେପରି : "ଏହା ପରେ କ'ଣ ହେବ ?", "ଏହାକୁ ଆମେ ପୂର୍ବରୁ ଦେଖିଛନ୍ତି କି ?", "ଏହା କିପରି ହେବା ଆବଶ୍ୟକ ?" କିମ୍ବା "ତାହା ସଂପର୍କରେ ତୁମେ କ'ଣ ଚିନ୍ତା କରୁଛ ?" । ଅନ୍ୟ ପ୍ରକାରର କଥାବାର୍ତ୍ତା ମୁଖ୍ୟତଃ ବିଶ୍ଳେଷଣାତ୍ମକ ହୋଇପାରେ, ଯେପରି—"ତଥ୍ୟ ସଂଗ୍ରହ କରିବା, ମତାମତ ଦେବା ।"

କଥାବାର୍ତ୍ତା ବା ଆଲୋଚନାକୁ ଆନନ୍ଦଦାୟକ କରିବାକୁ ଚେଷ୍ଟା କରନ୍ତୁ । ଯଥାସମ୍ଭବ ଶ୍ରେଣୀର ସମସ୍ତ ଶିକ୍ଷାର୍ଥୀଙ୍କୁ ବାର୍ତ୍ତାଳାପରେ ଅଂଶଗ୍ରହଣ କରିବାକୁ ଉତ୍ସାହିତ କରନ୍ତୁ । ଶିକ୍ଷାର୍ଥୀମାନେ ବିନା ଭୟରେ ବା ଋପର ବଶବର୍ତ୍ତୀ ନ ହୋଇ କିପରି ନିଜ ନିଜର ମତ ସାବ୍ୟସ୍ତ କରିପାରିବେ ସେଥିପ୍ରତି ଧ୍ୟାନ ଦିଆଯିବା ଜରୁରୀ । ଏପରିକି ସେମାନେ କହିବା ବେଳେ ଭୂଲ୍ କରୁଥିଲେ ମଧ୍ୟ ଯେପରି ନିଜକୁ ସୁରକ୍ଷିତ ଅନୁଭବ କରିବେ ସେଥିପ୍ରତି ଗୁରୁତ୍ୱ ଦିଆଯିବା ଆବଶ୍ୟକ ।

## ଶିକ୍ଷାର୍ଥୀମାନଙ୍କର କଥାବାର୍ତ୍ତା ବା ବାର୍ତ୍ତାଳାପକୁ ଆଧାର କରି ଶିକ୍ଷଣ ଯୋଜନା

ଶିକ୍ଷାର୍ଥୀଙ୍କର ଶିକ୍ଷଣକୁ ନିଶ୍ଚିତ କରିବା ପାଇଁ ବାର୍ତ୍ତାଳାପ କାର୍ଯ୍ୟ ଶିକ୍ଷକଙ୍କ ପାଇଁ ନିମ୍ନଲିଖିତ ସୁଯୋଗ ସୃଷ୍ଟି କରିଥାଏ:

- ଶିକ୍ଷାର୍ଥୀମାନେ କ'ଣ କହୁଛନ୍ତି ତାହାକୁ ଶୁଣିବା
- ସେମାନଙ୍କର କଥାବାର୍ତ୍ତାକୁ ପ୍ରଶଂସା କରିବା ଓ ତାହାକୁ ଆଧାର କରି ଶିକ୍ଷଣର ଯୋଜନା ପ୍ରସ୍ତୁତ କରିବା
- କୌଣସି ଘଟଣା / ପରିସ୍ଥିତି ସମ୍ବନ୍ଧୀୟ ଆଲୋଚନାକୁ ଆଗକୁ ବଢ଼ାଇବା ପାଇଁ ଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିବା

ଶିକ୍ଷାର୍ଥୀମାନଙ୍କର ପ୍ରତ୍ୟେକ ଉତ୍ତରକୁ ଲେଖିବା ବା ଔପଚାରିକ ଭାବେ ମୂଲ୍ୟାୟନ କରିବା ଜରୁରୀ ନୁହେଁ, କାରଣ ବାର୍ତ୍ତାଳାପ ମାଧ୍ୟମରେ ଧାରଣାର ବିକାଶ କରିବା ହେଉଛି ଶିକ୍ଷଣର ଏକ ଗୁରୁତ୍ୱପୂର୍ଣ୍ଣ ଭାଗ । ସେମାନଙ୍କର ଶିକ୍ଷଣକୁ ପ୍ରାସଙ୍ଗିକ କରିବା ପାଇଁ ଆପଣ ସେମାନଙ୍କର

ଅଭିଜ୍ଞତା ବହୁଳ ବ୍ୟବହାର କରିପାରିବେ । ଶିକ୍ଷାର୍ଥୀମାନଙ୍କର ସର୍ବଶ୍ରେଷ୍ଠ କଥାବାର୍ତ୍ତା ହେଉଛି ଅନୁସନ୍ଧାନମୂଳକ, ଯାହାର ଅର୍ଥ ହେଉଛି ଶିକ୍ଷାର୍ଥୀମାନେ କୌଣସି ଘଟଣା ସମ୍ବନ୍ଧରେ ଅନୁସନ୍ଧାନ କରିବେ ଓ ଅନ୍ୟର ମତକୁ ଯୁକ୍ତିଯୁକ୍ତ ଭାବେ ଆହ୍ୱାନ କରିବେ ଯଦ୍ୱାରା ସେମାନେ କଥାବାର୍ତ୍ତା ବା ବାର୍ତ୍ତାଳାପରେ ନିଜର ଆତ୍ମବିଶ୍ୱାସ ବଢାଇ ପାରିବେ। ଦଳଗତ ଆଲୋଚନା କାର୍ଯ୍ୟ ପାଇଁ ଅଧିକ ସୁଯୋଗ ସୃଷ୍ଟି କରାଯିବ, ଏହା କେବଳ ଜଣଙ୍କର ଉତ୍ତରକୁ ଗ୍ରହଣ କରିବା ପାଇଁ ନୁହେଁ, ବରଂ ସମଗ୍ର ଶ୍ରେଣୀ ପରିସ୍ଥିତିରେ ଶିକ୍ଷାର୍ଥୀମାନଙ୍କର ଚିନ୍ତନକୁ ଆହ୍ୱାନ କରିବା ଭଳି ପ୍ରଶ୍ନ ପଚାରିବା ଦ୍ୱାରା ସେମାନେ କଥାବାର୍ତ୍ତା / ବାର୍ତ୍ତାଳାପ କରିବା ପାଇଁ ଅଧିକ ଆଗ୍ରହ ପ୍ରକାଶ କରିବେ ।

ଗଭୀର ଅନୁସନ୍ଧାନମୂଳକ ପ୍ରଶ୍ନ ପଚାରିବା ପରେ, "ଏପରି କାହିଁକି ହେଉଛି"?, "ତୁମେ ଏପରି କାହିଁକି ସ୍ଥିର କଲ?", କିମ୍ବା "ତୁମର ସମାଧାନରେ କୌଣସି ସମସ୍ୟା ଥିବାର ଲକ୍ଷ୍ୟ କରୁଛ କି?" ଭଳି ପ୍ରଶ୍ନ ପଚାରିବା ଦ୍ୱାରା ଆଲୋଚନାକୁ ଆଗକୁ ବଢ଼ାଯାଇପାରିବ । ଆପଣ ଶ୍ରେଣୀରେ ଲକ୍ଷ୍ୟ କରିବେ ଯେ, ଦଳରେ ଶିକ୍ଷାର୍ଥୀମାନେ ଏଭଳି ପ୍ରଶ୍ନର ଉତ୍ତର ଆଲୋଚନା କରିବା ବେଳେ ସେମାନଙ୍କର ଚିନ୍ତା କରିବାର ସାମର୍ଥ୍ୟକୁ ଅଧିକ ବ୍ୟାପକ କରୁଛନ୍ତି ।

ଯଦି ଶିକ୍ଷାର୍ଥୀମାନଙ୍କର ବକ୍ତବ୍ୟ, ମତାମତ ଓ ଅଭିଜ୍ଞତାକୁ ଗୁରୁତ୍ୱ ଦିଆଯାଏ ଓ ପ୍ରଶଂସା କରାଯାଏ ତେବେ ସେମାନେ କଥାବାର୍ତ୍ତା କରିବାକୁ ଉତ୍ସାହିତ ହୋଇଥାନ୍ତି । ସେମାନେ ବାର୍ତ୍ତାଳାପ କରୁଥିବା ସମୟରେ ସେମାନଙ୍କୁ ପ୍ରଶଂସା କରନ୍ତୁ । ସେମାନଙ୍କ କଥାବାର୍ତ୍ତାକୁ ଯତ୍ନର ସହ ଶୁଣନ୍ତୁ, ଜଣେ ଆଉ ଜଣଙ୍କୁ ପ୍ରଶ୍ନ ପଚାରିବାକୁ ଉତ୍ସାହିତ କରନ୍ତୁ ଏବଂ ସେମାନଙ୍କ ବାର୍ତ୍ତାଳାପରେ ବାଧା ଦିଅନ୍ତୁ ନାହିଁ । ଏହା ନିଶ୍ଚିତ ହୁଅନ୍ତୁ ଯେ, କେତେକ ଅବହେଳିତ ବର୍ଗର ଶିକ୍ଷାର୍ଥୀ ଯେପରି କଥାବାର୍ତ୍ତା କାର୍ଯ୍ୟରୁ ବାଦ ନପଡ଼ନ୍ତି, ଏବଂ ସେମାନଙ୍କୁ ସାମିଲ କରିବାର ଉପାୟ ଚିନ୍ତା କରନ୍ତୁ । ସମସ୍ତ ଶିକ୍ଷାର୍ଥୀଙ୍କୁ ସଂପୂର୍ଣ୍ଣ ଭାବେ ଏହି କାର୍ଯ୍ୟରେ ଅଂଶଗ୍ରହଣ କରାଇବା ପାଇଁ କିଛି ସମୟ ଲାଗିପାରେ।

## ଶିକ୍ଷାର୍ଥୀମାନଙ୍କୁ ପ୍ରଶ୍ନ ପଚାରିବା ପାଇଁ ଉତ୍ସାହିତ କରିବା

ଶ୍ରେଣୀରେ ଏପରି ବାତାବରଣ ସୃଷ୍ଟି କରିବାକୁ ହେବ, ଯେଉଁଥିରେ ଶିକ୍ଷାର୍ଥୀମାନେ ଉନ୍ନତମାନର ପ୍ରଶ୍ନ ପଚାରିପାରିବେ ଓ ସେମାନଙ୍କର ମତାମତକୁ ସମ୍ମାନ ଦିଆଯାଇପାରିବ ଓ ପ୍ରଶଂସା କରାଯାଇପାରିବ । ଯଦି ଶିକ୍ଷାର୍ଥୀମାନେ ଭୟଭୀତ ବାତାବରଣରେ ରହୁଥିବେ ଓ ସେମାନଙ୍କର ମତାମତକୁ ଗୁରୁତ୍ୱ ଦିଆଯାଉନଥିବ ତେବେ ସେମାନେ ପ୍ରଶ୍ନ ପଚାରନ୍ତି ନାହିଁ । ପ୍ରଶ୍ନ ପଚାରିବାକୁ ସୁଯୋଗ ଦିଆଯିବା ଦ୍ୱାରା ସେମାନେ କଳ୍ପନାକୁ ପ୍ରକାଶ କରିପାରିବେ ଓ ସେମାନଙ୍କର ଶିକ୍ଷଣ ସଂପର୍କରେ ଭିନ୍ନଭିନ୍ନ ଉପାୟରେ ଚିନ୍ତା କରିପାରିବେ । ଏହା ଆପଣଙ୍କୁ ଶିକ୍ଷାର୍ଥୀଙ୍କ ଶିକ୍ଷଣ ସଂପର୍କରେ ଜାଣିବାରେ ସହାୟକ ହେବ । ଆପଣ ନିୟମିତ ଭାବେ ଦଳଗତ ଓ ଯୋଡ଼ି କାର୍ଯ୍ୟ ପାଇଁ ଯୋଜନା କରିପାରନ୍ତି କିମ୍ବା ଶ୍ରେଣୀରେ ଶିକ୍ଷାର୍ଥୀମାନଙ୍କର ସନ୍ଦେହକୁ ଦୂର କରିବା ପାଇଁ "ଶିକ୍ଷାର୍ଥୀଙ୍କ ପ୍ରଶ୍ନ ସମୟ" କାର୍ଯ୍ୟ କରାଯାଇପାରିବ ।

- ଶିକ୍ଷାଦାନ କାର୍ଯ୍ୟରେ କିଛି ସମୟର ନାମ କରଣ କରନ୍ତୁ "ଯଦି କିଛି ପ୍ରଶ୍ନ ଥାଏ ହାତ ଟେକ" ।
- ଜଣେ ଶିକ୍ଷାର୍ଥୀଙ୍କୁ 'ସ୍ୱତନ୍ତ୍ର ଆସନ'ରେ ବସାନ୍ତୁ ଓ ଅନ୍ୟ ଶିକ୍ଷାର୍ଥୀଙ୍କୁ ତାକୁ ପ୍ରଶ୍ନ ପଚାରିବାକୁ କୁହନ୍ତୁ, ଯେପରି ସ୍ୱତନ୍ତ୍ର ଆସନରେ ବସିଥିବା ଶିକ୍ଷାର୍ଥୀ ହେଉଛନ୍ତି ପିଥାଗୋରାସ ବା ମିରାବାଈ ।
- "ମୋତେ ଅଧିକ କୁହ" ଖେଳକୁ ଛୋଟ ଦଳରେ ବା ଯୋଡ଼ିରେ ଖେଳାଯାଇପାରେ ।
- ଶିକ୍ଷାର୍ଥୀମାନଙ୍କୁ ଗୋଟିଏ ପ୍ରଶ୍ନ ଗ୍ରୀଡ୍ ଦିଅନ୍ତୁ, ଯେଉଁଥିରେ କିଏ / କେଉଁଠାରେ / କ'ଣ / କେତେବେଳେ / କାହିଁକି ଲେଖାଥିବ, ଏହାକୁ ବ୍ୟବହାର କରି ସେମାନେ ନିଜର ଜିଜ୍ଞାସାର ଅଭ୍ୟାସ କରିପାରିବେ ।
- ଶିକ୍ଷାର୍ଥୀମାନଙ୍କୁ କେତେକ ତଥ୍ୟ ଯୋଗାଇ ଦିଅନ୍ତୁ (ଯେପରିକି ବିଶ୍ୱବ୍ୟାଙ୍କର ତଥ୍ୟ – ପୁରା ସମୟ ଶିକ୍ଷା ପାଉଥିବା ଶିକ୍ଷାର୍ଥୀଙ୍କ ଶତକଡ଼ା, ବିଭିନ୍ନ ଦେଶରେ ମା'ର କ୍ଷୀର ଖାଉଥିବା ଛୁଆଙ୍କ ଶତକଡ଼ା ଇତ୍ୟାଦି) ଏବଂ ଶିକ୍ଷାର୍ଥୀଙ୍କୁ ସେହି ତଥ୍ୟକୁ ନେଇ ପ୍ରଶ୍ନ ପଚାରିବାକୁ ଉତ୍ସାହିତ କରନ୍ତୁ ।
- ଶିକ୍ଷାର୍ଥୀଙ୍କର ପ୍ରଶ୍ନକୁ ନେଇ ଏକ ପ୍ରଶ୍ନ କାନ୍ଥର ଯୋଜନା କରନ୍ତୁ ଯେଉଁଥିରେ ସେ ସପ୍ତାହରେ ପଚରାଯାଇଥିବା ପ୍ରଶ୍ନଗୁଡ଼ିକୁ ଲିପିବଦ୍ଧ କରାଯାଇ ପାରିବ ।

ଆପଣ ଅତି ଆନନ୍ଦର ସହ ଏହା ଲକ୍ଷ୍ୟ କରିପାରିବେ ଯେ, ଆପଣଙ୍କ ଶ୍ରେଣୀର ଶିକ୍ଷାର୍ଥୀମାନେ ଆଗ୍ରହର ସହ ଓ ବିନା ଭୟରେ ପ୍ରଶ୍ନ ପଚାରୁଛନ୍ତି । ଯଦି ଶିକ୍ଷାର୍ଥୀ ଠିକ୍, ସ୍ପଷ୍ଟ ତଥା ନିର୍ଭୁଲ ଭାବେ ବାର୍ତ୍ତାଳାପ କରିବାର କୌଶଳ ଶିଖିବେ, ତେବେ ତାହା ସେମାନଙ୍କର ମୌଖିକ ଓ ଲିଖିତ ଶବ୍ଦଭଣ୍ଡାର ବୃଦ୍ଧି କରିବା ସହିତ ସେମାନଙ୍କର ଜ୍ଞାନ ଓ କୌଶଳ ବୃଦ୍ଧି କରିବ ।

## ସମ୍ବଳ 10: ସମସ୍ତଙ୍କ ସମ୍ପୃକ୍ତି

### "ସମସ୍ତଙ୍କ ସଂମ୍ପୃକ୍ତି"ର ଅର୍ଥ କ'ଣ ?

ଶ୍ରେଣୀଗୃହରେ ସମାଜ ଓ ସଂସ୍କୃତିର ବିଭିନ୍ନତା ପ୍ରତିଫଳିତ ହୁଏ । ଶିକ୍ଷାର୍ଥୀମାନଙ୍କର ଭାଷା, ରୁଚି ଓ ଦକ୍ଷତା ଭିନ୍ନ ଭିନ୍ନ ଥାଏ । ଶିକ୍ଷାର୍ଥୀମାନେ ଭିନ୍ନ ଭିନ୍ନ ସାମାଜିକ ଓ ଅର୍ଥନୈତିକ ପୃଷ୍ଠଭୂମିରୁ ଆସିଥାନ୍ତି । ଆମେ ଏହି ପାର୍ଥକ୍ୟ ଗୁଡିକୁ ଏଡାଇଦେଇ ପାରିବା ନାହିଁ । ପ୍ରକୃତରେ ଆମେ ସେଗୁଡିକ ପ୍ରତି ଗୁରୁତ୍ୱ ଆରୋପ କରିବା ଉଚିତ, କାରଣ ସେହି ଭିନ୍ନତାକୁ ମାଧ୍ୟମ କରି ସେମାନେ ପରସ୍ପର ସମ୍ବନ୍ଧରେ ଜାଣିବାକୁ ଏବଂ ଆମ ଅନୁଭୂତି ବାହାରେ ଥିବା ଦୁନିଆକୁ ଜାଣିବା ଲାଗି ଇଚ୍ଛା କରିପାରନ୍ତି। ସବୁ ଶିକ୍ଷାର୍ଥୀଙ୍କର ଶିକ୍ଷା କରିବାର ଅଧିକାରର ଅଛି ଓ ତାଙ୍କର ସ୍ତର, ଦକ୍ଷତା ଓ ପୃଷ୍ଠଭୂମି ନିର୍ବିଶେଷରେ ଶିଖିବାର ସୁଯୋଗ ଅଛି, ଯାହାକି ଭାରତୀୟ ଆଇନ୍ ଓ ଆନ୍ତର୍ଜାତୀୟ ସ୍ତରରେ ଶିଶୁର ଅଧିକାର ମାନ୍ୟତା ଦିଆଯାଇଛି । 2014 ରେ, ଜାତି ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ମୋଦି ତାଙ୍କର ପ୍ରଥମ ବକ୍ତୃତାରେ ଜାତି, ଲିଙ୍ଗ ଓ ଆୟ ନିର୍ବିଶେଷରେ ସବୁ ନାଗରିକକୁ ଗୁରୁତ୍ୱଦେବା ଉପରେ ଜୋର ଦେଇଥିଲେ। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ଓ ଶିକ୍ଷକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

ଯେଉଁମାନଙ୍କୁ ଆମେ ଚିହ୍ନିନାହାନ୍ତି, ତାଙ୍କ ପ୍ରତି ଆମ ସମସ୍ତଙ୍କର କିଛି ପ୍ରତିକୂଳ ବିଚାର ରହିଛି ଏହା ଆମେ ନ ମାନି ପାରନ୍ତି । ଶିକ୍ଷକ ଭାବରେ, ପ୍ରତି ଶିକ୍ଷାର୍ଥୀର ଶିକ୍ଷା ସମ୍ବନ୍ଧୀୟ ଅନୁଭବକୁ ସକାରାତ୍ମକ କିମ୍ବା ନକାରାତ୍ମକ ଦିଗରେ ପ୍ରଭାବିତ କରିପାରିବାର ଶକ୍ତି ଆପଣଙ୍କର ଅଛି। ଜାଣତରେ ହେଉ ବା ଅଜାଣତରେ ହେଉ, ଆପଣଙ୍କର ଏହି ପ୍ରତିକୂଳ ବିଚାର ଶିକ୍ଷାର୍ଥୀମାନଙ୍କର ଶିକ୍ଷାକ୍ଷେତ୍ରରେ ଥିବା ସମାନତାକୁ ପ୍ରଭାବିତ କରିଥାଏ। ଶିକ୍ଷାର୍ଥୀମାନଙ୍କ ପ୍ରତି ଅସମାନ ଆଚରଣ ବିପକ୍ଷରେ ଆପଣ ପଦକ୍ଷେପ ନେଇପାରନ୍ତି ।

## ଆପଣ ଶିକ୍ଷଣରେ ସମସ୍ତଙ୍କୁ ସଂପର୍କିତ କରିବା ଲାଗି ନିଶ୍ଚିତ କରିବା କ୍ଷେତ୍ରରେ ତିନୋଟି ମୁଖ୍ୟ ନିୟମ

- **ପର୍ଯ୍ୟବେକ୍ଷଣ:** ପ୍ରଭାବଶାଳୀ ଶିକ୍ଷକମାନେ ପର୍ଯ୍ୟବେକ୍ଷଣଶୀଳ, ଅନୁଭବୀ, ସଂବେଦନଶୀଳ। ସେମାନେ ତାଙ୍କ ଶିକ୍ଷାର୍ଥୀମାନଙ୍କ ଠାରେ ପରିବର୍ତ୍ତନକୁ ଲକ୍ଷ୍ୟ କରନ୍ତି । ଆପଣ ପର୍ଯ୍ୟବେକ୍ଷଣ କଲେ ଲକ୍ଷ୍ୟ କରିବେ ଯେ, ଜଣେ ଶିକ୍ଷାର୍ଥୀ ଯେତେବେଳେ ଭଲ କରେ, ଯେତେବେଳେ ସେମାନେ ସାହାଯ୍ୟ ଆବଶ୍ୟକ କରନ୍ତି ଏବଂ କିପରି ଅନ୍ୟମାନଙ୍କ ସହିତ ସଂପର୍କିତ ହୁଅନ୍ତି। ଆପଣ ମଧ୍ୟ ଶିକ୍ଷାର୍ଥୀଙ୍କଠାରେ ପରିବର୍ତ୍ତନ ଲକ୍ଷ୍ୟ କରିଥିବେ, ଯାହାକି ତାଙ୍କର ଘରୋଇ ପରିବେଶ କିମ୍ବା ଅନ୍ୟ ପ୍ରସଙ୍ଗରେ ଘଟୁଥିବା ପରିବର୍ତ୍ତନର ପ୍ରତିଫଳନ ହୋଇଥାଏ। ସମସ୍ତଙ୍କୁ ସମ୍ପର୍କିତ କରିବା ଅର୍ଥ ହେଉଛି ଆପଣଙ୍କର ଯେଉଁ ଶିକ୍ଷାର୍ଥୀମାନେ ଅଂଶଗ୍ରହଣ କରିବାକୁ ସକ୍ଷମ ନ ହୁଅନ୍ତି ବା ଯେଉଁମାନେ କୌଣସି କିନାରା ପାଉନଥିବା ଅନୁଭବ କରୁଥିବେ, ଆପଣଙ୍କର ସେପରି ଶିକ୍ଷାର୍ଥୀମାନଙ୍କ ପ୍ରତିଦିନ ନିୟମିତ ଧ୍ୟାନ ଦେବା।
- **ନିଜ ଆତ୍ମସମ୍ମାନ ଉପରେ ଦୃଷ୍ଟି ନିବଦ୍ଧ କରିବା:** ଉତ୍ତମ ନାଗରିକ ସେମାନେ, ଯେଉଁମାନେ ନିଜର ଉପସ୍ଥିତ ଅବସ୍ଥାକୁ ନେଇ ଆରାମରେ ଥାଆନ୍ତି। ସେମାନଙ୍କର ନିଜସ୍ୱ ଆତ୍ମସମ୍ମାନ ଥାଏ, ସେମାନେ ନିଜର ସାମର୍ଥ୍ୟ ଓ ଦୁର୍ବଳତା ଜାଣନ୍ତି, ସେମାନେ ପୃଷ୍ଠଭୂମି ନିର୍ବିଶେଷରେ ଅନ୍ୟ ଲୋକଙ୍କ ସହିତ ଭଲ ସମ୍ପର୍କ ସ୍ଥାପନ କରିବାକୁ ସକ୍ଷମ ହୋଇଥାନ୍ତି। ସେମାନେ ନିଜକୁ ଓ ଅନ୍ୟମାନଙ୍କୁ ସମ୍ମାନ କରନ୍ତି। ଶିକ୍ଷକ ଭାବରେ, ଆପଣ ଯୁବକମାନଙ୍କର ଆତ୍ମସମ୍ମାନ ଉପରେ ଗଭୀର ପ୍ରଭାବ ପକାଇ ପାରିବେ। ଆପଣଙ୍କର ସେହି ଶକ୍ତି ପ୍ରତି ସଚେତନ ରୁହନ୍ତୁ ଏବଂ ପ୍ରତ୍ୟେକ ଶିକ୍ଷାର୍ଥୀର ଆତ୍ମସମ୍ମାନ ବୋଧ ପ୍ରତିଷ୍ଠା ପାଇଁ ଏହାର ଉପଯୋଗ କରନ୍ତୁ ।
- **ନମନିୟତା:** କିଛି ନିର୍ଦ୍ଦିଷ୍ଟ ଶିକ୍ଷାର୍ଥୀ, ଦଳ କିମ୍ବା ବ୍ୟକ୍ତି ବିଶେଷଙ୍କ ପାଇଁ ଯଦି ତୁମ ଶ୍ରେଣୀରେ କିଛି ଯୋଜନା କାର୍ଯ୍ୟକରୁନାହିଁ, ତେବେ ସେହି ଯୋଜନା ପରିବର୍ତ୍ତନ କରିବାକୁ କିମ୍ବା ସେହି କାର୍ଯ୍ୟକୁ ବନ୍ଦ କରିବାକୁ ପ୍ରସ୍ତୁତ ରୁହନ୍ତୁ । ନମନୀୟ ହେବା ଦ୍ୱାରା, ଆପଣ ନିଜକୁ ଖାପଖୁଆଇବା ପାଇଁ ସକ୍ଷମ ହେବେ ଓ ସବୁ ଶିକ୍ଷାର୍ଥୀମାନଙ୍କୁ ଭଲ ଭାବରେ ସଂପୃକ୍ତ କରିପାରିବେ ।

## ଆପଣ ସବୁବେଳେ ଯେଉଁ ପନ୍ଥା ଅବଲମ୍ବନ କରିପାରିବେ

- **ଉତ୍ତମ ବ୍ୟବହାରର ପ୍ରଦର୍ଶନ:** ଶିକ୍ଷାର୍ଥୀମାନଙ୍କର ଜାତି, ଧର୍ମ ଓ ଲିଙ୍ଗ ନିର୍ବିଶେଷରେ ସେମାନଙ୍କ ପ୍ରତି ସମାନ ବ୍ୟବହାର ପ୍ରଦର୍ଶନ କରି ଶିକ୍ଷାର୍ଥୀମାନଙ୍କ ପାଇଁ ଏକ ଉଦାହରଣ ହୁଅନ୍ତୁ। ସବୁ ଶିକ୍ଷାର୍ଥୀଙ୍କୁ ସମ୍ମାନର ସହିତ ଆଚରଣ କରନ୍ତୁ, ଆପଣଙ୍କ ଶିକ୍ଷାଦାନ ମାଧ୍ୟମରେ ସମସ୍ତଙ୍କୁ ସମାନ ଗୁରୁତ୍ୱ ଦେଉଛନ୍ତି ବୋଲି ସୂଚାଇ କରନ୍ତୁ । ସମ୍ମାନ ସହିତ ସମସ୍ତଙ୍କ ସହିତ କଥା ହୁଅନ୍ତୁ, ଯେତେବେଳେ ଉଚିତ୍ ଭାବିବେ, ସେମାନଙ୍କର ମତାମତକୁ ଗ୍ରହଣ କରନ୍ତୁ ଏବଂ ଶ୍ରେଣୀକକ୍ଷ ପାଇଁ ଦାୟିତ୍ୱ ବହନ କରିବାକୁ ସେମାନଙ୍କୁ ଉତ୍ସାହିତ କରନ୍ତୁ। ଯେଉଁ ନ୍ୟସ୍ତ କାର୍ଯ୍ୟ ସମସ୍ତଙ୍କୁ ଲାଭବାନ କରିପାରିବ ସେପରି କାର୍ଯ୍ୟ କରିବା ପାଇଁ ଉତ୍ସାହିତ କରନ୍ତୁ।
- **ଉଚ୍ଚାଭିଳାସ:** ଦକ୍ଷତା ସ୍ଥିରୀକୃତ ନୁହେଁ , ଉପଯୁକ୍ତ ସମର୍ଥନ ପାଇଲେ ସମସ୍ତ ଶିକ୍ଷାର୍ଥୀ ଶିଖିପାରିବେ ଓ ଅଗ୍ରଗତି କରିପାରିବେ। ଯଦି ଆପଣ ଶ୍ରେଣୀରେ କରୁଥିବା କାର୍ଯ୍ୟକୁ ଜଣେ ଶିକ୍ଷାର୍ଥୀ ବୁଝିବାରେ କଷ୍ଟ ଅନୁଭବ କରୁଛି, ତେବେ ଭାବନ୍ତୁ ନାହିଁ ଯେ ସେ କେବେ ବୁଝିପାରିବ ନାହିଁ । ଶିକ୍ଷକ ହିସାବରେ ଆପଣଙ୍କ ଦାୟିତ୍ୱ ହେଉଛି ଉତ୍ତମ ରୂପେ କାର୍ଯ୍ୟକରିବା ଯେପରିକି ଆପଣଙ୍କ କାର୍ଯ୍ୟ ଶିକ୍ଷାର୍ଥୀଟିକୁ ଶିଖିବାରେ ସାହାଯ୍ୟ କରିବ । ଯଦି ସମସ୍ତଙ୍କଠାରୁ ଆପଣ ଅତି ଉଚ୍ଚମାନ ଆଶା କରୁଛନ୍ତି, ଆପଣ ଶିକ୍ଷାର୍ଥୀମାନଙ୍କ ଠାରୁ ଅବିରତ ଉଦ୍ୟମ କରିବା ଆଶା କରାଯାଏ। ଉଚ୍ଚ ଆଶା ମଧ୍ୟ ଆଚରଣ ସହିତ ସମ୍ପୃକ୍ତ। ସ୍ଥିର ନିଶ୍ଚିତ ହୁଅନ୍ତୁ ଯେ ଆପଣ ପୋଷଣ କରୁଥିବା ଆଶା ଅତିସ୍ୱଷ୍ଟ ଏବଂ ଶିକ୍ଷାର୍ଥୀମାନେ ପ୍ରତ୍ୟେକ ପ୍ରତ୍ୟେକଙ୍କୁ ସମ୍ମାନର ସହିତ ଆଚରଣ କରୁଛନ୍ତି।
- **ଶିକ୍ଷାଦାନରେ ବିଭିନ୍ନତା:** ଶିକ୍ଷାର୍ଥୀମାନେ ଭିନ୍ନ ଭିନ୍ନ ବାଟରେ ଶିକ୍ଷାଲାଭ କରନ୍ତି। କେତେକ ଲେଖିବାକୁ ପସନ୍ଦ କରନ୍ତି, କେତେକ ମାନସିକ-ଚିତ୍ର, ଅର୍ଥାତ୍ ତାଙ୍କ ଧାରଣାକୁ ଉପସ୍ଥାପନା କରିବା ପାଇଁ ଚିତ୍ର ପ୍ରସ୍ତୁତ କରନ୍ତି।  କେତେକ ଶିକ୍ଷାର୍ଥୀ ଉତ୍ତମ ଶ୍ରୋତା, କେତେକ ଭଲ ଶିଖିପାରନ୍ତି ଯେତେବେଳେ ତାଙ୍କର ମତାମତକୁ ପ୍ରକାଶ କରିବାକୁ ସୁଯୋଗ ପାଆନ୍ତି । ଆପଣ ସବୁ ଶିକ୍ଷାର୍ଥୀଙ୍କ ପାଇଁ ସବୁ ସମୟରେ ଉପଯୋଗୀ ହୋଇ ପାରିବେ ନାହିଁ କିନ୍ତୁ ଆପଣ ଶିକ୍ଷାଦାନ ଶୈଳୀରେ ଭିନ୍ନତା ସୃଷ୍ଟି କରିପାରିବେ ଏବଂ ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କ ପସନ୍ଦ ଅନୁଯାୟୀ ଶିକ୍ଷଣ କାର୍ଯ୍ୟଦେଇ କରିପାରିବେ ।
- **ଦୈନନ୍ଦିନ ଜୀବନ ସହ ଶିକ୍ଷଣକୁ ଯୋଡିବା:** କେତେକ ଶିକ୍ଷାର୍ଥୀଙ୍କ ପାଇଁ, ଆପଣ ଯାହା ଶିଖିବାକୁ କହୁଛନ୍ତି ତାଙ୍କର ଦୈନନ୍ଦିନ ଜୀବନ କ୍ଷେତ୍ରରେ ତାହା ଅପ୍ରାସାଙ୍ଗିକ ଜଣାପଡେ । ଏହି ଅସୁବିଧାକୁ ଦୂର କରିବା ପାଇଁ ଯେତେ ସମ୍ଭବ ଶିକ୍ଷଣଟିକୁ ତାଙ୍କ ପାଇଁ ପ୍ରାସଙ୍ଗିକ ହେବାଭଳି ଯୋଜନା କରିବେ ଏବଂ ତାଙ୍କ ଅନୁଭୂତି ସହ ଖାପଖୁଆଇବା ଭଳି ଉଦାହରଣ ଦେଇପାରିବେ।
- **ଭାଷାର ବ୍ୟବହାର:** ଆପଣ ବ୍ୟବହାର କରୁଥିବା ଭାଷା ବିଷୟରେ ଭଲଭାବରେ ଚିନ୍ତା କରନ୍ତୁ । ସବୁବେଳେ ଉତ୍ତମ ଭାଷା ବ୍ୟବହାର କରନ୍ତୁ ଏବଂ ସେମାନଙ୍କୁ ପ୍ରଶଂସା କରନ୍ତୁ। ଶିକ୍ଷାର୍ଥୀମାନଙ୍କୁ କେବେ ଥଟ୍ଟା ପରିହାସ କରନ୍ତୁ ନାହିଁ। ସବୁବେଳେ ତାଙ୍କ ବ୍ୟବହାର ଉପରେ ମତାମତ ଦିଅନ୍ତୁ, ତାଙ୍କ ଉପରେ ନୁହେଁ। 'ତୁମେ ମୋତେ ଆଜି ରଗାଉଛ' ହେଉଛି ସମ୍ପୂର୍ଣ୍ଣ ବ୍ୟକ୍ତି କେନ୍ଦ୍ରିକ ଏବଂ ଏହାକୁ ଭଲ ଭାବରେ ପ୍ରକାଶ କରାଯାଇପାରେ ଯେପରି, 'ତୁମ ବ୍ୟବହାର ମୋତେ ରଗାଉଛି'। ତୁମର ମନନିବେଶ ନ କରିବାର କିଛି କାରଣ ଅଛି କି ? କେଉଁଟି ଅଧିକ ସହାୟକ ?
- **ପରମ୍ପରାକୁ ଆହ୍ୱାନ:** ଏଭଳି ସମ୍ବଳ ନିରୂପଣ କରନ୍ତୁ ଓ ବ୍ୟବହାର କରନ୍ତୁ ଯେପରି ବାଳିକାମାନେ ଗତାନୁଗତିକ ଭୂମିକା ଗ୍ରହଣ ନ କରନ୍ତି। କିଛି ବିଶିଷ୍ଟ ସ୍ତ୍ରୀ ଲୋକମାନଙ୍କୁ (ବୈଜ୍ଞାନିକ ହୋଇ ପାରନ୍ତି) ବିଦ୍ୟାଳୟ ପରିଦର୍ଶନ କରିବାକୁ ଆମନ୍ତ୍ରିତ କରନ୍ତୁ, ନିଜ ଲିଙ୍ଗ ଅନୁସାରେ ସଚେତନ ହେବାକୁ ଚେଷ୍ଟା କରନ୍ତୁ। ଆପଣ ଜାଣନ୍ତି ବାଳିକାମାନେ ଖେଳକୁଦ କରନ୍ତି ଓ ବାଳକମାନେ ସ୍ନେହୀ। କିନ୍ତୁ ଏହାକୁ ଆମେ ଅନେକ ସମୟରେ ଅଲଗାଭାବେ ପ୍ରଦର୍ଶନ କରୁ, କାରଣ ମୁଖ୍ୟତଃ ସେହି ଢଂଗରେ ଆମେ ସମାଜରେ କଥାବାର୍ତ୍ତା ହେଉ ।

- **ନିରାପଦ ସ୍ୱାଗତଯୋଗ୍ୟ ଶିକ୍ଷଣ ପରିବେଶ ସୃଷ୍ଟି:** ସମସ୍ତ ଶିକ୍ଷାର୍ଥୀ ବିଦ୍ୟାଳୟରେ ନିରାପଦ ମନେ କରିବା ଓ ସ୍ୱାଗତ ଯୋଗ୍ୟ ହେବା ଆବଶ୍ୟକ । ଆପଣଙ୍କ ସ୍ଥିତିରେ ଆପଣଙ୍କ ଶିକ୍ଷାର୍ଥୀମାନଙ୍କୁ ଉତ୍ସାହ ପ୍ରଦର୍ଶନ ଓ ପରସ୍ପର ସମ୍ମାନ ପ୍ରଦର୍ଶନ ଓ ବନ୍ଧୁତା ମାଧ୍ୟମରେ ସେମାନଙ୍କୁ ସ୍ୱାଗତଯୋଗ୍ୟ ବୋଲି ଅନୁଭବ କରାଇ ପାରିବେ। ଚିନ୍ତାକରନ୍ତୁ, ବିଦ୍ୟାଳୟ ଓ ଶ୍ରେଣୀଗୃହ ଭିନ୍ନ ଭିନ୍ନ ଶିକ୍ଷାର୍ଥୀଙ୍କୁ କିପରି ଜଣାପଡେ ଓ ଅନୁଭୂତ ହୋଇପାରେ । କେଉଁଠାରେ ସେମାନଙ୍କୁ ବସିବାକୁ କୁହାଯିବ ତାହା ଚିନ୍ତା କରନ୍ତୁ। ଦୃଷ୍ଟି ଭିନ୍ନକ୍ଷମ କିମ୍ବା ଶ୍ରବଣ ଭିନ୍ନକ୍ଷମ କିମ୍ବା ଶାରିରୀକ ଭିନ୍ନକ୍ଷମ ଶିକ୍ଷାର୍ଥୀମାନେ ଏପରି ସ୍ଥାନରେ ବସିବେ ଯେଉଁଠାରେ ତାଙ୍କୁ ଶିକ୍ଷାଗ୍ରହଣ କରିବାରେ ସୁବିଧା ହେବ। ଯେଉଁମାନେ ଲାଜକୁଳା କିମ୍ବା ଶୀଘ୍ର ଅନ୍ୟମନସ୍କ ହୁଅନ୍ତି, ସେମାନଙ୍କୁ ଆପଣ ସେଠାରେ ବସାନ୍ତୁ ଯେଉଁଠାରେ ଆପଣ ସେମାନଙ୍କୁ ସହଜରେ ଶିକ୍ଷଣ ପଦ୍ଧତି ସହ ସଂପୃକ୍ତ କରିପାରିବେ ।

- **ନିର୍ଦ୍ଦିଷ୍ଟ ଶିକ୍ଷାଦାନ ପନ୍ଥା**: କେତେଗୁଡିଏ ନିର୍ଦ୍ଦିଷ୍ଟ ଶିକ୍ଷାଦାନ ପନ୍ଥା ରହିଛି ଯେଉଁଗୁଡିକୁ ଅବଲମ୍ବନ କରି ଆପଣ ସବୁ ଶିକ୍ଷାର୍ଥୀଙ୍କୁ ଆପଣଙ୍କ କାର୍ଯ୍ୟ ସହିତ ସମ୍ପର୍କିତ କରି ପାରିବେ। ସେଗୁଡିକ ପ୍ରାଞ୍ଜଳ ଭାବରେ ଅନ୍ୟ ମୁଖ୍ୟ ସମ୍ବଳରେ ବର୍ଣ୍ଣନା କରାଯାଇଛି । କିନ୍ତୁ ଏଠାରେ ଏକ ସଂକ୍ଷିପ୍ତ ଉପକ୍ରମ ଦିଆଯାଇଛି ।

- **ପ୍ରଶ୍ନ ପଚାରିବା** : ଯଦି ଆପଣ ଶିକ୍ଷାର୍ଥୀମାନଙ୍କୁ ହାତ ଉପରକୁ ଟେକିବାକୁ ଆମନ୍ତ୍ରଣ କରିବେ, ତେବେ ସେହି ଏକା ଶିକ୍ଷାର୍ଥୀ ସର୍ବଦା ଉତ୍ତର ଦେବେ। ଶିକ୍ଷାର୍ଥୀମାନଙ୍କୁ ଉତ୍ତରଦେବା ପାଇଁ ଚିନ୍ତନରେ ନିମଗ୍ନ କରାଇବା ଏବଂ ପ୍ରଶ୍ନୋତ୍ତର କରିବା ପାଇଁ ପ୍ରସ୍ତୁତ କରାଇବାର ଅନେକ ଉପାୟ ଅଛି । ଆପଣ କେତେକ ନିର୍ଦ୍ଦିଷ୍ଟ ଶିକ୍ଷାର୍ଥୀଙ୍କୁ ପ୍ରଶ୍ନ ପଚାରିପାରନ୍ତି । ପ୍ରଥମେ ଶିକ୍ଷାର୍ଥୀମାନଙ୍କୁ କୁହନ୍ତୁ, କିଏ ଉତ୍ତର ଦେବ ତାହା ଆପଣ ସ୍ଥିର କରିବେ । ତାପରେ ଆଗରେ ବସିଥିବା ଶିକ୍ଷାର୍ଥୀଙ୍କୁ ନ ପଚାରି ଯେଉଁ ଶିକ୍ଷାର୍ଥୀମାନେ ଶ୍ରେଣୀର ପଛରେ ଏବଂ ପାର୍ଶ୍ୱରେ ବସିଛନ୍ତି ତାଙ୍କୁ ପଚାରନ୍ତୁ। ଶିକ୍ଷାର୍ଥୀମାନଙ୍କୁ ଚିନ୍ତା କରିବାକୁ ସମୟ ଦିଅନ୍ତୁ ଏବଂ କେତେକ ନିର୍ଦ୍ଦିଷ୍ଟ ଶିକ୍ଷାର୍ଥୀଙ୍କ ଠାରୁ କିଛି ପାଇବାକୁ ଆମନ୍ତ୍ରଣ କରନ୍ତୁ । ଆପଣ ୨ ଜଣିଆ କିମ୍ବା ଦଳଗତ କାର୍ଯ୍ୟ ବ୍ୟବହାର କରି ଆତ୍ମବିଶ୍ୱାସ ବଢାଇପାରନ୍ତି ଯାହାଦ୍ୱାରା କି ଆପଣ ସମ୍ପୂର୍ଣ୍ଣ ଶ୍ରେଣୀକୁ ଆଲୋଚନାରେ ନିୟୋଜିତ କରିପାରିବେ ।

- **ମୂଲ୍ୟାୟନ :** ମଧ୍ୟବର୍ତ୍ତୀ ମୂଲ୍ୟାୟନ ପାଇଁ କେତେଗୁଡିଏ କୌଶଳ ତିଆରି କରନ୍ତୁ, ଯାହା ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ଜାଣିବାରେ ଆପଣଙ୍କୁ ସାହାଯ୍ୟ କରିବ । ଲୁକ୍କାୟିତ ପ୍ରତିଭାକୁ ପ୍ରକାଶିତ କରିବା ଏବଂ ଦୁର୍ବଳତା ଆବିଷ୍କାର କରିବା ପାଇଁ ଆପଣ ଟିକେ ସୃଜନଶୀଳ ହେବା ଦରକାର। ମଧ୍ୟବର୍ତ୍ତୀ ମୂଲ୍ୟାୟନ ଆପଣଙ୍କୁ କେତେକ ଶିକ୍ଷାର୍ଥୀଙ୍କ ସାମର୍ଥ୍ୟ ବିଷୟରେ ଆନୁମାନିକ ନ ହୋଇ ନିର୍ଭୁଲ ସୂଚନା ଯୋଗାଇ ଦେବ। ସେତେବେଳେ ଆପଣ ଶିକ୍ଷାର୍ଥୀମାନଙ୍କର ବ୍ୟକ୍ତିଗତ ଆବଶ୍ୟକତା ପୂରଣ କରିବାରେ ଏକ ଉତ୍ତମ ସ୍ଥିତିରେ ରହିପାରିବେ।

- **ଦଳଗତ କାର୍ଯ୍ୟ ଓ ଯୋଡି କାର୍ଯ୍ୟ :** ସମସ୍ତ ଶିକ୍ଷାର୍ଥୀଙ୍କୁ ସଂପର୍କିତ କରିବା ଏବଂ ସେମାନଙ୍କୁ ପରସ୍ପର ମୂଲ୍ୟାୟନ କରିବା ଲାଗି ଉତ୍ସାହିତ କରିବା ପାଇଁ ଆପଣ ଶ୍ରେଣୀକୁ କିପରି ଦଳରେ ଭାଗ କରିବେ ତାହା ସାବଧାନତାର ସହ ଚିନ୍ତା କରନ୍ତୁ। ସମସ୍ତ ଶିକ୍ଷାର୍ଥୀ କିପରି ପରସ୍ପର ଠାରୁ ଶିଖି ପାରିବାର ସୁଯୋଗ ପାଇବେ ଏବଂ ସେ ଜାଣିଥିବା ବିଷୟବସ୍ତୁ ସମ୍ବନ୍ଧରେ ଆତ୍ମବିଶ୍ୱାସୀ ହେବେ ସେ ସମ୍ବନ୍ଧରେ ନିଶ୍ଚିତ ହୁଅନ୍ତୁ। କେତେକ ଶିକ୍ଷାର୍ଥୀଙ୍କର ଛୋଟ ଦଳ ମଧ୍ୟରେ ଥାଇ ନିଜର ମତାମତକୁ ପ୍ରକାଶ କରିବାରେ ଏବଂ ପ୍ରଶ୍ନ ପଚାରିବାରେ ଆତ୍ମବିଶ୍ୱାସ ରହିବ ମାତ୍ର ସମଗ୍ର ଶ୍ରେଣୀ ସାମନାରେ ନୁହେଁ।

**ପ୍ରଭେଦ ପ୍ରଦର୍ଶନ :** ଭିନ୍ନ ଦଳ ପାଇଁ ଭିନ୍ନ ପ୍ରଶ୍ନ ପଚାରିବା ଦ୍ୱାରା ଶିକ୍ଷାର୍ଥୀମାନେ ଯାହା ଜାଣନ୍ତି ସେହିଠାରୁ ଆରମ୍ଭ କରି ଆଗକୁ ବଢିବେ। ମୁକ୍ତ ଉତ୍ତର ମୂଳକ ପ୍ରଶ୍ନ ବେଳେ ସେମାନେ କୃତିତ୍ୱ ହାସଲ କରିବାର ସୁଯୋଗ ପାଇବେ। ନ୍ୟସ୍ତକାର୍ଯ୍ୟ ପାଇଁ ପସନ୍ଦ ଦିଆଗଲେ, ସେମାନଙ୍କର ନିଜର ଅଧିକାର ଥିବା ଭଳି ଏବଂ ନିଜ ଶିକ୍ଷଣର ଦାୟିତ୍ୱ ନିଜ ଉପରେ ଥିବା ଭଳି ଅନୁଭୂତି ଆସିଥାଏ। ଗୋଟିଏ ବଡ ଶ୍ରେଣୀରେ ପ୍ରତ୍ୟେକ ଛାତ୍ରଛାତ୍ରୀର ବ୍ୟକ୍ତିଗତ ଶିକ୍ଷଣ ଆବଶ୍ୟକତା ପ୍ରତି ଧ୍ୟାନ ଦେବା କଷ୍ଟସାଧ୍ୟ, ମାତ୍ର ବିଭିନ୍ନ ପ୍ରକାରର ନ୍ୟସ୍ତକାର୍ଯ୍ୟ ଓ ଶିକ୍ଷଣ କାର୍ଯ୍ୟର ଉପଯୋଗ କରିବା ଦ୍ୱାରା ତାହା ସମ୍ଭବ ହୋଇଥାଏ।

### ସମ୍ବଳ 11 : NCF/ NCFTE ର ଶିକ୍ଷାଦାନ ଆବଶ୍ୟକତା

NCF (2005)ଓ NCFTE (2009)ର ନିମ୍ନଲିଖିତ ଶିକ୍ଷାଦାନ ଆବଶ୍ୟକତା ସହିତ ଏହି ଏକକଟି ସଂପର୍କିତ ଓ ଏହା ଆପଣଙ୍କୁ ନିମ୍ନଲିଖିତ ଆବଶ୍ୟକତାର ପରିପୂରଣରେ ସହାୟକ ହେବ:

- ଶିକ୍ଷଣକାର୍ଯ୍ୟ ଏକ ମାଧ୍ୟମ ଯାହା ଶିକ୍ଷାର୍ଥୀମାନଙ୍କୁ ସଂଖ୍ୟାର ଧର୍ମକୁ ଖୋଜି ବାହାର କରିବାରେ ସହାୟକ ହୋଇଥାଏ ।
- ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କ ଶିକ୍ଷଣରେ ସକ୍ରିୟ ଅଂଶଗ୍ରହଣକାରୀ ଭାବେ ବିବେଚନା କରିଥାଏ ଓ ସେମାନଙ୍କୁ ଜ୍ଞାନ ସଂରଚନା କରିବାର କ୍ଷମତାକୁ ଉତ୍ସାହିତ କରିଥାଏ ।
- ଶିକ୍ଷାର୍ଥୀମାନେ ଗଣିତକୁ ଏଭଳି ଏକ ପାଠ ଭାବେ ଦେଖିବେ ଯାହା ସଂପର୍କରେ କଥାବାର୍ତ୍ତା କରିହେବ, ଭାବବିନିମୟ କରିହେବ, ନିଜର ନିଷ୍ପତ୍ତିକୁ ଅନ୍ୟମାନଙ୍କ ସହ ଆଲୋଚନା କରିହେବ, ପରସ୍ପର ମଧ୍ୟରେ ଆଲୋଚନା କରିହେବ।

ଗାଣିତିକ କାର୍ଯ୍ୟ କରିବା ବେଳେ ଶିକ୍ଷାର୍ଥୀମାନଙ୍କର ଅଭିଜ୍ଞତାକୁ ସଫଳ ବ୍ୟବହାର କରିବା ।

## Acknowledgements

This content is made available under a Creative Commons Attribution- Share Alike licence (http://creativecommons.org/licences/by-sa/3.0/).unless identified otherwise.

The licence excludes the use of the Tess India, OU and UKAID logos, which may only be unadapted within the TESS_INDIA project.

Every effort has been made to contact copy right owners. If any have been inadvertently overlooked the publishers will be pleased to make the necessary arrangements at the first opportunities.

Key resources include contributions from: Deborah Cooper, Beth Erling, Jo Mutlow, Clare Lee, Kris Stutchbury, Freda Wolfenden and Sandhya Paranjpe.